Follow Us On @
www.ekamaatra.com
editor@ekamaatra.com
ekamaatra@gmail.com
advt@ekamaatra.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Ref. No.: 1304224
Title Code: ODIODI07807




ବିକିନି : ନା ବାବା ନା


ବର୍ଷ-୧ ସଂଖ୍ୟା-୧୪ ୧୭-୨୩ ଏପ୍ରିଲ, ୨୦୧୭ ଭୁବନେଶ୍ୱର • Monday Weekly • VOL-1 ISSUE-14 17th-23rd APRIL, 2017 BHUBANESWAR ₹ 5.00 (8 Pages)


# ଲକ୍ଷ୍ୟ ୨୦୧୯ ‘ଶାସନ କରିବ ବିଜେପି’

**ଭୁବନେଶ୍ୱର :** ତାମିଲନାଡୁ, ପଶ୍ଚିମବଙ୍ଗ ସହ ଓଡ଼ିଶାରେ କ୍ଷମତା ଦଖଲ ନିମନ୍ତେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହା ରାଜନୈତିକ ଖସଡା ପ୍ରସ୍ତୁତ କରିଛନ୍ତି। ଏଥିନିମନ୍ତେ ଅମିତ ଯେଉଁ ନୀଳନକ୍ସା ପ୍ରସ୍ତୁତ କରିଛନ୍ତି ସେଥିରେ ବିଗତ ୧୭ ବର୍ଷର ନବୀନ ବାବୁଙ୍କ ଶାସନରେ ଓଡ଼ିଶାର ବିକାଶ ଘଟିନାହିଁ ବୋଲି ସ୍ଥାନ ପାଇଛି। ତେଣୁ ଆଗାମୀ ଦିନରେ ବିଜେପି ନବୀନଙ୍କୁ ହିଁ ଟାର୍ଗେଟ କରି ୨୦୧୯ରେ ଏଠାରେ କିଭଳି ପଦ୍ମ ଶାସନ କ୍ଷମତାକୁ ଆସିପାରିବ ସେନେଇ ଭୁବନେଶ୍ୱରରେ ଅନୁଷ୍ଠିତ ବିଜେପି ଜାତୀୟ କାର୍ଯ୍ୟକାରିଣୀ ସମିତିରେ ଲକ୍ଷ୍ୟ ସ୍ଥିର କରାଯାଇଛି। ଅମିତ ଦୃଢ଼ୋକ୍ତି କରିଛନ୍ତି ଯେ ୨୦୧୯ରେ ବିଜେପିକୁ ଏଠାରେ ବହୁମତ ନିଶ୍ଚିତ ମିଳିବ। ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ହାସଲ କରିବା ସହିତ ବିଜେପି ଓଡ଼ିଶାରେ ଶାସନ ଭାର ସମ୍ଭାଳିବ। ଏଥିରେ କୌଣସି ଦ୍ୱନ୍ଦ୍ୱ ବା ଆଶଙ୍କା ନାହିଁ। କେନ୍ଦ୍ରରେ ବିଜେପି ସରକାର ଆସିବା ପରେ ପୂର୍ବ ସରକାର ଅପେକ୍ଷା ଓଡ଼ିଶାର ବିକାଶମୂଳକ କାମ ପାଇଁ ଯଥେଷ୍ଟ ଅର୍ଥ ଦିଆଯାଇଛି। ଏସବୁ ସତ୍ତ୍ୱେ ରାଜ୍ୟର ଶଙ୍ଖ ସରକାର କେନ୍ଦ୍ରୀୟ ଅବହେଳା କହି ବିକାଶ ଠାରୁ ବହୁତ ପଛରେ ରହିଛନ୍ତି। ରାଜ୍ୟର ୪୬% ଲୋକ ଏବେବି ଦାରିଦ୍ର୍ୟର ସୀମାରେଖା ତଳେ ରହିଛନ୍ତି। ଓଡ଼ିଶାର ୧୪% ଲୋକଙ୍କ ପାଖରେ ପିଇବା ପାଣି ପହଞ୍ଚି ପାରିନାହିଁ ଏବଂ ୨୨% ପରିବାର ନିକଟରେ ଶୌଚାଳୟ ମଧ୍ୟ ନାହିଁ। ନବୀନ ଶାସନରେ ଓଡ଼ିଶାର ବିକାଶ ଘଟିନାହିଁ। ବରଂ ୧୭ ବର୍ଷରେ ଓଡ଼ିଶାରେ ଏକପ୍ରତିଶତ ଦାରିଦ୍ର୍ୟ ବୃଦ୍ଧି ପାଇଛି। ସେହିଭଳି ରାଜ୍ୟର ୪୧% ପରିବାରରେ ବିଜୁଳି ପହଞ୍ଚିନାହିଁ। ପ୍ରଶାସନିକ ଅପାରଗତା ରାଜ୍ୟ ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରିଛି। ଅନ୍ୟ ବିଜେପି ଶାସିତ ରାଜ୍ୟ ସହ ବିକାଶ କ୍ଷେତ୍ରରେ ଓଡ଼ିଶା ସମକକ୍ଷ ହେବାକୁ ଏଠାରେ ବିଜେପି ଶାସନ କ୍ଷମତାକୁ ଆସିବାର ଆବଶ୍ୟକତା ରହିଛି। ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗରିବ କଲ୍ୟାଣ କାର୍ଯ୍ୟକ୍ରମ ଯୋଜନାରେ ଓଡ଼ିଶାର ଜନସାଧାରଣ ଯେଭଳି ସାମିଲ ହେଉଛନ୍ତି ଆଗାମୀ ୨୦୧୯ ସାଧାରଣ ନିର୍ବାଚନରେ ଓଡ଼ିଶାରେ ନିଶ୍ଚୟ ବିଜେପି ଶାସନ କରିବ। ଏଥିନିମନ୍ତେ ଦଳୀୟ କର୍ମୀ ଏବଂ ରାଜ୍ୟବାସୀ ନିରନ୍ତର ଚେଷ୍ଟା କରିବାକୁ ଆହ୍ୱାନ ଦିଆଯାଇଛି।

ନିଷ୍ଠାପର ଉଦ୍ୟମ ରହିଲେ ସମଗ୍ର ଦେଶର ବିକାଶ ସହିତ ଓଡ଼ିଶାର ବିକାଶ ଘଟିପାରିବ ବୋଲି କହିଛନ୍ତି ଅମିତ ଶାହା। ଦେଶରେ ଜଣେ ବି ଗରିବ ଲୋକ ଥିବା ଯାଏ ସୁବର୍ଣ୍ଣଯୁଗ ଆସିପାରିବ ନାହିଁ। ତେଣୁ ଏକ ସୁବର୍ଣ୍ଣ ଭାରତ ଗଠନ ପାଇଁ ଓଡ଼ିଶାବାସୀଙ୍କ ସହଯୋଗ ଲୋଡ଼ା। କିଛି ଭଲ କାର୍ଯ୍ୟ ଆରମ୍ଭ ବେଳେ ବହୁ ବାଧାବିଘ୍ନ ଆସିଥାଏ। ତେଣୁ ଆଗକୁ ବଢ଼ିବାକୁ ହେଲେ ଏସବୁ ଅତିକ୍ରମ କରିବାକୁ ପଡିବ। ➤ ପୃ-୭





## ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କଲେ ମୋଦି



**ଭୁବନେଶ୍ୱର :** ବିଜେପି ଜାତୀୟ କାର୍ଯ୍ୟକାରିଣୀରେ ଯୋଗଦେବାକୁ ଭୁବନେଶ୍ୱର ଆସିଥିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଶ୍ରେଷ୍ଠ ଶୈବପୀଠ ତଥା ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିଥିଲେ। ପ୍ରଧାନମନ୍ତ୍ରୀ ରବିବାର ସକାଳ ୮ଟା ୫୦ ବେଳେ ଶ୍ରୀଲିଙ୍ଗରାଜ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ବିଜେପି ଉପସଭାପତି ସମୀର ମହାନ୍ତି, ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ସ୍ୱାଗତ କରିଥିଲେ। ମନ୍ଦିର ଭିତରେ ତାଙ୍କ ପାଇଁ ଜଣେ ଗାଇଡ୍‌ଙ୍କ ବ୍ୟବସ୍ଥା କରାଯାଇଥିଲା। ପ୍ରଧାନମନ୍ତ୍ରୀ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ କରିବା ପରେ ବେଢ଼ା ପରିକ୍ରମା କରିଥିଲେ। ➤ ପୃ-୭

## ଓଡ଼ିଶାର ବୀର ପରିବାରଙ୍କୁ ସମ୍ବର୍ଦ୍ଧନା



**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ସକାଳେ ପାଇକ ବିଦ୍ରୋହରେ ସହିଦ ହୋଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ପରିଜନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ମୋଟ ୧୬ଜଣ ସହିଦଙ୍କ ଦାୟାଦଙ୍କୁ ସେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ବକ୍ସି ଜଗବନ୍ଧୁଙ୍କ ଦାୟାଦ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଝିଆରୀ ଉପାସନା, ଖୋର୍ଦ୍ଧା ତାପଙ୍ଗଗଡର ସାମନ୍ତ ମାଧବଚନ୍ଦ୍ର ରାଉତରାୟଙ୍କ ଦାୟାଦ ବିଚିତ୍ରାନନ୍ଦ ରାଉତରାୟ, ଲକ୍ଷ୍ମଣ ନାୟକ, ପୁରୀର ଚନ୍ଦନ ହଜୁରୀ ଚାଖୀ ଖୁଣ୍ଟିଆ, ଖୋର୍ଦ୍ଧାର ପିଣ୍ଡିକେ ବାହୁବଳେନ୍ଦ୍ର ଓ ବାଣପୁରର ଦୀନବନ୍ଧୁ ସାମନ୍ତରାୟ ମହାପାତ୍ରଙ୍କ ଦାୟାଦଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହି ଅବସରରେ ସେ କହିଥିଲେ, ପାଇକ ବିଦ୍ରୋହର ସହିଦଙ୍କ ପରିବାର ଲୋକଙ୍କ ଗହଣରେ ମୁଁ ନିଜକୁ ସୌଭାଗ୍ୟ ମନେ କରୁଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଭାରତର ସ୍ୱାଧୀନତା ସଂଗ୍ରାମ କିଛି ବ୍ୟକ୍ତି ଓ ପରିବାର ମଧ୍ୟରେ ସୀମିତ ହୋଇ ରହିଯାଇଛି।

## ମୋଦିଙ୍କୁ ସାକ୍ଷାତ କଲେନି ନବୀନ

ବିଜେପି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀରେ ଯୋଗଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଆସିଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ ତାଙ୍କର ସାକ୍ଷାତ ହୋଇନାହିଁ। ଏ ବିଷୟରେ ସାମ୍ବାଦିକମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତିକ୍ରିୟା ଜାଣିବାକୁ ଚାହିଁବାରୁ ସେ କହିଥିଲେ ଯେ ମୋଦିଙ୍କର ଏହା ରାଜନୈତିକ କାର୍ଯ୍ୟକ୍ରମ, ତେଣୁ ତାଙ୍କୁ ଭେଟିବାର କୌଣସି ଆବଶ୍ୟକତା ନାହିଁ। ସାଧାରଣତଃ ପ୍ରଧାନମନ୍ତ୍ରୀ ସରକାରୀ କାର୍ଯ୍ୟକ୍ରମରେ ଓଡ଼ିଶା ଗସ୍ତରେ ଆସିବା ସମୟରେ ପ୍ରୋଟୋକଲ ଅନୁସାରେ ବିମାନବନ୍ଦରରେ ତାଙ୍କୁ ମୁଖ୍ୟମନ୍ତ୍ରୀ, ମନ୍ତ୍ରିମଣ୍ଡଳର ବରିଷ୍ଠ ସଭ୍ୟ, ମୁଖ୍ୟ ଶାସନ ସଚିବ, ଡିଜି, ମେୟର ପ୍ରମୁଖ ସ୍ୱାଗତ କରିଥାନ୍ତି। ତେବେ ମୋଦି ଆଜି ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବାରୁ ତାଙ୍କୁ ବିମାନବନ୍ଦରରେ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବ ଆଦିତ୍ୟପ୍ରସାଦ ପାଢ଼ୀ ଏବଂ ପୋଲିସ ମହାନିର୍ଦ୍ଦେଶକ କେ.ବି ସିଂହ ସ୍ୱାଗତ କରିଥିଲେ। ବିଜେପି ରାଜ୍ୟ ସଭାପତି, କେନ୍ଦ୍ରମନ୍ତ୍ରୀ, ଦଳର ବରିଷ୍ଠ ବିଧାୟକ ଓ କାର୍ଯ୍ୟକର୍ତ୍ତା ମୋଦିଙ୍କୁ ସ୍ୱାଗତ କରିବାକୁ ବିମାନବନ୍ଦର ଯାଇଥିଲେ। ହେଲେ ମୁଖ୍ୟମନ୍ତ୍ରୀ, ରାଜ୍ୟ ସରକାରଙ୍କ କୌଣସି ମନ୍ତ୍ରୀ କିମ୍ବା ମେୟର ଯାଇ ନଥିଲେ। ପ୍ରଧାନମନ୍ତ୍ରୀ ରାଜଭବନ ଯିବାପରେ ସେଠାରେ ତାଙ୍କୁ ରାଜ୍ୟପାଳ ଏମ୍ ସି ଜମିର ସ୍ୱାଗତ କରିଥିଲେ।

## ଭୁବନେଶ୍ୱରରେ ଦୁଇଦିନିଆ ଅସ୍ଥାୟୀ ପିଏମ୍‌ଓ

ଦୁଇଦିନ ପାଇଁ ଭୁବନେଶ୍ୱର ପାଲଟିଥିଲା ଦେଶର ଅସ୍ଥାୟୀ ରାଜଧାନୀ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କେନ୍ଦ୍ର ମନ୍ତ୍ରିମଣ୍ଡଳର ଦୁଇ ଡଜନ ସଦସ୍ୟ, ୧୩ ରାଜ୍ୟର ମୁଖ୍ୟମନ୍ତ୍ରୀ, ୪ ଉପମୁଖ୍ୟମନ୍ତ୍ରୀ ଓ ଅନ୍ୟ ରାଜ୍ୟର ବହୁ ବରିଷ୍ଠ ନେତା ଭୁବନେଶ୍ୱରରେ ଡେରା ପକାଇଥିଲେ। ଜନତା ମଇଦାନରେ ପ୍ରଧାନମନ୍ତ୍ରୀଙ୍କ ନିମନ୍ତେ ନିର୍ମାଣ ହୋଇଥିଲା ଅସ୍ଥାୟୀ ପିଏମ୍‌ଓ। ଦିଲ୍ଲୀସ୍ଥିତ ତାଙ୍କର କାର୍ଯ୍ୟାଳୟ ସହ ଏହି ଅସ୍ଥାୟୀ କାର୍ଯ୍ୟାଳୟକୁ ହଟ୍‌ଲାଇନରେ ସଂଯୋଗ କରାଯାଇଥିଲା।

ଭାରତ ସଞ୍ଚାର ନିଗମ ପକ୍ଷରୁ ସମସ୍ତ ବୈଷୟିକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଏଠାରେ ତାଙ୍କ କାର୍ଯ୍ୟାଳୟର ଅଧିକାରୀମାନେ ପହଞ୍ଚିଥିଲେ। ଏପରିକି ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀଙ୍କ ସହ ଏଠାରୁ ଆଲୋଚନା କରିଥିଲେ ପ୍ରଧାନମନ୍ତ୍ରୀ। ଅନ୍ୟପକ୍ଷରେ କେନ୍ଦ୍ର ଗୃହମନ୍ତ୍ରୀ ରାଜନାଥ ସିଂହ, ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲି, ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା, ଶକ୍ତିମନ୍ତ୍ରୀ ପୀୟୂଷ ଗୋଏଲ, ମାନବସମ୍ବଳ ମନ୍ତ୍ରୀ ପ୍ରକାଶ ଜାଭେଡକର, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଭେଙ୍କିଆ ନାଇଡୁ, ସଡକ ଓ ଜାହାଜ ଚଳାଚଳ ମନ୍ତ୍ରୀ ନୀତିନ ଗଡକରୀ, ଜଳସମ୍ପଦ ଓ ଗଙ୍ଗା ପୁନରୁଦ୍ଧାର ମନ୍ତ୍ରୀ ଉମା ଭାରତୀଙ୍କ ସମେତ ବହୁ ମନ୍ତ୍ରୀ ମଧ୍ୟ ଯୋଗ ଦେଇଥିଲେ। ରାଜସ୍ଥାନର ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଡ.ରମଣ ସିଂହ, ଗୋଆ ମୁଖ୍ୟମନ୍ତ୍ରୀ ମନୋହର ପରିକର, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିଶଙ୍କ ସହ ଆସାମ, ମଣିପୁର, ଝାଡଖଣ୍ଡ ଆଦି ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ବିଜେପି ଶାସିତ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ମଧ୍ୟ ଭୁବନେଶ୍ୱରେ ଆସ୍ଥାନ ଜମାଇଥିଲେ। ସାରା ଭାରତର ବିଜେପି ନେତାମାନଙ୍କ ଉପସ୍ଥିତି ଭୁବନେଶ୍ୱରକୁ ଦୁଇଦିନିଆ ଦିଲ୍ଲୀରେ ପରିଣତ କରିଥିଲା। ଏହି ଅବସରରେ ଜାତୀୟ ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ଓଡ଼ିଶା ଗଣମାଧ୍ୟମର ସାମ୍ବାଦିକମାନେ ଏଠାରେ ଠୁଳ ହୋଇଥିଲେ।

## ଯୋଗୀଙ୍କୁ ଦେଖିବାକୁ ପ୍ରବଳ ଭିଡ଼



ବିଜେପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପାଇଁ ଗତ ଶନିବାର ରାଜଧାନୀ ଚଳଚଞ୍ଚଳ ହୋଇଉଠିଥିବା ବେଳେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ଧରି ୧୩ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଆଗମନ ହୋଇଥିଲା। ତେବେ ମୋଦିଙ୍କ ପରେ ଲୋକଙ୍କ ଭିତରେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ ଯୋଗୀଙ୍କୁ ଦେଖିବା ପାଇଁ ପ୍ରବଳ ଆଗ୍ରହ ପରିଲକ୍ଷିତ ହୋଇଥିଲା। ଯୋଗୀଙ୍କ କାମ କରିବା ଶୈଳୀ ପ୍ରତି ଓଡ଼ିଶାର ଜନସାଧାରଣ ଏଭଳି ଆଗ୍ରହକୁ ନେଇ ଆରମ୍ଭ ହୋଇଥିଲା ଚର୍ଚ୍ଚା। ଯୋଗୀ ମୁଖ୍ୟମନ୍ତ୍ରୀ ହେବାର ମାସେ ନପୁରୁଣୁ ସେ ଯେଭଳି ଲୋକପ୍ରିୟତାରେ ଶୀର୍ଷକୁ ଉଠୁଛନ୍ତି ତାହା ପରଖିବା ପାଇଁ ଯୁବବର୍ଗଙ୍କ ମଧ୍ୟରେ ଏକପ୍ରକାର ଉନ୍ମାଦନା ଦେଖାଦେଇଥିଲା।

## ସ୍ମାର୍ଟସିଟିରେ ଗଡ଼ିବ ଇ-ରିକ୍ସା

**ଭୁବନେଶ୍ୱର :** ରାଜଧାନୀ ସହର ମଧ୍ୟରେ ଆଉ ଯାତାୟତ କରିବନି ଯାତ୍ରୀବାହୀ ବସ୍। ସହର ମଧ୍ୟରେ କେବଳ ସିଟିବସ୍ ଚଳାଚଳ କରିବ। ଆଉ ଚାଲିବନି ଅଟୋରିକ୍ସା। ଭୁବନେଶ୍ୱରର ଗଳିକନ୍ଦି (ଫିଡର ରୁଟ୍)ରେ ଲୋକେ ଅଟୋ ବ୍ୟବହାର କରିବେ। ସ୍ମାର୍ଟସିଟି ଲିମିଟେଡ୍ ପକ୍ଷରୁ ଏଭଳି ଅଭିନବ ଯୋଜନା କରାଯାଇଛି। ଏହି ଯୋଜନାକୁ ରାଜଧାନୀର ଅଟୋ ସଂଘ ବିରୋଧ କରିଥିବା ବେଳେ ସ୍ମାର୍ଟସିଟି କର୍ତ୍ତୃପକ୍ଷ କିନ୍ତୁ ଫିଡର ରୁଟ୍‌ରେ ଇ-ରିକ୍ସା ଚଳାଇବାକୁ ଯୋଜନା କରିସାରିଛନ୍ତି। ଏଠାରେ ପ୍ରଦୁଷଣର ମାତ୍ରା ବଢୁଥିବାରୁ ରାଜ୍ୟ ସରକାର ଅଧିକ ପ୍ରଦୁଷଣ ସୃଷ୍ଟି କରୁଥିବା ଗାଡି ଗୁଡିକୁ ବନ୍ଦ କରିବା ପାଇଁ ଯୋଜନା କରିଛନ୍ତି। ଏଥିରେ ଡିଜେଲ ଚାଳିତ ପୁରୁଣା ଅଟୋରିକ୍ସା ରହିଛି। ଏପରିକି ଆଗାମୀ ଦିନରେ ବିଏସ୍-୨ ଓ ବିଏସ୍-୩ ଅଟୋରିକ୍ସା ବନ୍ଦ କରିବାକୁ ଯୋଜନା ହୋଇଛି। ତେଣୁ ଖୁବ୍‌ଶୀଘ୍ର ରାଜଧାନୀରେ ପ୍ରାୟ ୫ଶହ ଇ-ରିକ୍ସା ଚଳାଇବାକୁ ବିଏସ୍‌ସିଏଲ୍ କର୍ତ୍ତୃପକ୍ଷ ଯୋଜନା କରିଛନ୍ତି। ଏହାକୁ ଅନୁମୋଦନ କରିଛନ୍ତି ରାଜ୍ୟ ସରକାର।

## ବିଦ୍ୟାଳୟରେ ମିଳିବ ସ୍ଥାୟୀ ଜାତିଗତ ପ୍ରମାଣପତ୍ର

**ଭୁବନେଶ୍ୱର :** ପଞ୍ଚମ ଶ୍ରେଣୀରେ ପଢୁଥିବା ସମସ୍ତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ସାମାଜିକ ଓ ଶିକ୍ଷାଗତ ଦୃଷ୍ଟିରୁ ପଛୁଆବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ସରକାର ସ୍ୱେଚ୍ଛାକୃତ ଭାବେ ସ୍ଥାୟୀ ଜାତିଗତ ପ୍ରମାଣପତ୍ର ବିଦ୍ୟାଳୟରେ ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାବା ସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳନ ଅବସରରେ ଘୋଷଣା କରିଛନ୍ତି। ପୂର୍ବରୁ ସଂରକ୍ଷିତ ବର୍ଗର ଛାତ୍ରଛାତ୍ରୀ ଜାତିଗତ ପ୍ରମାଣପତ୍ର ହାସଲ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ସେମାନଙ୍କୁ ଏଥିପାଇଁ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡୁଥିଲା। ପ୍ରାଥମିକ ଶ୍ରେଣୀରେ ଏହି ବର୍ଗର ଛାତ୍ରଛାତ୍ରୀଙ୍କ ଉପସ୍ଥାନ ବୃଦ୍ଧି ଏହି ଯୋଜନାର ଅନ୍ୟ ଏକ ଉଦ୍ଦେଶ୍ୟ। ଛାତ୍ରଛାତ୍ରୀଙ୍କୁ ପ୍ରଦତ୍ତ ପ୍ରମାଣପତ୍ରର ଡିଜିଟାଇଜେସନ କରାଯିବ। ➤ ପୃ-୭



ସାହସୀ ଦୁଇ ଭଉଣୀଙ୍କୁ ସମ୍ବର୍ଦ୍ଧିତ କରି ସେଲ୍‌ଫି ନେଲେ ମୁଖ୍ୟମନ୍ତ୍ରୀ

# ସୋସିଆଲ ମିଡିଆ ନା ଆଉ କିଏ ଦାୟୀ ?

## ଭଦ୍ରକ ହିଂସା

**ଭୁବନେଶ୍ୱର :** ଫେସ୍‌ବୁକ୍, ହ୍ୱାଟ୍ସଆପ୍, ଟ୍ୱିଟର ଭଳି ସୋସିଆଲ ମିଡିଆରୁ ସମାଜକୁ ଯେତିକି ଉପକାର ମିଳୁଛି, ସେତିକି ଅପକାର ମଧ୍ୟ ଭୟଙ୍କର ଭାବେ ଦେଖିବାକୁ ମିଳୁଛି। ଏଣୁ ସୋସିଆଲ ମିଡିଆର ଅପବ୍ୟବହାର ଏବେ ସାଧାରଣ ଲୋକଙ୍କ ଚିନ୍ତା ବଢ଼ାଇ ଦେଉଛି। ଏଥିରେ ପୋଷ୍ଟ କରାଯାଉଥିବା ତଥ୍ୟକୁ ସେନ୍‌ସର କରିବା ଭଳି କୌଣସି ବ୍ୟବସ୍ଥା ନଥିବାରୁ ଅନେକ ସମୟରେ ସୋସିଆଲ ମିଡିଆର ପୋଷ୍ଟକୁ ନେଇ ଭଦ୍ରକ ହିଂସା ଭଳି ବିଭିନ୍ନ ଘଟଣା ସଭ୍ୟ ସମାଜରେ ଅସ୍ଥିରତା ସୃଷ୍ଟି କରୁଛି। ଯେହେତୁ ଆମ ଦେଶର ସର୍ଭର ଦ୍ୱାରା ଏହା ନିୟନ୍ତ୍ରିତ ହେଉନୁହେଁ ତେଣୁ ଏଥିରେ ସ୍ଥାନ ପାଉଥିବା ଲେଖା ବା ଛବି ଉପରେ ନଜର ରଖିବା ଏକ ଗହନ ପାଠ। ତଥାପି କୌଣସି ଆପତ୍ତିଜନକ ପୋଷ୍ଟ ବିରୋଧରେ ଭାରତରେ ଆଇନର ଆଶ୍ରୟ ନେବାର ବ୍ୟବସ୍ଥା ରହିଛି। ସୂଚନା ଓ ପ୍ରଯୁକ୍ତି ଆଇନରେ ଧାରା ଅନୁସାରେ ପୋଲିସ ଚାହିଁଲେ ପଦକ୍ଷେପ ଗ୍ରହଣ କରି ଦୋଷୀକୁ ଧରିପାରିବ। ଏଣୁ ମନଇଚ୍ଛା ବା ଫେକ୍ ଖବର ପୋଷ୍ଟ କରୁଥିବା ବ୍ୟକ୍ତିଙ୍କୁ ସାବାଡ କରିବାକୁ ହେଲେ ସୋସିଆଲ ମିଡିଆରେ ସ୍ଥାନ ପାଉଥିବା ତଥ୍ୟ ବା ବାର୍ତ୍ତାର ସେନ୍‌ସର ହେବା ଦରକାର ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏଭଳି ବ୍ୟବସ୍ଥା ସରକାରୀ ସ୍ତରରେ ହେଉ କିମ୍ବା ସେବା ପ୍ରଦାନକାରୀ ସଂସ୍ଥା କରିବ, ତାହା ଏକ ଜଟିଳ ପ୍ରଶ୍ନ ହୋଇଥିଲେ ବି ସୁରକ୍ଷା ଦୃଷ୍ଟିରୁ ସରକାର ଏଦିଗରେ ଉପଯୁକ୍ତ କାର୍ଯ୍ୟପନ୍ଥା ଆପଣାଇବାକୁ ପଡିବ। ➤ ପୃ-୭






# ୪ ଓଡ଼ିଆଙ୍କୁ ମିଳିଲା ପଦ୍ମଶ୍ରୀ



**ନୂଆଦିଲ୍ଲୀ :** ରାଷ୍ଟ୍ରପତି ଭବନରେ ଅଶୋକ ହଲ୍‌ରେ ଅନୁଷ୍ଠିତ ପଦ୍ମ ପୁରସ୍କାରର ଦ୍ୱିତୀୟ ପର୍ଯ୍ୟାୟ ବିତରଣ ଉତ୍ସବରେ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଓଡ଼ିଶାର ୪ଜଣଙ୍କ ସମେତ ଦେଶର ୪୨ ଜଣଙ୍କୁ ପଦ୍ମ ପୁରସ୍କାରରେ ସମ୍ମାନିତ କରିଛନ୍ତି। ରାଷ୍ଟ୍ରପତିଙ୍କ ଠାରୁ ପଦ୍ମ ପୁରସ୍କାର ଗ୍ରହଣ କରିଥିବା ୪ଜଣ ଓଡ଼ିଆ ହେଲେ ବର୍ଷିୟାନ ଅଭିନେତା ତଥା ନିର୍ଦ୍ଦେଶକ ସାଧୁ ମେହେର, ସମ୍ବଲପୁରୀ ଲୋକଗୀତ ଗାୟକ ଡ.ଜିତେନ୍ଦ୍ରୀୟ ହରିପାଲ, ମୋହଲିସ୍ଥିତ ଫେର୍ଟିସ୍ ହସ୍ପିଟାଲରେ ଟ୍ରାନ୍ସପ୍ଲାଣ୍ଟ ସର୍ଜରୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଓଡ଼ିଶା ଜନ୍ମିତ ଡାକ୍ତର ମୁକୁଟ ମିଞ୍ଜ ଓ ଓଡ଼ିଶୀ ନୃତ୍ୟାଙ୍ଗନା ଅରୁଣା ମହାନ୍ତି। ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରିବା ପରେ ୪ ଓଡ଼ିଆ ଖୁସି ପ୍ରକଟ କରିବା ସହିତ ଏଭଳି ମର୍ଯ୍ୟାଦାଜନକ ପୁରସ୍କାର ସେମାନଙ୍କୁ କାର୍ଯ୍ୟ ପ୍ରତି ଆହୁରି ପ୍ରେରଣା ଯୋଗାଇବ ବୋଲି ପ୍ରତିକ୍ରିୟାରେ କହିଥିଲେ। ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ପଦ୍ମ ପୁରସ୍କାର ସମାରୋହରେ କଳା ଓ ସଂଗୀତ ପାଇଁ କେ.ଜେ ୟେସୁଦାସ, ଆଧ୍ୟାତ୍ମ କ୍ଷେତ୍ରରେ ସଦ୍‌ଗୁରୁ ଜାଗି ବାସୁଦେବ, ଜନ ବ୍ୟାପାର ପାଇଁ ସୁନ୍ଦରଲାଲ ପଟ୍ଟୱା (ମରଣୋତ୍ତର)ଙ୍କୁ ପଦ୍ମ ବିଭୂଷଣ, କଳା ଓ ସଂଗୀତ ପାଇଁ ବିଶ୍ୱମୋହନ ଭଟ୍ଟ, ସାହିତ୍ୟ ଓ ଶିକ୍ଷା ପାଇଁ ପ୍ରଫେସର ଦେବୀ ପ୍ରସାଦ ଦ୍ୱିବେଦୀ ଏବଂ ସାହିତ୍ୟ, ଶିକ୍ଷା ଓ ସାମ୍ବାଦିକତା ପାଇଁ ଚୋ ରାମସ୍ୱାମୀ (ମରଣୋତ୍ତର)ଙ୍କୁ ପଦ୍ମ ଭୂଷଣରେ ସମ୍ମାନିତ କରିଥିଲେ।

## ଆଫଗାନିସ୍ତାନର ଆଇଏସ୍ ଆଡ୍ଡା ଉପରେ ଆମେରିକାର ବୋମାମାଡ଼

# ସବୁଠୁ ବଡ଼ ବୋମା ପଡ଼ିଲା

**କାବୁଲ :** ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ ଷ୍ଟେଟସ୍ ଅଫ୍ ଇରାକ ଆଣ୍ଡ ସିରିଆ (ଆଇଏସ୍‌ଆଇଏସ୍-କେ) ବିରୋଧରେ ଆମେରିକା ଆରମ୍ଭ କରିଛି ବଡ଼ ଧରଣର ଲଢ଼େଇ। ଆଫଗାନିସ୍ତାନରେ ସକ୍ରିୟ ଥିବା ଏହି ଆତଙ୍କବାଦୀ ସଂଗଠନକୁ ନିଶାଣ କରି ଆମେରିକା ସବୁଠାରୁ ବୃହତ ଅଣପରମାଣୁ ବୋମା ମାଡ କରିଛି। ଜିବିୟୁ-୪୩/ବି ନାମକ ଏହି ଅଣପରମାଣୁ ବୋମାକୁ ନଙ୍ଗହାର ପ୍ରଦେଶର ଆଚିନ ଜିଲାରେ ପକାଯାଇଛି। ବୋମାଟି 'ଟନେଲ କମ୍ପ୍ଲେକ୍ସ' ଉପରେ ପଡିଛି। ଏହି ଟନେଲରେ ଅନେକ ଗୁମ୍ଫା ଓ ସୁଡଙ୍ଗ ରହିଛି ଯାହାକୁ ଆଇଏସ୍ ଆତଙ୍କବାଦୀମାନେ ବ୍ୟବହାର କରିଆସୁଥିଲେ। ଆଇଏସର ଏହି ଆଡ୍ଡାସ୍ଥଳକୁ ନଷ୍ଟ କରିବା ଉଦ୍ଦେଶ୍ୟରେ ଆମେରିକା ଏହି ବୋମା ମାଡ଼ କରିଛି। ସ୍ଥାନୀୟ ସମୟ ସନ୍ଧ୍ୟା ୭ଟା ୩୨ରେ ଏହାକୁ ପକାଯାଇଥିଲା। ଏହି ବୋମାରେ ଅନେକ ସୁଡଙ୍ଗ ନଷ୍ଟ ହୋଇଥିବାବେଳେ ବହୁ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଇଛି। ବୋମା ପଡିଥିବା ଅଞ୍ଚଳ ପାକିସ୍ତାନ ସୀମାନ୍ତ ତଥା ପେଶାୱାର ଠାରୁ



୧୩୨ କିମି ଦୂରରେ ଅବସ୍ଥିତ। ତେଣୁ ଏହି ବୋମାର ପ୍ରଭାବ ପାକିସ୍ତାନରେ ମଧ୍ୟ ଅନୁଭୂତ ହେବା ଆଶଙ୍କା ରହିଛି। ତାଲିବାନ ବିରୋଧରେ ଆମେରିକା ଅତୀତରେ ଆଫଗାନିସ୍ତାନରେ ଯୁଦ୍ଧ ଚଳାଇ ସଫଳ ହୋଇଥିଲା। ତାଲିବାନ ଦୁର୍ବଳ ହୋଇଯିବା ପରେ ଆଫଗାନିସ୍ତାନ ପାର୍ବତ୍ୟାଞ୍ଚଳରେ ଆଇଏସ୍‌ଆଇଏସ୍ ସେମାନଙ୍କ ଆଡ୍ଡା ତିଆରି କରିଥିଲେ। ବଙ୍କର ଓ ଗୁମ୍ଫା ତିଆରି କରି ବିଶ୍ୱବ୍ୟାପୀ ଆକ୍ରମଣ ଓ ହିଂସାକାଣ୍ଡ ଚଳାଇ ଆସୁଥିଲେ। ଏ ସମ୍ପର୍କରେ ଆମେରିକା ଗୁଇନ୍ଦା ସଂସ୍ଥା ପକ୍ଷରୁ ରିପୋର୍ଟ ସଂଗ୍ରହ କରାଯାଉଥିଲା। ଆଫଗାନିସ୍ତାନର ନଙ୍ଗରହର ଅଞ୍ଚଳରେ ଆଇଏସ ବଙ୍କର ତିଆରି କରି ଅପରେସନ ଚଳାଉଥିବା ସ୍ପଷ୍ଟ ପ୍ରମାଣ ପାଇବା ପରେ ଆମେରିକାର ପ୍ରତିରକ୍ଷା ବିଭାଗ (ପେଣ୍ଟାଗନ) ଏଭଳି ଅତର୍କିତ ଆକ୍ରମଣର ଯୋଜନା କରିଥିଲା। ଆମେରିକା ପ୍ରତିରକ୍ଷା ମୁଖ୍ୟାଳୟ ପେଣ୍ଟାଗନର ମୁଖପାତ୍ର ଆଡାମ ଷ୍ଟମଙ୍କ କହିବା ଅନୁଯାୟୀ ଏହା ସବୁଠାରୁ ବଡ ଅଣପରମାଣୁ ବୋମା। ଜିବିୟୁ-୪୩/ବି ନାମକ ଏହି ବୋମାର ଓଜନ ୨୧ହଜାର ୬୦୦ପାଉଣ୍ଡ (ପ୍ରାୟ ୯,୭୯୭ କିଲୋଗ୍ରାମ)। ଏହା ସମସ୍ତ ବୋମାର ଜନ୍ମଦାତା (ମଦର ଅଫ ଅଲ୍ ବମ୍‌ସ) ବୋଲି କୁହାଯାଇଛି। ବୋମାଟି ଅତ୍ୟନ୍ତ ଭାରି ହୋଇଥିବାରୁ ଏହାକୁ ଲଢୁଆ ବିମାନ ଜରିଆରେ ଆକାଶମାର୍ଗରୁ ନିକ୍ଷେପ କରିବା ସମ୍ଭବପର ନୁହେଁ। ତେଣୁ ଆମେରିକାର କାର୍ଗୋ ଯୁଦ୍ଧବିମାନ ଏମସି-୧୩୦ରୁ ଏହି ବୃହତ ବୋମାକୁ ପକାଯାଇଥିଲା। ଯାହାକୁ ଜିପିଏସ୍ ଦ୍ୱାରା ନିୟନ୍ତ୍ରଣ କରାଯାଇଥିଲା।

## ମୋଦିଙ୍କ ସହ ସେଲ୍‌ଫି ନେଲେ ଟର୍ଣ୍ଣବୁଲ

# ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ୬ ଚୁକ୍ତି ସ୍ୱାକ୍ଷରିତ



**ନୂଆଦିଲ୍ଲୀ :** ଭାରତ ଗସ୍ତରେ ଆସିଥିବା ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ମାଲକମ୍ ଟର୍ଣ୍ଣବୁଲ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଦିଲ୍ଲୀ ମେଟ୍ରୋ ଟ୍ରେନ୍‌ରେ ଯାତ୍ରା କରିଥିଲେ। ଏହି ଅବସରରେ ମୋଦିଙ୍କ ସହ ସେଲ୍‌ଫି ନେଇଥିଲେ ଟର୍ଣ୍ଣବୁଲ। ଉଭୟ ନେତା ମେଟ୍ରୋ ଟ୍ରେନ ଯୋଗେ ଅକ୍ଷରଧାମ ଷ୍ଟେସନରେ ଓହ୍ଲାଇବା ପରେ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ମେଟ୍ରୋରେ ଯାତ୍ରା କରିବା ପୂର୍ବରୁ ସାମ୍ବାଦିକଙ୍କ ସହ ଆଲୋଚନା ସମୟରେ ମାଲକମ୍ କହିଥିଲେ ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱି-ପାକ୍ଷିକ ସମ୍ପର୍କକୁ ଅଧିକ ମଜଭୁତ୍ କରିବା ତାଙ୍କ ଗସ୍ତର ମୁଖ୍ୟଲକ୍ଷ୍ୟ। ନରେନ୍ଦ୍ର ମୋଦି ଭାରତକୁ ବିକାଶପଥରେ ଦ୍ରୁତଗତିରେ ନେଇଯାଉଛନ୍ତି ଏବଂ ତାଙ୍କର ଦୂରଦୃଷ୍ଟି ଯୋଗୁଁ ଭାରତ ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ଦେଶଭାବେ ଉଭା ହୋଇଛି। ଅନ୍ୟ ଏକ ଘଟଣାକ୍ରମରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଛଅଟି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଆତଙ୍କବାଦ ବିରୋଧରେ ଦୁଇଦେଶ ମିଳିତ ଭାବେ କାର୍ଯ୍ୟ କରିବାକୁ ଗୋଟିଏ ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ବେଳେ ଦୁଇଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗିତା ବୃଦ୍ଧି ପାଇଁ ଅନ୍ୟ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ମୋଦି ଓ ଟର୍ଣ୍ଣବୁଲ ଦ୍ୱି-ପାକ୍ଷିକ, ଅନ୍ତର୍ଜାତୀୟ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଅଷ୍ଟ୍ରେଲିଆ ତରଫରୁ ଭାରତକୁ ୟୁରାନିୟମ ଯୋଗାଇ ଦିଆଯିବ ବୋଲି ଟର୍ଣ୍ଣବୁଲ ପ୍ରତିଶ୍ରୁତି ଦେଇଛନ୍ତି। ୨୦୧୫ରେ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଟର୍ଣ୍ଣବୁଲଙ୍କ ଏହା ପ୍ରଥମ ଭାରତ ଗସ୍ତ।

# 'ନିଷେଧ ହେଉ ଗୋହତ୍ୟା'

**ନୂଆଦିଲ୍ଲୀ :** ଗୋହତ୍ୟା ବିରୋଧରେ ସାରା ଦେଶରେ ଗୋଟିଏ ଆଇନ ପ୍ରଣୟନ କରିବାକୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ଦାବି କରିଛନ୍ତି। ଭାଗବତ ଗୋହତ୍ୟାକୁ ଏକ ପାପ ଭାବେ ଅଭିହିତ କରି ଦେଶରେ ଏହାକୁ ନିଷେଧ କରିବାକୁ ଦାବି କରିଛନ୍ତି। ନୂଆଦିଲ୍ଲୀରେ ଭଗବାନ ମହାବୀରଙ୍କ ଜୟନ୍ତୀ ପାଳନ ଅବସରରେ ଭାଗବତ କହିଛନ୍ତି ଗୋରୁଙ୍କୁ ସୁରକ୍ଷା ଦେବା ବେଳେ ଏଭଳି କିଛି କରାଯିବା ଅନୁଚିତ, ଯାହା ଲୋକଙ୍କ ଧାର୍ମିକ ଭାବନାକୁ ଆଘାତ ଦେବ। ହିଂସାତ୍ମକ ଉପାୟ ଆଦୌ ଗ୍ରହଣୀୟ ନୁହେଁ। ଏହା କେବଳ ଏହି ଆନ୍ଦୋଳନକୁ ଦୁର୍ବଳ ଓ ମଳିନ କରୁଛି। ଗୋହତ୍ୟା ନିରୋଧୀ ଆନ୍ଦୋଳନକୁ ଅଧିକ ଜୋରଦାର କରାଯିବା ଆବଶ୍ୟକ। କିନ୍ତୁ ଆଇନ ଓ ସମ୍ବିଧାନ ବାହାରେ କୌଣସି ପ୍ରକାର ପଦକ୍ଷେପ ଗ୍ରହଣୀୟ ନୁହେଁ। ଅନେକ ରାଜ୍ୟରେ ଆର୍‌ଏସ୍‌ଏସ୍ ନେତାମାନେ ପରବର୍ତ୍ତୀ ସମୟରେ ଭାଜପାରେ ଯୋଗଦେଇ କ୍ଷମତାସୀନ ହୋଇଛନ୍ତି। ଉକ୍ତ ସରକାରଗୁଡିକ ଗୋହତ୍ୟା ନିରୋଧୀ ଆଇନ ପ୍ରଣୟନ କରିଛନ୍ତି, ଯାହା ଅନ୍ୟ ରାଜ୍ୟର ସରକାରଗୁଡିକ ପାଇଁ ଅନୁସରଣୀୟ। ଏବେ ସାରା ଦେଶରେ ଗୋହତ୍ୟା ବିରୋଧରେ ଗୋଟିଏ ଆଇନ ପ୍ରଣୟନ କରାଯିବା ଉଚିତ ବୋଲି ଭାଗବତ ମତବ୍ୟକ୍ତ କରିଛନ୍ତି।



# କୋରାନ୍‌ରେ ନାହିଁ 'ତିନି ତଲାକ୍' ନିୟମ

## ମୁହଁ ଖୋଲିଲେ ଉପରାଷ୍ଟ୍ରପତିଙ୍କ ପତ୍ନୀ

**ଆଲିଗଡ଼ :** ତିନି ତଲାକକୁ ନେଇ ଦେଖାଯାଇଥିବା ବିବାଦ ଉପରେ ମୁହଁ ଖୋଲିଛନ୍ତି ଉପରାଷ୍ଟ୍ରପତି ହମିଦ ଅନସାରୀଙ୍କ ପତ୍ନୀ ସଲମା ଅନସାରୀ। ସଲମା କହିଛନ୍ତି ତିନିଥର ତଲାକ ଉଚ୍ଚାରଣ କରି ଛାଡପତ୍ର ଦିଆଯାଇପାରିବ ନାହିଁ। କୋରାନରେ ଏପରି କିଛି ନିୟମ ନାହିଁ ମୁସଲମାନ ମହିଳାମାନେ ମୌଲବୀଙ୍କ ଉପରେ ବିଶ୍ୱାସ କରିବା ପରିବର୍ତ୍ତେ କୋରାନକୁ ଭଲଭାବେ ପାଠ କରିବା ଦରକାର। କୋରାନରେ ଏପରି କିଛି ନିୟମ ନଥିବା ବେଳେ ମୌଲବୀମାନେ ଏହାକୁ ସୃଷ୍ଟି କରିଛନ୍ତି। ସଲମା କହିଛନ୍ତି କୋରାନର ଅନୁବାଦ ପରିବର୍ତ୍ତେ ଆରବ ଭାଷାରେ ଲିଖିତ କୋରାନକୁ ପଢ଼ିଲେ ଜଣେ ଏ ବିଷୟରେ ସବିଶେଷ ଜାଣିପାରିବ। ତଲାକର ବୈଧତା ନେଇ ଦେଶବ୍ୟାପୀ ଚର୍ଚ୍ଚା ଚାଲିଥିବା ବେଳେ ସଲମାନଙ୍କ ଏପରି ମନ୍ତବ୍ୟ ଗୁରୁତ୍ୱପୂର୍ଣ୍ଣ ମନେ ହୋଇଛି। ସଲମା



ଅନସାରୀ କହିଛନ୍ତି ମହିଳାମାନେ ଅନ୍ଧ ଭାବେ କାହାକୁ ଅନୁସରଣ କରିବା ଠିକ୍ ନୁହେଁ। କୋରାନକୁ ଧୈର୍ଯ୍ୟର ସହ ପାଠ କରିବା ପୂର୍ବକ ଏଥିରୁ ଜ୍ଞାନ ଆହରଣ କରିବା ଦରକାର। ଯଦି ସେମାନେ କୋରାନ ନ ପଢ଼ିବେ ତେବେ ସେମାନେ ଅନ୍ୟମାନଙ୍କ ଦ୍ୱାରା ସହଜରେ ପ୍ରଭାବିତ ହୋଇଯିବେ। ତିନି ତଲାକର ବୈଧତାକୁ ନେଇ ମୁସଲମାନ ମହିଳାମାନେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ଏହା ଉପରେ ଦେଶବ୍ୟାପୀ ଚର୍ଚ୍ଚା ଚାଲିଛି। ଅଲ ଇଣ୍ଡିଆ ମୁସଲିମ୍ ପର୍ସନାଲ ଲ'ବୋର୍ଡ (ଏଆଇଏମ୍‌ପିଏଲ୍‌ବି) କହିଛି ଯେ ତିନି ତଲାକ ପ୍ରସଙ୍ଗରେ କୋର୍ଟ କୌଣସି ବିଚାର କରିପାରିବେ ନାହିଁ। ଏହା ନ୍ୟାୟପାଳିକା ପରିସରଭୁକ୍ତ ନୁହେଁ। କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ନିଜର ମତ ସ୍ପଷ୍ଟ କରିଛନ୍ତି। ଗତବର୍ଷ ଅକ୍ଟୋର ୭ରେ କେନ୍ଦ୍ର ସରକାର ସୁପ୍ରିମ୍‌କୋର୍ଟରେ ଦାଖଲ କରିଥିବା ସତ୍ୟପାଠରେ ଲିଙ୍ଗଗତ ସମାନତା ଅଧିକାର ଉପରେ ଗୁରୁତ୍ୱ ଦେଇଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଭେଙ୍କୟା ନାଇଡୁ କହିଛନ୍ତି ଯେ, ତିନି ତଲାକ ଉଚ୍ଛେଦ ପାଇଁ ମୁସଲମାନମାନେ ନିଜ ଭିତରେ ବିଚାରବିମର୍ଷ କରିବା ଦରକାର। ହିନ୍ଦୁମାନେ ବାଲ୍ୟ ବିବାହ, ସତୀଦାହ ଭଳି ପ୍ରଥାକୁ ଉଚ୍ଛେଦ କରିଥିବା ବେଳେ ମୁସଲମାନମାନେ ଅନୁରୂପ ଭାବେ ପଦକ୍ଷେପ ନେବା ଦରକାର। ନିଜର ମହିଳାମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ମୁସଲମାନମାନେ ଆତ୍ମସମୀକ୍ଷା ପୂର୍ବକ ସୁସ୍ଥ ଆଲୋଚନା କରନ୍ତୁ ବୋଲି ନାଇଡୁ କହିଛନ୍ତି। ଗତବର୍ଷ ଡିସେମ୍ବରରେ ଆଲାହାବାଦ ହାଇକୋର୍ଟ ତିନି ତଲାକକୁ ଅସାମ୍ବିଧାନିକ ଦର୍ଶାଇଥିଲେ।

# 'ଭାରତ୍ କେ ବୀର୍' ପୋର୍ଟାଲ




**ନୂଆଦିଲ୍ଲୀ :** ସୀମାନ୍ତରେ ଶହୀଦ ହେଉଥିବା ଦେଶର କେନ୍ଦ୍ରୀୟ ସୁରକ୍ଷା ବାହିନୀ ଯବାନମାନଙ୍କୁ ଆର୍ଥିକ ସହାୟତା ଯୋଗାଇବା ପାଇଁ 'ଭାରତ କେ ବୀର୍'ନାମରେ ଏକ ୱେବ୍‌ପୋର୍ଟାଲ ଏବଂ ଏକ ମୋବାଇଲ୍ ଆପ୍ ପ୍ରସ୍ତୁତ ହୋଇଛି। ଏହାଦ୍ୱାରା ଜନସାଧାରଣ ଶହୀଦଙ୍କ ପରିବାର ସଦସ୍ୟଙ୍କୁ ସିଧାସଳଖ ଅନ୍‌ଲାଇନ୍‌ରେ ଆର୍ଥିକ ସହଯୋଗ କରିପାରିବେ। ଏନେଇ ଅଭିନେତା ଅକ୍ଷୟ କୁମାର ଦେଇଥିବା ପ୍ରସ୍ତାବକୁ ଗ୍ରହଣ କରି କେନ୍ଦ୍ର ସରକାର ଏହି ପୋର୍ଟାଲ୍ ପ୍ରସ୍ତୁତ କରିଛନ୍ତି। ସୌର୍ଯ୍ୟ ଦିବସ ଅବସରରେ ଏଠାରେ ଥିବା ବିଜ୍ଞାନ ଭବନରେ ଏକ କାର୍ଯ୍ୟକ୍ରମ ଜରିଆରେ ରବିବାର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ ଏହାର ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଅଭିନେତା ଅକ୍ଷୟ କୁମାର ମଧ୍ୟ ଉପସ୍ଥିତ ଥିଲେ। ଅକ୍ଷୟଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଏହି ସମୟରେ ସମ୍ମାନିତ କରିଥିଲେ। ଏହି ପୋର୍ଟାଲ ଏବଂ ଆପ୍‌ରେ ଶହୀଦ ଯବାନଙ୍କ ପରିବାରଙ୍କ ବିଷୟରେ ସବିଶେଷ ତଥ୍ୟ ରହିବ। ସେମାନଙ୍କୁ କିଭଳି ଭାବେ ସହାୟତା ରାଶି ଯୋଗାଇ ଦିଆଯିବ ସେନେଇ ସୂଚନା ରହିବ। ଏହାସହ ଶହୀଦଙ୍କ ପରିବାରର ଜଣେ ବ୍ୟକ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଅର୍ଥ ଜମା କରିପାରିବେ। ଆକାଉଣ୍ଟରେ ସର୍ବାଧିକ ୧୫ ଲକ୍ଷ ଟଙ୍କା ଜମା କରାଯାଇପାରିବ। ନିର୍ଦ୍ଧାରିତ ଅର୍ଥ ସୀମା ପୂରଣ ହେବା ପରେ ବ୍ୟାଙ୍କ ଆକାଉଣ୍ଟ ନମ୍ବରଟି ସ୍ୱତଃସ୍ଫୂର୍ତ୍ତ ଭାବେ ସେଠାରୁ ହଟିଯିବ। ୱେବ୍‌ସାଇଟ୍‌ରେ ଶହୀଦଙ୍କ ବୀରତ୍ୱ ସମ୍ପର୍କିତ ତଥ୍ୟ ମଧ୍ୟ ମହଜୁଦ ରହିବ। ସେହିପରି ସଂଘର୍ଷ ବେଳେ ଗୁରୁତର ଆହତ ହୋଇଥିବା ଯବାନମାନଙ୍କ ବିଷୟରେ ମଧ୍ୟ ଏଥିରେ ତଥ୍ୟ ରହିବ। ଫଳରେ ଇଚ୍ଛୁକ ବ୍ୟକ୍ତିମାନେ ସେମାନଙ୍କ ଚିକିତ୍ସା ଲାଗି ଅର୍ଥ ଯୋଗାଇ ପାରିବେ।

# ଲାଡେନ୍ ହତ୍ୟାର ସ୍ପେଶାଲ ଅପରେସନ ତଥ୍ୟ ଲିକ୍

**ନ୍ୟୁୟର୍କ :** କୁଖ୍ୟାତ ଆତଙ୍କବାଦୀ ସଙ୍ଗଠନ ଅଲ୍-କାଏଦା ମୁଖ୍ୟ ଓସାମା ବିନ୍ ଲାଡେନଙ୍କ ମୃତ୍ୟୁକୁ ୬ ବର୍ଷ ବିତିଯାଇଥିଲେ ହେଁ ତାକୁ ନେଇ ଚର୍ଚ୍ଚା ଥମୁନାହିଁ। ଆମେରିକୀୟ ସେନାର ଆକ୍ରମଣରେ ତାଙ୍କ ଶରୀର ଛିନ୍ନ ବିଚ୍ଛିନ୍ନ ହୋଇଯାଇଥିଲା। ଏପରି ଲାଡେନଙ୍କ ପରିଚୟ ସ୍ପଷ୍ଟ କରିବା ପାଇଁ ତାଙ୍କ ଖଣ୍ଡବିଖଣ୍ଡିତ ମୁଣ୍ଡକୁ ଏକତ୍ରିତ କରାଯାଇଥିଲା। ଲାଡେନ୍‌ଙ୍କୁ ହତ୍ୟା କରିଥିବା ଆମେରିକୀୟ ନୌସେନାର ପୂର୍ବତନ ସୈନ୍ୟ ରୋବର୍ଟ ଓ'ନିଲ୍ ଏହି ସୂଚନା ଦେଇଛନ୍ତି। ପୂର୍ବତନ ଶାର୍ପ ଶୁଟର ଓ'ନିଲ୍ ତାଙ୍କର ନୂଆ ପୁସ୍ତକ 'ଦି ଅପରେଟର : ଫାୟାରିଂ ଦି ଶଟ୍‌ସ ଦ୍ୟାଟ୍ କିଲ୍‌ଡ ବିନ୍ ଲାଡେନ୍'ରେ ଲେଖିଛନ୍ତି, ୯/୧୧ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଅଲ୍ କାଏଦା ମୁଖ୍ୟ ଲାଡେନଙ୍କୁ ହତ୍ୟା କରିବା ପାଇଁ ସି, ଏୟାର ଆଣ୍ଡ ଲ୍ୟାଣ୍ଡ



(ଏସ୍‌ଏଆଇଏଲ୍) ଟିମ୍‌କୁ ଦାୟିତ୍ୱ ଦିଆଯାଇଥିଲା। ୨୦୧୧ ମେ' ୨ ରାତିରେ ପାକିସ୍ତାନର ଆବୋଟାବାଦରେ ଏସ୍‌ଆଇଏଲ୍‌ର ୬ ସୈନ୍ୟ ଏହି ଅପରେଶନ ଚଳାଇଥିଲେ। ସେମାନଙ୍କ ମଧ୍ୟରେ ସେ ସାମିଲ ଥିଲେ। ସୈନ୍ୟମାନେ ଲାଡେନ ଥିବା ସ୍ଥାନରେ ପ୍ରବେଶ କରିବା ପରେ ତାଙ୍କ ପୁଅ ଖାଲିଦଙ୍କୁ ଦେଖିବାକୁ ପାଇଥିଲେ। ଖାଲିଦ ଗୋଟିଏ ଏକେ୪୭ ଧରି ଜଙ୍ଗଲରେ ଲୁଚିଥିଲେ। ଏସ୍‌ଆଇଏଲ୍ ଏଜେଣ୍ଟମାନେ ତାଙ୍କୁ ଛଳନା କରି ଆରବୀ ଭାଷାରେ ଡାକିଥିଲେ। ଖାଲିଦ ଉପରକୁ ଆସିବା ମାତ୍ରେ ସେମାନେ ଗୁଳି ଚଳାଇଥିଲେ। ପରେ ସେମାନେ ସବୁ ଶିଡି ଚଢ଼ି ଲାଡେନ ଲୁଚିଥିବା ସ୍ଥାନରେ ପହଞ୍ଚିଥିଲେ। ସେଠାରେ ତାଙ୍କ ୩ ପତ୍ନୀ ଓ ୧୭ ସନ୍ତାନସନ୍ତତି ମଧ୍ୟ ଥିଲେ। ତୃତୀୟ ମହଲାର ଲାଡେନ ଥିଲେ। ତାଙ୍କ ଉପରକୁ ଓ'ନିଲ ଏକୁଟିଆ ୫ ରୁ ୬ ରାଉଣ୍ଡ ଗୁଳି ଚଳାଇଥିଲେ। ଏଥିରୁ ୩ଟି ଗୁଳି ଲାଡେନଙ୍କ ମୁଣ୍ଡରେ ବାଜିଥିଲା। ଲାଡେନଙ୍କ ମୁଣ୍ଡ ବିକ୍ଷିପ୍ତ ହୋଇ ଏଠିସେଠି ପଡିଥିଲା। ଓ'ନିଲ ସ୍ପେଶାଲ ଅପରେଶନ ସମ୍ପର୍କିତ ତଥ୍ୟ ସାର୍ବଜନୀନ କରିଥିବାରୁ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି।

## ବୁଲେଟ୍ ଟ୍ରେନ୍ ପାଇଁ ସମସ୍ୟା ସରିଲା

# ଜମି ଦେବା ପାଇଁ ରାଜି ହେଲେ ମହାରାଷ୍ଟ୍ର ସରକାର

**ନୂଆଦିଲ୍ଲୀ :** ମୋଦି ସରକାରଙ୍କ ମହାତାକାଂକ୍ଷା ଯୋଜନା ବୁଲେଟ୍ ଟ୍ରେନ୍ ପାଇଁ ରହିଥିବା ଏକ ବଡ ସମସ୍ୟାର ଅନ୍ତ ଘଟିଛି। ଏହି ଯୋଜନା ପାଇଁ ବାନ୍ଦ୍ରା-କୁର୍ଲା (ବିକେସି) ପରିସରରେ ଜମି ପ୍ରଦାନ ପାଇଁ ମହାରାଷ୍ଟ୍ର ସରକାର ରାଜି ହୋଇଛନ୍ତି। ବିକେସିରେ ମୁମ୍ବାଇ-ଅହମ୍ମଦାବାଦ ହାଇସ୍ପିଡ କରିଡରର ପ୍ରାରମ୍ଭ କେନ୍ଦ୍ର ତିଆରି ହେବ। ଏହିଠାରୁ ଅଣ୍ଡରଗ୍ରାଉଣ୍ଡ ରେଲୱେ ଷ୍ଟେସନ ନିର୍ମାଣ କରାଯିବାର ଯୋଜନା ରହିଛି। ତେବେ ଏଠି ଜମି ନେଇ ଭାରତୀୟ ରେଲବାଇ ଏବଂ ମୁମ୍ବାଇ ମହାନଗର କ୍ଷେତ୍ରୀୟ ବିକାଶ ପ୍ରାଧୀକରଣ (ଏମ୍‌ଏମ୍‌ଆରଡିଏ) ମଧ୍ୟରେ ବିବାଦ ଚାଲିଥିଲା। ଏଠାରେ ଇଣ୍ଟରନ୍ୟାସନାଲ ଫାଇନାନ୍ସିଆଲ ସର୍ଭିସ ସେଣ୍ଟର (ଆଇଏଫ୍‌ଏସ୍‌ସି) ନିର୍ମାଣ ପାଇଁ ପୂର୍ବରୁ ଏମ୍‌ଏମ୍‌ଆରଡିଏ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏବେ ଭୂମି ତଳେ



ଷ୍ଟେସନ ଏବଂ ଜମି ଉପରେ ଆଇଏଫ୍‌ଏସ୍‌ସି ନିର୍ମାଣ ହେବ। ସୂଚନା ଅନୁସାରେ ବିକେସିଠାରୁ ବୁଲେଟ୍ ଟ୍ରେନ୍ ଅଣ୍ଡରଗ୍ରାଉଣ୍ଡରେ ୨୧ କିମି ସମୁଦ୍ର ତଳ ସୁଡଙ୍ଗରେ ଯିବା ପରେ ମୁମ୍ବାଇ ନିକଟ ଠାଣେଠାରେ ଭୂମି ଉପରକୁ ବାହାରିବ। ୫୦୮ କିଲୋମିଟରର ଲମ୍ବା ରେଳ ରାସ୍ତାରେ ମୋଟ୍ ୧୨ ଷ୍ଟେସନ ରହିବ। ଏଥିମଧ୍ୟରୁ ମହାରାଷ୍ଟ୍ରରେ ୪ଟି ଏବଂ ଗୁଜରାଟରେ ୮ଟି ଷ୍ଟେସନ ରହିବ।

# 'ମୋଗ୍‌ଲି'କୁ ମିଳିଲା ନୂଆ ନାଁ

**ନୂଆଦିଲ୍ଲୀ :** ଗତ ଜାନୁଆରୀ ୨୫ରେ ଉତ୍ତରପ୍ରଦେଶର ଘଞ୍ଚ କର୍ତ୍ତର୍ଣ୍ଣିଆଘାଟ ସଂରକ୍ଷିତ ଜଙ୍ଗଲରେ ମାଙ୍କଡଙ୍କ ଗହଣରୁ ଉଦ୍ଧାର ହୋଇଥିବା ନାବାଳିକାକୁ ଡାକ୍ତରଖାନାରୁ ଲକ୍ଷ୍ନୌସ୍ଥିତ 'ବେଲୁନ୍‌ସ' ନାମକ ମାନସିକ ଭିନ୍ନକ୍ଷମ ଆଶ୍ରୟ ଗୃହକୁ ସ୍ଥାନାନ୍ତର କରାଯାଇଛି। ଜଙ୍ଗଲରେ ମାଙ୍କଡଙ୍କ ମେଳରେ ଡିଆଁକୁଦା କରି ବେଶ୍ ଆରାମରେ ଥିବା ଏହି ଜଙ୍ଗଲୀ ଝିଅଟିକୁ କେହି କେହି 'ବାଳିକା ମୋଗ୍‌ଲି' ବୋଲି କହୁଥିବା ବେଳେ କେହି କେହି 'ବନ ଦୁର୍ଗା' ବୋଲି ମଧ୍ୟ ଆଖ୍ୟା ଦେଇଥିଲେ। ପରେ ତା'କୁ ଶ୍ରଦ୍ଧାରେ ଅନେକ 'ପୂଜା' ବୋଲି ସମ୍ବୋଧିତ କରୁଥିବା ବେଳେ ଏବେ ତା'ର ଚତୁର୍ଥ ନାମ 'ଏହସାସ୍' ରଖାଯାଇଛି। ଆଶ୍ରୟ ଗୃହ 'ବେଲୁନ୍‌ସ'କୁ ପରିଚାଳନା କରୁଥିବା ନିର୍ବାଣ ସଂଗଠନର ସଭାପତି ସୁରେଶ ଧାପୋଲାଙ୍କ କହିବାନୁଯାୟୀ, ବାଳିକାଟି କେଉଁ ଧାର୍ମିକ ସମ୍ପ୍ରଦାୟର ତାହା ଜଣାପଡିନାହିଁ। ତେଣୁ କୌଣସି ନିର୍ଦ୍ଦିଷ୍ଟ ଧର୍ମକୁ ଭିତ୍ତିକରି ତା'ର ନାମକରଣ କରାନଯାଇ ସମସ୍ତଙ୍କୁ ସୁହାଇଲା ପରି ଏପରି ଏକ ସାଧାରଣ ନାମ ରଖାଯାଇଛି। ତେବେ ଝିଅଟିର ବର୍ତ୍ତମାନ ଏକମାତ୍ର ସମସ୍ୟା ହେଲା ସେ ସଭ୍ୟ ମଣିଷ ସମାଜ ଚଳଣି ପ୍ରତି ସମ୍ପୂର୍ଣ୍ଣ ଅଜ୍ଞ ରହିଛି। ତେଣୁ ଠିକ୍‌ରେ ତା'ଠାରୁ ବୁଝିବା ବା ତା'ସହ ଭାବ ବିନିମୟ କରିବା ସମ୍ଭବ ହେଉନି। ସୁତରାଂ ସେ କେଉଁଠି କାହା ସହିତ ଦିନ କାଟୁଥିଲା ତାହା କହିବା କଷ୍ଟକର। ଅପରପକ୍ଷରେ ଉତ୍ତରପ୍ରଦେଶର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ରୀତା ବହୁଗୁଣା ଯୋଶୀ ଉକ୍ତ ଆଶ୍ରୟ ଗୃହ ପରିଦର୍ଶନ କରି 'ଏହସାସ୍'କୁ ଭେଟିଥିଲେ। ଜଣେ ଡାକ୍ତର ମଧ୍ୟ ସେଠାକୁ ଯାଇ ତା'ର ରକ୍ତ ନମୂନା ସଂଗ୍ରହ କରିଥିଲେ। କାରଣ ତା'କୁ ବନ୍ୟଜନ୍ତୁଙ୍କ ଗହଣରୁ ଉଦ୍ଧାର କରାଯାଇଥିବାରୁ ତା'ଠାରେ ଜଳାତଙ୍କ ରୋଗ (ରାବିଜ୍)ର ଭୂତାଣୁ ସଂକ୍ରମିତ ହୋଇଥିବାର ଯଥେଷ୍ଟ ଆଶଙ୍କା ରହିଛି। ସେ ଚିକିତ୍ସିତ ହେଉଥିବା ବାରାଇକ୍ ହସ୍ପିଟାଲ ପକ୍ଷରୁ ତା'ର ବୟସ ୧୧ ବର୍ଷ ହେବ ବୋଲି କୁହାଯାଇଛି। ଏବେ ଏହସାସ୍ ଅନ୍ୟ ପିଲାମାନଙ୍କ ସହ ରହି ଅଭ୍ୟାସ ଗଠନ ପ୍ରଣାଳୀ ମାଧ୍ୟମରେ ତା'କୁ ଶିଖିବାକୁ ଦିଆଯିବ। ପ୍ରଥମେ ସେ ଦାନ୍ତ ଘଷିବା ଶିଖିବ ବୋଲି କୁହାଯାଇଛି।



# ମୋଟର ଯାନ ବିଲ୍ ଗୃହୀତ

## ନିୟମ ଉଲ୍ଲଙ୍ଘନ କଲେ କଠୋର ଦଣ୍ଡ

**ନୂଆଦିଲ୍ଲୀ :** ଲୋକସଭାରେ ମୋଟର ଯାନ (ସଂଶୋଧନ), ୨୦୧୬ ବିଲ୍ ପାରିତ ହୋଇଯାଇଛି। ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନକାରୀଙ୍କ ପାଇଁ ଏହି ବିଲ୍‌ରେ କଠୋର ଦଣ୍ଡବିଧାନ କରାଯାଇଛି। ବିଲ୍ ନିୟମରେ ପରିଣଥ ହେଲେ କୌଣସି ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନକାରୀ ସହଜରେ ଖସିପାରିବେନି। ଯେଉଁମାନେ ଧରାପଡିବେ ସେମାନଙ୍କୁ ବିପୁଳ ପରିମାଣର ଜରିମାନା ଗଣିବାକୁ ପଡିବ। ନାବାଳକ ଗାଡି ଚାଳନା କରି ବଡ ଧରଣର ଦୁର୍ଘଟଣା ଘଟାଇଲେ ପିତାମାତାଙ୍କୁ ୩ ବର୍ଷର ଜେଲ୍ ଦଣ୍ଡ ମିଳିବ। ମୋଟର ଯାନ କ୍ଷେତ୍ରରେ ୧୦୦ ପ୍ରତିଶତ ଇ-ଗଭର୍ଣ୍ଣାସ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ଜାଲ୍ ଡ୍ରାଇଭିଂ ଲାଇସେନ୍ସ ହାସଲ କରିବା କାଠିକର ପାଠ ହୋଇଯିବ। ଗାଡି ଚୋରି କରିବା ସହଜ ହେବନାହିଁ। ଆଉ ସବୁଠୁ ଭଲ କଥାଟି ହେଉଛି ସାହାଯ୍ୟକାରୀ ବ୍ୟକ୍ତିଙ୍କ ସ୍ୱାର୍ଥକୁ ସୁରକ୍ଷା ପ୍ରଦାନ କରାଯିବ। ବାଚନିକ ଭୋଟ୍‌ରେ ବିଲ୍ ପାସ୍ ହୋଇଛି। ବିରୋଧୀ ସଦସ୍ୟଙ୍କ ସବୁ ପ୍ରକାର ସଂଶୋଧନ ପ୍ରସ୍ତାବକୁ ସରକାର ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଚିଠା ବିଲ୍‌ରେ ରହିଥିବା ବ୍ୟବସ୍ଥା ଅନୁଯାୟୀ, ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ ବେଳେ ଏକ ପ୍ରକାର ନିୟମ ସମସ୍ତଙ୍କ ପାଇଁ ଲାଗୁ କରାଯିବ। ଭିଆଇପି ହୁଅନ୍ତୁ ଅଥବା ରାଜନେତା ଡ୍ରାଇଭିଂ ଲାଇସେନ୍ସ ନେବାକୁ ହେଲେ ନିଶ୍ଚିତ ପରୀକ୍ଷା ଦେବାକୁ ପଡିବ। ଆଉ କେହି ଘରେ ବସି ଡ୍ରାଇଭିଂ ଲାଇସେନ୍ସ ପାଇବେ ନାହିଁ। ତେବେ ଲର୍ନର୍ସ ଲାଇସେନ୍ସ ଘରେ ବସି ଅନ୍‌ଲାଇନରେ ହାସଲ କରାଯାଇପାରିବ। ଯୋଗ୍ୟ ଆବେଦନକାରୀଙ୍କୁ ଲାଇସେନ୍ସ ଜାରି କରିବାରେ ଜାଣିଶୁଣି ବିଳମ୍ବ କଲେ ଆରଟିଓ ଅଧିକାରୀ ଦଣ୍ଡିତ ହେବେ। ସବୁ କାଗଜପତ୍ର ଠିକ୍ ଥିଲେ ୩ଦିନ ଭିତରେ ଲାଇସେନ୍ସ ମିଳିବ। ଥାର୍ଡ ପାର୍ଟି ମୋଟର ବୀମାରେ ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ କ୍ଷତିପୂରଣର ସର୍ବାଧିକ ସୀମା ୧୦ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି। ଗୁରୁତର ଭାବେ ଆହତ ହୋଇ ଭିନ୍ନକ୍ଷମ ହୋଇଗଲେ ସର୍ବାଧିକ ୫ଲକ୍ଷ ଟଙ୍କାର କ୍ଷତିପୂରଣ ମିଳିବ। ଦେଶରେ ଏକ ମୋଟର ଯାନ ବୀମା ଫଣ୍ଡ ଗଠନ କରିବାର ବ୍ୟବସ୍ଥା ରହିଛି। ଏହି ପାଣ୍ଠିର ଅର୍ଥକୁ ଏକ ନିର୍ଦ୍ଦିଷ୍ଟ ପ୍ରକାର ଦୁର୍ଘଟଣାରେ ପ୍ରାଣ ହରାଉଥିବା ଲୋକଙ୍କ ସମ୍ପର୍କୀୟଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରାଯିବ। ମୋଟର ଯାନ ନିର୍ମାଣ କରୁଥିବା କମ୍ପାନୀଗୁଡିକ ପାଇଁ ମଧ୍ୟ କଡା ନିୟମ ବିଲ୍‌ରେ ରହିଛି। କୌଣସି କମ୍ପାନୀର ଯାନରେ ନିର୍ମାଣ ତ୍ରୁଟି ରହିଥିଲେ କମ୍ପାନୀକୁ ସବୁ ତ୍ରୁଟିପୂର୍ଣ୍ଣ ଗାଡି ପ୍ରତ୍ୟାହାର କରିବାକୁ ପଡିବ। ପରିବହନ ଲାଇସେନ୍ସ ହାସଲ କରିବା ପାଇଁ ଶିକ୍ଷାଗତ ଯୋଗ୍ୟତା ଦରକାର ନାହିଁ। ଓଲା, ଉବର ଭଳି ଟାକ୍ସି ଏଗ୍ରିଗେଟରମାନଙ୍କ ପାଇଁ ରାଜ୍ୟ ସରକାର କେନ୍ଦ୍ର ଦ୍ୱାରା ପ୍ରସ୍ତୁତ ଗାଇଡ୍‌ଲାଇନ୍ ଜରିଆରେ ଲାଇସେନ୍ସ ଜାରି କରିବେ। ମୋଟର ଯାନ ବିଲ୍, ୧୯୮୮ ସ୍ଥାନରେ ନୂତନ ବିଲ୍ ଲାଗୁ ହେବ। ଗତବର୍ଷ ଅଗଷ୍ଟରେ ମୋଟର ଯାନ (ସଂଶୋଧନ) ବିଲ୍ ଲୋକସଭାରେ ଉପସ୍ଥାପନ କରାଯାଇଥିଲା।




# ଦୁଇରୁ ଅଧିକ ସନ୍ତାନ ଥିଲେ ସରକାରୀ ଚାକିରି ମନା

**ଗୁଆହାଟୀ :** ଦୁଇରୁ ଅଧିକ ସନ୍ତାନ ଥିଲେ ଏଣିକି ଆସାରେ ସରକାରୀ ଚାକିରି ମିଳିବ ନାହିଁ। ତା' ସହିତ ଚାକିରି କାଳ ଭିତରେ କେହି ମଧ୍ୟ ଦୁଇରୁ ଅଧିକ ସନ୍ତାନ ଜନ୍ମ ଦେଇପାରିବେ ନାହିଁ। ଆସାମ ସରକାର ଏଭଳି ଚିଠ ଜନସଂଖ୍ୟା ନୀତି ପ୍ରସ୍ତୁତ କରିଛନ୍ତି। ଚିଠା ନୀତିରେ ବିଶ୍ୱବିଦ୍ୟାଳୟସ୍ତର ପର୍ଯ୍ୟନ୍ତ ସବୁ କନ୍ୟାଙ୍କୁ ମାଗଣା ଶିକ୍ଷା ପ୍ରଦାନର ବ୍ୟବସ୍ଥା ମଧ୍ୟ ରହିଛି। ଆସାମର ଶିକ୍ଷା ତଥା ସ୍ୱାସ୍ଥ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ସାମ୍ବାଦିକଙ୍କୁ ସୂଚନା ଦେଇ କହିଛନ୍ତି ଯେ, ବିଭନ୍ନ ସ୍ତରରେ ନିଯୁକ୍ତି ସୁଯୋଗ, ଟ୍ରାକ୍ଟର ଆବଣ୍ଟନ, ଗୃହ ଯୋଗାଣ ଓ ଅନ୍ୟ ସରକାରୀ ଯୋଜନାରେ ଦୁଇ ସନ୍ତାନ ନୀତି କଡାକଡି ଭାବେ ଲାଗୁ କରାଯିବ। ସେହିଭଳି ପଞ୍ଚାୟତ, ମ୍ୟୁନିସିପାଲିଟି ଓ ଅନ୍ୟ ସ୍ୱୟଂଶାସିତ ସଂସ୍ଥାର ନିର୍ବାଚନ ପାଇଁ ମଧ୍ୟ ଏହି ନୀତି କାର୍ଯ୍ୟକାରୀ କରାଯିବ। ବାଳିକାଙ୍କୁ ବିଶ୍ୱବିଦ୍ୟାଳୟସ୍ତର ପର୍ଯ୍ୟନ୍ତ ମାଗଣା ଶିକ୍ଷା ସହିତ ସେମାନଙ୍କୁ ମାଗଣା ପୋଷାକ ଓ ବହିଖାତା ଯୋଗାଣ, ବସରେ ଯିବା ଆସିବା, ମେସ କିମ୍ବା ହଷ୍ଟେଲ ବାବଦ ଖର୍ଚ୍ଚ ମଧ୍ୟ ସରକାର ବହନ କରିବେ। ଏହାଦ୍ୱାରା ରାଜ୍ୟରେ ଦେଖାଦେଇଥିବା କନ୍ୟା ସନ୍ତାନ ଡ୍ରପ ଆଉଟ୍ ସମ୍ୟା ଦୂର ହୋଇପାରିବ। ସେହିପରି ଯେଉଁମାନେ ବାଲ୍ୟ ବିବାହ କରିବେ ସେମାନଙ୍କୁ ସରକାରୀ ଚାକିରିରେ ନିଯୁକ୍ତି ସୁଯୋଗ ମିଳିବ ନାହିଁ। ତା'ସହିତ ମହିଳାଙ୍କ ପ୍ରତି ହେଉଥିବା ଯୌନ ନିର୍ଯାତନା ବିରୋଧରେ କଠୋର ନିୟମ ଅଣାଯିବ। ଶ୍ରୀ ଶର୍ମା କହିଛନ୍ତି ଯେ, ଯେଉଁ ଗରିବ ଲୋକମାନେ ସେମାନଙ୍କ ବୃଦ୍ଧ ପିତାମାତାଙ୍କ ସେବାଯତ୍ନ କରୁଛନ୍ତି ସେମାନଙ୍କ ପାଇଁ ସରକାରୀ ସହାୟତା ଯୋଗାଇ ଦିଆଯିବ। ନିର୍ବାଚନ କିମ୍ବା ସରକାରୀ ଚାକିରିରେ ମହିଳାଙ୍କ ଲାଗି ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ ବିଷୟରେ ବିଚାର କରାଯାଉଥିବା ସେ ସୂଚନା ଦେଇଛନ୍ତି। ଆସନ୍ତା ଜୁଲାଇ ମାସ ସୁଦ୍ଧ ସରକାର ଏ ସମ୍ପର୍କରେ ଜନସାଧାରଣଙ୍କ ଠାରୁ ମତାମତ ଲୋଡିବେ। ମତାମତ ମିଳିବା ପରେ ବିଧାନସଭାରେ ଏହା ଉପରେ ବିଲ୍ ଗୃହୀତ ହେବା ପରେ ତାକୁ କାର୍ଯ୍ୟକାରୀ କରାଯିବ। ଏସବୁ ପ୍ରକ୍ରିୟା ପ୍ରାୟ ୩ ବର୍ଷ ଲାଗିବ। ସମୟସାପେକ୍ଷ ହୋଇଥିଲେ ମଧ୍ୟ ସରକାର ଏହାକୁ କାର୍ଯ୍ୟକାରୀ କରିବେ ଏବଂ ୨୦୧୧ ବିଧାନସଭା ନିର୍ବାଚନ ପୂର୍ବରୁ ତାହା କାର୍ଯ୍ୟକାରୀ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ଶର୍ମା ଆଶା ପ୍ରକାଶ କରିଥିବା କହିଛନ୍ତି।







# ବଦଳିଲା ବିଜେଡି ଛାତ୍ର, ଯୁବ ନେତୃତ୍ୱ

**ଭୁବନେଶ୍ୱର :** ପଞ୍ଚାୟତ ନିର୍ବାଚନର ଝଟ୍‌କା ପରେ ବିଜୁ ଜନତା ଦଳ ଏହାର ସାଙ୍ଗଠନିକ ସ୍ଥିତିରେ ପରିବର୍ତ୍ତନ ଆଣିଛି। ଦୀର୍ଘ ଦିନ ଧରି ଯୁବ ଓ ଛାତ୍ର ବିଜେଡ଼ିରେ ପରିବର୍ତ୍ତନ ହେବ ବୋଲି ଦଳ ଭିତରେ ଚର୍ଚ୍ଚା ଚାଲିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏହି ଦୁଇଟି ସଙ୍ଗଠନର ପୁନର୍ବିନ୍ୟାସ କରାଯାଇଛି। ବିଜୁ ଛାତ୍ର ଜନତା ଦଳର ରାଜ୍ୟ ଉପସଭାପତି ଥିବା ଅମରେଶ ପତ୍ରୀଙ୍କୁ ରାଜ୍ୟ ଯୁବ ଜନତା ଦଳର ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ମନ୍ତ୍ରୀ ସଞ୍ଜୟ ଦାସବର୍ମା ୨୦୦୮ ମସିହାରୁ ଏହି ପଦରେ ଥିଲେ। ସେହିପରି କାର୍ଯ୍ୟକାରୀ ସଭାପତି ଭାବେ ସଞ୍ଜୀତ ମହାନ୍ତିଙ୍କୁ ନିଯୁକ୍ତ କରାଯାଇଛି। ଶିଶିର ପରିଜାଙ୍କୁ ମହାସଚିବ ଭାବେ ଅବସ୍ଥାପିତ କରାଯାଇଛି। ବିଜୁ ଯୁବ ଜନତାର ଉପଦେଷ୍ଟା ଭାବେ ପୂର୍ବତନ ଛାତ୍ର ଜନତା ସଭାପତି ବିଧାୟକ ବ୍ୟୋମକେଶ ରାୟ, ପ୍ରଣବ ବଳବନ୍ତ ରାୟ, ଅନୁଭବ ପଟ୍ଟନାୟକ ଓ ମାନସ ମାଡ଼କାମୀଙ୍କୁ ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ଯୁବ ବିଧାୟକଙ୍କ ଭିତରରୁ ବିଜୁ ଯୁବ ଜନତା ଓ ଛାତ୍ର ଜନତାର ସଭାପତି ମନୋନୟକ କରାଯାଉଥିବାବେଳେ ଏବେ ସେ ପରମ୍ପରାକୁ ଭାଙ୍ଗିଦିଆଯାଇଛି। ଏକ ସମୟରେ ରାଜ୍ୟ ସଙ୍ଗଠନ ଓ ବିଧାନସଭା ନିର୍ବାଚନମଣ୍ଡଳୀ ଦାୟତ୍ୱ ଯୋଗୁଁ ଚାପରେ ରହିବା ଓ କାର୍ଯ୍ୟଭାର ଠିକଣା ଭାବେ ତୁଲାଇବା ସମ୍ଭବ ହେଉ ନଥିବା କାରଣରୁ ଦାୟିତ୍ୱ ବିଭାଜନ ତଥା କ୍ଷମତା ବିକେନ୍ଦ୍ରୀକରଣ ପାଇଁ ଏପରି ପଦକ୍ଷେପ ଗ୍ରହଣ କରାଯାଇଥିବା କୁହାଯାଉଛି। ସେହିପରି ବିଜୁ ଛାତ୍ର ଜନତା ଦଳର ସଭାପତି ଭାବେ ରାଣାପ୍ରତାପ ପାତ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ଶ୍ରୀ ପାତ୍ର ପୂର୍ବରୁ ଭୁବନେଶ୍ୱର ଜିଲା ଛାତ୍ର ଜନତାର ସଭାପତି ଥିଲେ। ଦେବୀରଞ୍ଜନ ତ୍ରିପାଠୀଙ୍କୁ ଛାତ୍ର ଜନତା ଦଳର କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ତେବେ କଂଗ୍ରେସ ଛାଡ଼ି ବିଜେଡ଼ିରେ ମିଶିଥିବା ଚିନ୍ମୟ ସାହୁଙ୍କୁ ଛାତ୍ର ବିଜେଡ଼ିର ଉପଦେଷ୍ଟା ଭାବେ ଦାୟିତ୍ୱ ଦିଆଯାଇଛି। ବିଜୁ ଛାତ୍ର ଜନତାର ଉପସଭାପତି ଭାବେ ୬ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି ଧନଞ୍ଜୟ ରାଓ, ଅବିନାଶ ପଟେଲ, ରାଜେସ ସ୍ୱାଇଁ, ଭେଲମନ ନାଏର, ଇପସିତା ସାହୁ, ସ୍ମିତପ୍ରଜ୍ଞା ଦାସ ହରିଶଙ୍କର ରାଉତଙ୍କୁ ମହାସଚିବ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ସାଧାରଣ ସମ୍ପାଦକ ଭାବେ ୧୦ଜଣଙ୍କୁ ନିଯୁକ୍ତ କରାଯାଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି ସୌଭାଗ୍ୟ ସ୍ୱାଇଁ, ଦେବାଶିଷ ସ୍ୱାଇଁ, ଚିନ୍ମୟ ଦାସ, ବିଭୁତି ପୁହାଣ, ମନୋଜ ସେନାପତି, ମାନସ ମଲ୍ଲିକ, ବିଶ୍ୱପ୍ରତାପ ସାହୁ, ନଗମା ନିଶା, ସୁଚିତ୍ରା ସେଠୀ ଓ ପ୍ରଶାନ୍ତ ପଣ୍ଡା। ଛାତ୍ର ବିଜେଡ଼ିର ସମ୍ପାଦକ ଭାବେ ଅବଦୁଲ ହବିବ, ଗୌରୀପ୍ରଭା ଶତପଥୀ, ୱାଇ.ଶିବ କୁମାର, ପ୍ରିନ୍ସ ରାକେଶ ନାୟକ, ଯୁବଶ୍ରୀ ମହାନ୍ତି, ସାଇରା ଫିରଦୋସ, ମେଘା କାନୁନଗୋ, ସୁଶ୍ରୀ ଅଙ୍କିତା ଏବଂ ଦୀପକ ସାହୁଙ୍କୁ ନିଯୁକ୍ତି ଦିଆଯାଇଛି।

# ବିମାନବନ୍ଦରରେ ନିର୍ମାଣ ହେବ ଟ୍ୟାକ୍ସି ୱେ

## ସ୍ଥାନାନ୍ତର ହେବେ ୧୩୬ ପରିବାର

**ଭୁବନେଶ୍ୱର :** ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଭିତ୍ତିଭୂମି ନିର୍ମାଣ ପାଇଁ ୯୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବାବେଳେ ଏଥିରେ ଅନ୍ୟତମ ପ୍ରକଳ୍ପ ହେଉଛି ଏକ ପାରାଲାଲ ଟ୍ୟାକ୍ସି ୱେ ନିର୍ମାଣ। ରନ୍‌ୱେ କଡରେ ନିର୍ମାଣ ହେବାକୁ ଥିବା ଏହି ଟ୍ୟାକ୍ସି ୱେ ବିମାନକୁ ଆପ୍ରୋନ୍ (ରହଣିସ୍ଥଳ)ରେ ପହଞ୍ଚାଇବା ପାଇଁ ବେଶ୍ ସହାୟକ ହେବ। ତେବେ ଏଥିଲାଗି ଓୟୁଏଟି ନିକଟରେ ଥିବା ବସ୍ତିର ୧୩୬ ପରିବାରକୁ ସେଠାରୁ ସ୍ଥାନାନ୍ତର କରାଯିବ। ଏହି ପ୍ରକ୍ରିୟା ଲାଗି ପ୍ରାୟ ୭.୫ କୋଟି ଟଙ୍କା ଖର୍ଚ୍ଚ ହେବ। ସାଧାରଣ ପ୍ରଶାସନ ପକ୍ଷରୁ ଜମି ଯୋଗାଇ ଦିଆଯିବା ପରେ ବସ୍ତି ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ ବର୍ତ୍ତମାନ ଭୁବନେଶ୍ୱର ବିମାନବନ୍ଦରରୁ ୨୮ଟି ବିମାନ ନିୟମିତ ଭାବେ ଯାତାୟାତ କରୁଥିବା ବେଳେ କ୍ରମାଗତ ଭାବେ ଏହି ସଂଖ୍ୟାରେ ବୃଦ୍ଧି ଘଟୁଛି। ଏଠାରେ ଗୋଟିଏ ମାତ୍ର ରନ୍‌ୱେ ଥିବାରୁ ଉଡାଣ ଓ ଅବତରଣ ପାଇଁ ବିମାନଗୁଡିକୁ ଅପେକ୍ଷା କରିବାକୁ ପଡିଥାଏ। ସେହିପରି ବଡ଼ ବିମାନ ଚଳାଚଳରେ ମଧ୍ୟ ବାଧା ସୃଷ୍ଟି ହେଉଛି। ଏହି ସମସ୍ୟା ସମାଧାନର ବାଟ ହେଉଛି ଟ୍ୟାକ୍ସି ୱେ ନିର୍ମାଣ। ଏଥିଲାଗି ଜମି ସମ୍ପ୍ରସାରଣର ଆବଶ୍ୟକତା ରହିଛି। ଓୟୁଏଟି ପଟେ ଆବଶ୍ୟକ ଜମି ଯୋଗାଇ ଦେବା ଲାଗି ଭାରତୀୟ ବିମାନବନ୍ଦରର ପ୍ରାଧିକରଣ (ଏଏଆଇ) କର୍ତ୍ତୃପକ୍ଷ ଦୁଇବର୍ଷ ହେଲା ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ତାହା ସମ୍ଭବ ହୋଇ ନଥିଲା। ଏହି ପ୍ରକଳ୍ପରେ ସବୁଠାରୁ ବଡ ପ୍ରତିବନ୍ଧକ ଥିଲା ଓୟୁଏଟି ନିକଟରେ ଥିବା ଜନବସିତି। ସେହି ପରିବାରକୁ ସ୍ଥାନାନ୍ତର ଲାଗି ପୂର୍ବରୁ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏୟାରପୋର୍ଟ ଏନାଭଇରନମେଣ୍ଟ ମ୍ୟାନେଜମେଣ୍ଟ କମିଟି (ଏଇଏମ୍‌ସି) ବୈଠକରେ ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଇତିମଧ୍ୟରେ ବିଏମ୍‌ସି ଉକ୍ତ ବସ୍ତିରେ ସର୍ଭେ କାର୍ଯ୍ୟ ଶେଷ କରିବା ସହିତ ସେଠାରେ ୧୩୬ଟି ପରିବାରକୁ ଚିହ୍ନଟ କରିଛି। ଏନେଇ ବିଏମ୍‌ସି କର୍ତ୍ତୃପକ୍ଷ କହିଛନ୍ତି ଯେ, ଓୟୁଏଟି ବସ୍ତିରେ ରହୁଥିବା ପରିବାରକୁ ଅନ୍ୟତ୍ର ଥଇଥାନ କରିବା ପାଇଁ ୬ କୋଟି ଟଙ୍କା ଆବଶ୍ୟକ। କିନ୍ତୁ ଏହା ପୂର୍ବରୁ ସେମାନଙ୍କ ପାଇଁ ଟ୍ରାଞ୍ଜିଟ୍ ହାଉସ୍ ନିର୍ମାଣ ପାଇଁ ୧.୫ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଉପଯୁକ୍ତ ସ୍ଥାନ ଯୋଗାଇ ଦିଆଯିବା ପରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହେବ। ଏହି କାମ ଯଥାଶୀଘ୍ର ସମ୍ପାଦନ ପାଇଁ ସରକାରଙ୍କ ପକ୍ଷରୁ ବିଏମ୍‌ସିକୁ ନିର୍ଦ୍ଦେଶ ଦିଆଯାଇ ଥିବା ସେ କହିଛନ୍ତି। ଅପରପକ୍ଷେ ବିମାନବନ୍ଦରର କର୍ତ୍ତୃପକ୍ଷଙ୍କ କହିବା କଥା ହେଲା ବିମାନବନ୍ଦରର ରନ୍‌ୱେକୁ ସୁରକ୍ଷିତ ରଖିବା ପାଇଁ ଡିଜିଏସ୍‌ର ସ୍ୱତନ୍ତ୍ର ନିୟମାବଳୀ ରହିଛି। ବର୍ତ୍ତମାନ ଆମ ରନ୍‌ୱେ ୪ସି ଶ୍ରେଣୀରେ ଆସୁଥିବା ବେଳେ ସମ୍ପ୍ରସାରଣ ଓ ଟ୍ୟାକ୍ସି ୱେ ନିର୍ମାଣ ପରେ ତାହା ୪ଡି ଶ୍ରେଣୀକୁ ଉନ୍ନୀତ ହେବ। କିନ୍ତୁ ବସ୍ତି ଉଚ୍ଛେଦରେ ବିଳମ୍ବ ହେତୁ ଟ୍ୟାକ୍ସି ୱେ ନିର୍ମାଣ ଆରମ୍ଭ ହୋଇପାରୁନାହିଁ। ଏହି କାର୍ଯ୍ୟ ଶେଷ ହେଲେ ବୋଇଂ ୭୪୭ ପରି ବଡ଼ ବିମାନ ଏଠାରେ ଉଡ଼ାଣ ଓ ଅବତରଣ କରିପାରିବ ବୋଲି ସେ କହିଛନ୍ତି।

# ମନ୍ତ୍ରିମଣ୍ଡଳ ଅଦଳବଦଳ ପୁଣି ଝୁଲିଲା

**ଭୁବନେଶ୍ୱର :** ରାଜ୍ୟ ମନ୍ତ୍ରିମଣ୍ଡଳ ଅଦଳବଦଳ ନେଇ ବିଜେଡ଼ିରେ ଏବେ ଛକାପଞ୍ଝା ଲାଗିରହିଛି। ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀ ଗସ୍ତରୁ ଫେରିବା ପରେ ମନ୍ତ୍ରିମଣ୍ଡଳ ଅଦଳବଦଳ ନେଇ ସଂକେତ ଦେଇଥିଲେ। ଏହା ପରେ ଗତ ୬ତାରିଖରେ ବିଜେଡ଼ି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ନବନିର୍ବାଚିତ ବିଜେଡ଼ି ପଞ୍ଚାୟତ ପ୍ରତିନିଧିଙ୍କ କାର୍ଯ୍ୟକ୍ରମର ସମୀକ୍ଷା ଅବସରରେ ମନ୍ତ୍ରିମଣ୍ଡଳ ଅଦଳବଦଳ କେବେ ହେବ ବୋଲି ଅନୁଧ୍ୟାନ କରାଯାଉଛି। ହେଲେ ଓଡ଼ିଶା ଫେରିବା ପୂର୍ବରୁ ନୂଆଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମନ୍ତ୍ରିମଣ୍ଡଳ ଅଦଳବଦଳ ନେଇ ନିରାଶ ବାଣୀ ଶୁଣାଇଥିଲେ। କହିଥିଲେ ଏ ବିଷୟରେ ଏବେ ଚିନ୍ତା କରିନି କିନ୍ତୁ ଭୁବନେଶ୍ୱର ଫେରିବା ପରେ ମୁଖ୍ୟମନ୍ତ୍ରୀଙ୍କୁ ଏ ବିଷୟରେ ପୁନର୍ବାର ପ୍ରଶ୍ନ ହେବାରୁ ସେ କହିଥିଲେ, ବିଷୟରେ ଚିନ୍ତା କରୁଛି, ଦେଖିବା କ'ଣ ହେଉଛି। ନବୀନବାବୁ ଗତ ମାସକ ଭିତରେ ଅଦଳବଦଳ ନେଇ ୪ଥର ସାମ୍ବାଦିକମାନଙ୍କ ପ୍ରଶ୍ନକୁସାମ୍ନା କରିଛନ୍ତି। ଏହି ସମୟରେ ପୂର୍ବ ଦୁଇ ଥର ଅଦଳବଦଳ ନେଇ ହଁ ମାରିଥିବାବେଳେ ଆଜି ନୂଆଦିଲ୍ଲୀ ଓ ଭୁବନେଶ୍ୱରରେ ଭିନ୍ନ ଭିନ୍ନମନ୍ତବ୍ୟ ରଖିବା ଦ୍ୱାରା ପ୍ରକୃତରେ ମନ୍ତ୍ରିମଣ୍ଡଳ ଅଦଳବଦଳ ହେବ ନା ଏହାକୁ ଝୁଲାଇ ରଖାଯିବ ତାହାକୁ ନେଇ ରାଜନୈତିକ ମହଲରେ ସଂଶୟ ଦେଖାଦେଇଛି। ଦଳର କିଛି ବରିଷ୍ଠ ନେତାଙ୍କ କହିବା ଅନୁସାରେ ନବୀନବାବୁ ବର୍ତ୍ତମାନର ରାଜନୈତିକ ପାଣିପାଗକୁ ଅନୁଧ୍ୟାନ କରୁଛନ୍ତି। ଠିକ ସମୟରେ ସେ ଉଚିତ ପଦକ୍ଷେପ ନେବେ। ଅଦଳବଦଳ ନେଇ ମୁଖ୍ୟମନ୍ତ୍ରୀ ସଙ୍କେତ ଦେବା ପରେ ନୂଆ ମନ୍ତ୍ରିମଣ୍ଡଳରେ କେଉଁମାନେ ସ୍ଥାନ ପାଇବେ ଓ କିଏ ବାଦ ପଡ଼ିବ ତାହାକୁ ନେଇ କିଛି ଦିନ ହେଲା ଚର୍ଚ୍ଚା ଜୋର ଧରିଛି। ପଞ୍ଚାୟତ ନିର୍ବାଚନରେ ଦୁର୍ବଳ ପ୍ରଦର୍ଶନ କରିଥିବା ତଥା ଦଳୀୟ ସଙ୍ଗଠନ ଉପରେ ବିଶେଷ ପ୍ରଭାବ ନଥିବା ମନ୍ତ୍ରୀଙ୍କୁ ବାଦ ଦେଇ ନବୀନବାବୁ କିଛି ନୂଆ ମୁହଁଙ୍କୁ ନିଜ ଟିମ୍‌ରେ ସାମିଲ କରିପାରନ୍ତି ବୋଲି ଦଳ ଭିତରେ ଆଲୋଚନା ଚାଲିଛି। ଏଥିପାଇଁ କିଛି ମନ୍ତ୍ରୀଙ୍କ ମନ ଭାଙ୍ଗିଯାଇଥିବାବେଳେ ଅନ୍ୟ କିଛି ବାହାରେ ଥାଇ ଖୁବ୍ ଉତ୍ସାହୀ ଅଛନ୍ତି। ଆସନ୍ତା ୧୪ରୁ ଭୁବନେଶ୍ୱରରେ ବିଜେପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ଖୁବ୍ ଜାକଜମକରେ କରିବା ପାଇଁ ବିଜେପି ଲାଗିପଡ଼ିଥିବାବେଳେ ଏ ଦିଗ ପ୍ରତି ବିଜେଡ଼ି ତୀକ୍ଷ୍ଣ ନଜର ରଖିଛି। ତେବେ ଏ ସମ୍ପର୍କରେ ଆଜି ସାମ୍ବାଦିକମାନେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିବାରୁ ସେ କହିଥିଲେ ଯେ ବିଜେପି କାର୍ଯ୍ୟକାରିଣୀର କୌଣସି ପ୍ରଭାବ ପଡ଼ିବ ନାହିଁ। ପ୍ରଖ୍ୟାତ ଜନନାୟକ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁବାବୁଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ ରାଜ୍ୟର ବିଭିନ୍ନ ମହଲରେ ଦାବି ଜୋର ଧରୁଥିବାବେଳେ ଏ ବିଷୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମତାମତ ଜାଣିବା ପାଇଁ ସାମ୍ବାଦିକମାନେ ଆଜି ତାଙ୍କୁ ଏ ବିଷୟରେ ପ୍ରଶ୍ନ କରିଥିଲେ। ଉତ୍ତରରେ ଶ୍ରୀ ପଟ୍ଟନାୟକ କହିଥିଲେ, ମୁଁ ଭାବୁଛି ସେ ଭାରତ ରତ୍ନ ପାଇବାକୁ ନିଶ୍ଚିତ ଭାବେ ହକଦାର'। ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ରାଜ୍ୟର ମାନ୍ୟତା ପ୍ରଦାନ ପ୍ରସଙ୍ଗ ନେଇ ସାମ୍ବାଦିକଙ୍କ ପ୍ରଶ୍ନରେ ପ୍ରତିକ୍ରିୟା ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ରାଜ୍ୟର ମାନ୍ୟତା ଦେବା ପାଇଁ ଆମେ ବହୁ ପୂର୍ବରୁ ଦାବି କରିଆସୁଛୁ।

# ଜିପିଏସ୍ ନ ଥିଲେ ୧ ପରେ ଗାଡ଼ି ବନ୍ଦ



**ଭୁବନେଶ୍ୱର :** ଖଣି ବିଭାଗର ଚାପ ପରେ ଟ୍ରକ୍ ମାଲିକଙ୍କ ଚେତା ପଶିଛି । ଗତ ୩ ମାସ ମଧ୍ୟରେ ମାତ୍ର ୨୭୦୦ ଗାଡ଼ିରେ ଜିପିଏସ୍ ଲାଗିଥିବାବେଳେ ସରକାରଙ୍କ ଚାପ ପରେ ୭ ଦିନରେ ୯୦୦୦ ଗାଡ଼ିରେ ଜିପିଏସ୍ ଲାଗି ପାରିଛି। ଏଜିପିଏସ୍ ବା ଭିଟିୟୁ ଲାଗି ନ ଥିବା ଗାଡ଼ିଗୁଡ଼ିକୁ ଖଣିଜ ସାମଗ୍ରୀ ପରିବହନ ପାଇଁ ଆସନ୍ତା ୧ ତାରିଖରୁ ଅନୁମତି ଦିଆଯିବ ନାହିଁ ବୋଲି ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଖଣି ଉପ ନିର୍ଦ୍ଦେଶକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ । ସେହିପରି ଯେଉଁ ଟ୍ରକ୍ ମାଲିକ, ପରିବହନ ସଂସ୍ଥା ୩୦ ତାରିଖ ମଧ୍ୟରେ ଜିପିଏସ୍ ଲଗାଇବାକୁ ଅଣ୍ଡରଟେକିଂ ଦେବେ ସେମାନଙ୍କୁ ମଧ୍ୟ ଏଥିପାଇଁ ଅନୁମତି ଦିଆଯିବ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁସାରେ ଗତ ୨ ତାରିଖ ସୁଦ୍ଧା ୨୭୦୦ଗାଡ଼ିରେ ଜିପିଏସ୍ ଲାଗିଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୧୧୦୪ଟି ଗାଡ଼ିରେ ଏହି ଯନ୍ତ୍ରାଂଶ ଲାଗି ପାରିଛି। ସେହିପରି ଆହୁରି ୨୨୦୦୦ ଗାଡ଼ିରେ ଜିପିଏସ୍ ଲଗାଇବା ନିମନ୍ତେ ପରିବହନ ସଂସ୍ଥା ଓ ଗାଡ଼ି ମାଲିକ ଅଣ୍ଡରଟେକିଂ ଦେଇଛନ୍ତି । ଏହାକୁ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଛି । ଯେଉଁ ଗାଡ଼ିଗୁଡ଼ିକ ୩୦ ତାରିଖ ମଧ୍ୟରେ ଜିପିଏସ୍ ନ ଲଗାଇବେ ସେହି ଗାଡ଼ିକୁ ୧ ତାରିଖରୁ ପରିବହନ ବ୍ୟବସ୍ଥାରୁ ବାଦ ଦିଆଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ଆବଶ୍ୟକ ସଂଖ୍ୟକ ଜିପିଏସ୍ ନ ମିଳିବା ଅଭିଯୋଗକୁ ମଧ୍ୟ ମନ୍ତ୍ରୀ ଅସ୍ୱୀକାର କରିଛନ୍ତି । ଭିଡ଼ିଓ କନ୍‌ଫରେନ୍ସିଂ ବେଳେ ଜିପିଏସ୍ ଲଗାଉଥିବା ସଂସ୍ଥା ଆବଶ୍ୟକ ସଂଖ୍ୟକ ଜିପିଏସ୍ ଲଗାଇବାରେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ବୋଲି ସେ କହିଛନ୍ତି। ଗତ ନଭେମ୍ବର ୧ ତାରିଖରେ ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଟାସ୍କଫୋର୍ସ ବୈଠକରେ ଖଣିଜ ପଦାର୍ଥ ପରିବହନ କରୁଥିବା ଗାଡ଼ିରେ ଜିପିଏସ୍ ଲଗାଇବାକୁ ବାଧ୍ୟତାମୂଳକ କରାଯାଇଥିଲା। ୧ ମାସ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରିବାକୁ ଖଣି ବିଭାଗକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଥିଲେ। ଏପରିକି ଡ଼ିସେମ୍ବର ୨୮ ତାରିଖ ମଧ୍ୟରେ ଯେଉଁ ଗାଡ଼ିଗୁଡ଼ିକ ଜିପିଏସ୍ ନ ଲଗାଇଥିବେ ସେଗୁଡ଼ିକୁ ପରିବହନ ବ୍ୟବସ୍ଥାରୁ ବାଦ ଦିଆଯିବ ବୋଲି ଖଣି ନିର୍ଦ୍ଦେଶକ ଦୀପକ ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇଥିଲେ। ସେହିପରି କୋଇଲା ଖଣିରୁ ପରିବହନ କରୁଥିବା ଟ୍ରକ୍‌ଗୁଡ଼ିକରେ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଜିପିଏସ୍ ଲଗାଯିବ ବୋଲି ତତ୍‌କାଳୀନ କେନ୍ଦ୍ର କୋଇଲା ସଚିବ ଅନୀଲ ସ୍ୱରୂପ ମଧ୍ୟ ଗଣମାଧ୍ୟମକୁ ସୂଚନା ଦେଇଥିଲେ।

# ସମୟ ସୀମା ମଧ୍ୟରେ ଗୁରୁପ୍ରିୟା ସେତୁ ନିର୍ମାଣ ନେଇ ସନ୍ଦେହ

**ମାଲକାନଗିରି :** ବହୁ ପ୍ରତୀକ୍ଷିତ ଗୁରୁପ୍ରିୟା ସେତୁ ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ ହେବା ନେଇ ପୁଣି ଦେଖାଦେଇଛି ଅନିଶ୍ଚିତତା । ଗତ ଗୁରୁବାର ୟୁନିଫାଇଡ କମାଣ୍ଡର ବୈଠକରେ ଗୁରୁପ୍ରିୟାର ଅଗ୍ରଗତି ନେଇ ସମୀକ୍ଷା କରି ମୁଖ୍ୟଶାସନ ସଚିବ ସେତୁ ନିର୍ମାଣ କାମ ଆସନ୍ତା ଜୁଲାଇ ସୁଦ୍ଧା ଶେଷ ହେବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ତେବେ ବାସ୍ତବତା କିନ୍ତୁ ସମ୍ପୂର୍ଣ୍ଣ ଅଲଗା । ଗତ ୨ବର୍ଷ ୮ ମାସରେ ମାତ୍ର ୬୦ପ୍ରତିଶତ କାମ ଶେଷ ହୋଇଥିବା ବେଳେ ଏବେ ତିନି ମାସରେ ୪୦ପ୍ରତିଶତ କାମ ସାରିବା ଅସମ୍ଭବ ପରି ଲାଗୁଛି । ଟାଣ ଖରା ଯୋଗୁଁ ଏବେ ନିର୍ମାଣସ୍ଥଳରେ ଶ୍ରମିକମାନେ ସଠିକ ଭାବେ କାମ କରି ପାରୁ ନଥିବା ଦେଖାଯାଉଛି । ସେପଟେ ଆଗକୁ ବର୍ଷା ଋତୁ ଯୋଗୁଁ ଜଳସ୍ତର ବୃଦ୍ଧି ପାଇଲେ କାମ ପୁଣି ଧିମାଇବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ତେବେ ବିଭାଗୀୟ ଅଧିକାରୀଙ୍କ କହିବାନୁଯାୟୀ ଜୁନ୍ ସୁଦ୍ଧା ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଯିବ । ଜୁଲାଇ ଶେଷ ସୁଦ୍ଧା ଶେଷ ହେବ ଗୁରୁପ୍ରିୟା ସେତୁର ନିର୍ମାଣ କାମ । ଏହାପରେ ବିଚ୍ଛିନ୍ନ ହୋଇ ରହିବ ନାହିଁ ମାଲକାନଗିରି ଜିଲା ବିଚ୍ଛିନ୍ନାଞ୍ଚଳର ଲୋକେ। ଗତ ଗୁରୁବାର ଭୁବନେଶ୍ୱର ଠାରେ ୟୁନିଫାଇଡ କମାଣ୍ଡର ବୈଠକ ସାରି ଏଭଳି କିଛି ମନ୍ତବ୍ୟ ଦେଇଥିଲେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପାଢି । ତେବେ ଗୁରୁପ୍ରିୟା ସେତୁ ନିର୍ମାଣର ବାସ୍ତବ ସ୍ଥିତି କିନ୍ତୁ ସମ୍ପୂର୍ଣ୍ଣ ଅଲଗା । ଗତ ୨୦୧୪ରେ ଗୁରୁପ୍ରିୟା ସେତୁ ନିର୍ମାଣ କାମ କୋଲକାତାର ଏକ 'ରୋୟାଲ ଇନ୍‌ଫ୍ରା କନଷ୍ଟ୍ର' ନାମକ ଏକ ଘରୋଇ କମ୍ପାନୀ ହାତକୁ ନେଇଥିବା ବେଳେ ୩ବର୍ଷ ମଧ୍ୟରେ କାମ ସାରିବା ନେଇ ରାଜ୍ୟ ସରକାରଙ୍କ ସହ ଚୁକ୍ତି କରିଥିଲା । ଇତିମଧ୍ୟରେ ୨ବର୍ଷ ୮ ମାସ ସମୟ ବିତି ଯାଇଥିବା ବେଳେ ମାତ୍ର ୬୦ପ୍ରତିଶତ କାମ ଶେଷ ହୋଇଥିବା ଜଣାପଡିଛି । ୧୭୨ କୋଟି ଟଙ୍କା ବ୍ୟୟ ଅଟକଳ ମୂଲ୍ୟରେ କମ୍ପାନୀ କାମ କରୁଥିବା ବେଳେ ଏଯାଏଁ ମାତ୍ର ୯୫କୋଟି ଟଙ୍କା ଖର୍ଚ୍ଚ କରିଛି କମ୍ପାନୀ । ଏଭଳି ସ୍ଥିତିରେ ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ଶେଷ ହେବା ନେଇ

## ସରକାରଙ୍କୁ ଦିଆଯାଉଥିବା ତଥ୍ୟ କେତେ ଠିକ୍ ?



ସନ୍ଦେହ ସୃଷ୍ଟି ହୋଇଛି । ତଳିଆ ଅଧିକାରୀମାନେ ରାଜ୍ୟ ସରକାରଙ୍କୁ ଭୁଲ ତଥ୍ୟ ଦେଉଥିବା ଅଭିଯୋଗ ହୋଇଛି । କାର୍ଯ୍ୟର ଅଗ୍ରଗତି ନେଇ ଡିପିଆର ଅନୁଯାଇ ରିପୋର୍ଟ ଦିଆ ନ ଯାଇ ବଢାଚଢା ରିପୋର୍ଟ ରାଜ୍ୟ ସରକାରଙ୍କୁ ଦିଆ ଯାଇ ଜନସାଧାରଣଙ୍କୁ ଭ୍ରମିତ କରାଯାଉଥିବା ଅଭିଯୋଗ ହୋଇଛି ।

ଯଦି ଗୁରୁପ୍ରିୟା ସେତୁର ବିସ୍ତାରିତ ତଥ୍ୟ ଉପରେ ନଜର ପକାଯାଏ, ୯୧୨ ମିଟର ଲମ୍ବ ଏହି ପୋଲ ଲାଗି ପ୍ରଥମେ ମୋଟ ୧୦୨ ଟି ପାଇଲିଙ୍ଗ ଲାଗି ଡିଜାଇନ ପ୍ରସ୍ତୁତ କରାଯାଇ ଥିବା ବେଳେ ଗତ ସେପ୍ଟମ୍ବର ମାସରେ ୩ଟି ପାଇଲ ଭୁଷୁଡି ପଡିବା ପରେ ଏବେପାଇଲ ସଖ୍ୟା ୧୪୨କୁ ବୃଦ୍ଧି ପାଇଛି । ତେବେ ବର୍ତ୍ତମାନ ସୁଦ୍ଧା ୧୨୬ଟି ପାଇଲ କାମ ଶେଷ ହୋଇଛି । ସେହିପରି ଷ୍ଟିଲ ଓ କଂକ୍ରିଟ ଗାଡର କୁ ନେଇ ମୋଟ ୬୯ଟି ଗାଡର ଥିବା ବେଳେ ସରିଛି ମାତ୍ର ୨୪ଟି । ୨୩ଟି ସ୍ଲାବ ମଧ୍ୟରୁ ମାତ୍ର ୬ଟି ସରିଥିବା ବେଳେ ଆପ୍ରୋଚ ରୋଡ କଥା ମଧ୍ୟ ରହିଛି । ବର୍ତ୍ତମାନ ଟାଣ ଖରା ଯୋଗୁଁ ଶ୍ରମିକମାନେ ମଧ୍ୟ କାମ ଠିକ ଭାବରେ କରି ପାରୁ ନାହାନ୍ତି । ଆଗକୁ ବର୍ଷା ଯୋଗୁଁ ଜଳସ୍ତର ବୃଦ୍ଧି ପାଇଲେ କାମ ଆହୁରି ଧିମେଇବା ଆଶଙ୍କା ରହିଛି । ଏସବୁ ଭିତରେ ଜୁନ କିମ୍ବା ଜୁଲାଇ ମାସ ସୁଦ୍ଧା କାମ ସରିବ ବୋଲି କହୁଛନ୍ତି କମ୍ପାନୀ ଓ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଅରୁଣ ସାହୁ । ତେବେ ରାଜ୍ୟସରକାରଙ୍କ ଏହି ଡ୍ରିମ୍ ପ୍ରୋଜେକ୍ଟ କୁହାଯାଉ ଥିବା ଏହି ଗୁରୁରପ୍ରିୟା ସେତୁ ନିର୍ମାଣ କେବେ ଶେଷ ହେବ ଏବଂ କେବେ ଏହି ବୁଡି ଅଂଚଳବାସୀ ଜଳବନ୍ଦି ଜୀବନରୁ ମୁକ୍ତି ପାଇବେ, ତାହା ଦେଖିବାକୁ ବାକି ରହିଲା।

# ମେ' ୧ରୁ ପ୍ରତିଦିନ ବଦଳିବ ତୈଳ ଦର

**ଭୁବନେଶ୍ୱର :** ପରୀକ୍ଷାମୂଳକ ଭାବେ ଆସନ୍ତା ମେ' ମାସ ୧ ତାରିଖରୁ ପ୍ରତିଦିନ ତୈଳ ଦର ବଦଳିବ। ଦେଶର ୫ଟି ସହରରେ ଏହି ପ୍ରକ୍ରିୟା ଆରମ୍ଭ କରାଯିବ। ସେହି ସହରଗୁଡିକ ହେଲା ପୁଡୁଚେରୀ, ବିଶାଖପାଟଣା, ରାଜସ୍ଥାନ, ଜାମସେଦପୁର ଏବଂ ଛତିଶଗଡ଼। ସ୍ଥିତି ଅନୁଧ୍ୟାନ ପରେ ଦେଶର



ଅନ୍ୟ ସହରଗୁଡିକରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ଜଣାପଡିଛି। ତୈଳ କମ୍ପାନୀ ମାନେ ଏହି ଦର ଧାର୍ଯ୍ୟ କରିବେ ବୋଲି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ଆନ୍ତର୍ଜାତୀୟସ୍ତରରେ ଅଶୋଧିତ ତୈଳମୂଲ୍ୟର ଦୈନିକ ପରିବର୍ତ୍ତନ ହେଉଥିବାରୁ ଏଭଳି ପଦକ୍ଷେପ ନିଆଯାଉଥିବା କୁହାଯାଉଛି। ଏନେଇ ଇଣ୍ଡିଆନ ଅଏଲ କର୍ପୋରେଶନ (ଆଇଓସି), ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ(ବିପିସିଏଲ) ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ (ଏଚ୍ଛପିସିଏଲ୍) ପକ୍ଷରୁ ପାଇଲଟ ପ୍ରକଳ୍ପ ଆରମ୍ଭ ହେବ। ଏଥିରେ ଦୈନିକ ତୈଳ ଦର ଅନୁଧ୍ୟାନ କରି ଧାର୍ଯ୍ୟ କରାଯିବ। ଏହି କର୍ପୋରେଶନ ଗୁଡଇକର ଦେଶବ୍ୟାପୀ ୫୮,୦୦୦ ପେଟ୍ରୋଲ ପମ୍ପ ରହିଛି। ସୂଚନାଯୋଗ୍ୟ ଯେ ପେଟ୍ରୋଲ ଦର ଧାର୍ଯ୍ୟ କରିବାର କ୍ଷମତା ୨୦୧୦ରୁ କେନ୍ଦ୍ର ସରକାରଙ୍କ ହାତରୁ ଚାଲିଯାଇଥିଲା। ଏବେ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପ୍ରତି ୬୫.୧୪ ଟଙ୍କା ଥିବା ବେଳେ ଡିଜେଲ ଲିଟର ପ୍ରତି ୫୪.୨୬ ଟଙ୍କା ରହିଛି।

## ଅମୃତ ସହର ପାଇଁ ନୂଆ ନିୟମ ଆସିବ

# ମାସକରେ ମିଳିବ ଘର ନିର୍ମାଣ ପ୍ଲାନ୍ ଅନୁମତି

**ଭୁବନେଶ୍ୱର :** ରାଜ୍ୟର ୯ଟି ଯାକ ଅମୃତ ସହର ଭୁବନେଶ୍ୱର, ପୁରୀ, କଟକ, ସମ୍ବଲପୁର, ବ୍ରହ୍ମପୁର, ରାଉରକେଲା, ବାଲେଶ୍ୱର, ଭଦ୍ରକ, ବାରିପଦାରେ ଯେଉଁମାନେ ଘର ନିର୍ମାଣ କରିବେ ସେମାନଙ୍କୁ ଅନଲାଇନ୍‌ରେ ଆବେଦନ କରିବାକୁ ପଡିବ। ଆଉ ଅନଲାଇନ୍‌ରେ ହିଁ ଉନ୍ନୟନ କର୍ତ୍ତୃପକ୍ଷ ସମସ୍ତ ଡକୁମେଣ୍ଟ ଯାଞ୍ଚ କରି ପ୍ଲାନ ଅନୁମୋଦନ କରିବେ। ଆବେଦନ କରିବାର ମାସକ ମଧ୍ୟରେ ଲୋକଙ୍କୁ ସେମାନଙ୍କ ଘରର ପ୍ଲାନ୍ ମିଳିବ ବୋଲି ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗେଜେଟ୍ ନୋଟିଫିକେସନ୍ ମଧ୍ୟ ପ୍ରକାଶ ପାଇଛି। ଏବେ ଭୁବନେଶ୍ୱର ଓ ପୁରୀରେ କିପରି ଅନଲାଇନ୍‌ରେ ଘର ପ୍ଲାନ୍ ଆବେଦନ ହେବ, କେଉଁ ବିଭାଗ କିପରି ଓ କେତେ ଦିନରେ ଏନ୍‌ଓସି ଦେବେ ତାହା ପ୍ରସ୍ତୁତ ହୋଇଥିବା ବେଳେ ବାକି ୭ଟି ଯାକ ଅମୃତ ସହର ପାଇଁ ଏହିଭଳି ସଫ୍ଟୱେୟାର ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଆଇଏଲ୍‌ଆଣ୍ଡଏଫ୍ ପକ୍ଷରୁ କମନ୍ ଆପ୍ଲିକେସନ ସଫ୍ଟୱେୟାର ପ୍ରସ୍ତୁତ ହେବ। ଏହି ସଫ୍ଟୱେୟାର ମାଧ୍ୟମରେ ପ୍ଲାନିଂ ପ୍ରକ୍ରିୟା ସହଜ ହେବ। କେବଳ ଗୋଟିଏ ଫର୍ମରେ ଲୋକ ଆବେଦନ କରିବେ। ଅମୃତ ସହରର ବାସିନ୍ଦାମାନେ ଯେପରି ମାସକ ମଧ୍ୟରେ ସେମାନଙ୍କର ଘରର ଅନୁମୋଦିତ ପ୍ଲାନ୍ ପାଇବେ ସେଥିପାଇଁ ପଦକ୍ଷେପ ନେବାକୁ କୁହାଯାଇଛି। ଗୃହ ଓ ନଗର ଉନ୍ନୟନ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଏନ୍‌ଓସି ପାଇଁ ଆଉ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଯିବାକୁ ପଡିବନି। ଆବେଦନକାରୀଙ୍କର ସବୁ ଡକୁମେଣ୍ଟ ଯଦି ଠିକ୍ ଥିବ ତେବେ ଆବେଦନ କରିବାର ୧୫ରୁ ୩୦ଦିନ ମଧ୍ୟରେ ପ୍ଲାନ୍ ମିଳିଯିବ। ଉକ୍ତ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଏଣିକି କେବଳ ଅନ୍‌ଲାଇନରେ ପ୍ଲାନ ପାଇଁ ଆବେଦନ ହେବ। ଆଉ ଅନ୍‌ଲାଇନରେ ଫି'ଜମା କରିବାକୁ ପଡିବ। ଏହାଦ୍ୱାରା ଲୋକଙ୍କୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଯିବାକୁ ପଡିବନି। ଘରେ କିମ୍ବା ଅନ୍‌ଲାଇନରେ ଆବେଦନ କରିବେ।

# ୮ ଜିଲା ଦୁର୍ଘଟଣାପ୍ରବଣ, ଶୀର୍ଷରେ ଗଞ୍ଜାମ

**ଭୁବନେଶ୍ୱର :** ରାଜ୍ୟର ୮ଟି ଜିଲ୍ଲା ସର୍ବାଧିକ ଦୁର୍ଘଟଣାପ୍ରବଣ ଏବଂ ଏହା ମଧ୍ୟରୁ ଗଞ୍ଜାମ ଜିଲା ଶୀର୍ଷସ୍ଥାନ ଅଧିକାର କରିଛି। ସେହିପରି ଜାତୀୟ ରାଜପଥର ୬ଟି ଅଞ୍ଚଳରେ ସବୁଠାରୁ ଅଧିକ ଦୁର୍ଘଟଣା ଘଟିଛି ଏବଂ ମଙ୍ଗୁଳିଠାରୁ ଜାମଶୋଳା ପର୍ଯ୍ୟନ୍ତ ଜାତୀୟ ରାଜପଥରେ ଏହାର ସଂଖ୍ୟା ସର୍ବାଧିକ। ବାଣିଜ୍ୟ ପରିବହନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ସଡ଼କ ସୁରକ୍ଷା ପରିଷଦ ବୈଠକ ସମୀକ୍ଷା ବୈଠକରେ ଏହି ତଥ୍ୟ ପ୍ରଦାନ କରିଛନ୍ତି ବିଭାଗୀୟ ଅଧିକାରୀଗଣ। ସୂଚନା ଅନୁସାରେ ରାଜ୍ୟର ସର୍ବାଧିକ ଦୁର୍ଘଟଣାପ୍ରବଣ ଜିଲ୍ଲାଗୁଡ଼ିକ ମଧ୍ୟରେ ସୁନ୍ଦରଗଡ଼, ଗଞ୍ଜାମ, ଅନୁଗୋଳ, ମୟୂରଭଞ୍ଜ, ଢ଼େଙ୍କାନାଳ, କେନ୍ଦୁଝର, ବାଲେଶ୍ୱର ଓ ସମ୍ବଲପୁର ରହିଛି। ୨୦୧୫-୧୬ରେ ସୁନ୍ଦରଗଡ଼ ଜିଲାରେ ୩୧୮ଟି ଦୁର୍ଘଟଣାରେ ୧୯୯ ଜଣ ପ୍ରାଣ ହରାଇଥିବାବେଳେ ବୌଦ୍ଧ ଜିଲାରେ ୧୨୨ଟି ଘଟଣାରେ ୩୫ ଜଣ ମୃତ୍ୟୁବରଣ କରିଛନ୍ତି। ଅନୁରୂପ ଭାବରେ ମଙ୍ଗୁଳି-ବାଲେଶ୍ୱର, ମଙ୍ଗୁଳି-ସମ୍ବଲପୁର, ସମ୍ବଲପୁର-ରାଉରକେଲା, ପାଣିକୋଇଲି-କେନ୍ଦୁଝର, ଭୁବନେଶ୍ୱର-ଗିରିଶୋଳା, ବାଲେଶ୍ୱର-ଜାମଶୋଳା ରାସ୍ତା ସବୁଠାରୁ ଦୁର୍ଘଟଣା ପ୍ରବଣର ମାନ୍ୟତା ପାଇଛି।

ପରିସଂଖ୍ୟାନ ଅନୁସାରେ ୨୦୧୫-୧୬ରେ ରାଜ୍ୟରେ ଦୁର୍ଘଟଣାରେ ୪୩୦୩ ଜଣ ମୃତ୍ୟୁବରଣ କରିଛନ୍ତି। ତେବେ ତୁଳନାତ୍ମକ ଭାବରେ ଏହି ବର୍ଷ କେରଳରେ ୩୯୦୧୪ (ମୃତ୍ୟୁ-୪୧୯୬), ମଧ୍ୟପ୍ରଦେଶ ୫୪୯୪୭ (ମୃତ୍ୟୁ ୯୩୧୪), ମହାରାଷ୍ଟ୍ର ୬୩୮୦୫ (ମୃତ୍ୟୁ-୧୩୨୧୨) ଓ ତାମିଲନାଡୁରେ ୬୯୦୫୯ (ମୃତ୍ୟୁ-୧୫୬୪୨) ଦୁର୍ଘଟଣା ଘଟିଛି। ତେଣୁ ସମୀକ୍ଷାରୁ ମିଳିଥିବା ତଥ୍ୟ ଭିତ୍ତିରେ ନିର୍ମାଣ ଶୈଳୀରେ ସଂଶୋଧନ, ସୂଚନା ଫଳକ ସ୍ଥାପନ, ପ୍ରବର୍ତ୍ତନାତ୍ମକ କାର୍ଯ୍ୟ ସମ୍ପାଦନ ସହ ସଡ଼କ ନିରାପତ୍ତା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା, ଦୁର୍ଘଟଣାପ୍ରବଣ ସ୍ଥାନ ଚିହ୍ନଟ କରାଯାଇ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ଦ୍ୱାରା ସଂଶୋଧନ ଆଦି କରାଯିବାକୁ ମନ୍ତ୍ରୀ ଶ୍ରୀ ମାଝି ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ଓ ରାଜ୍ୟ ରାଜପଥରେ ଦୁର୍ଘଟଣାପ୍ରବଣ ସ୍ଥାନ 'ବ୍ଲାକ୍ ସ୍ପଟ୍' ଚିହ୍ନଟ କରାଯାଇ ସଡ଼କ ସୁରକ୍ଷା ସଂକ୍ରାନ୍ତ ଅଡ଼ିଟ୍ ରିପୋର୍ଟକୁ କାର୍ଯ୍ୟକାରୀ କରିବା ଦିଗରେ ପ୍ରାଥମିକତା ଦେବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏହା ସହ ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଡ଼କ ସୁରକ୍ଷା କମିଟିର ବିଭିନ୍ନ ପ୍ରସ୍ତାବକୁ ତର୍ଜମା କରିବା ସହ ଏ କ୍ଷେତ୍ରରେ ତ୍ୱରିତ ପଦକ୍ଷେପ ଗ୍ରହଣ ଦିଗରେ ଅଗ୍ରାଧିକାର ଦେବାକୁ ପଡ଼ିବ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ମଦ୍ୟପ ଗାଡ଼ି ଚାଳକ, ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀ, ଓଭର ଲୋଡ଼ିଂ, ଆବଶ୍ୟକଠାରୁ ଅଧିକ ଯାତ୍ରୀ ପରିବହନ, ଗାଡ଼ି ଚାଳନା ବେଳେ ମୋବାଇଲ ବ୍ୟବହାର, ତୃତୀୟ ପକ୍ଷ ବୀମା ନିୟମ ପାଳନ ଆଦି ଦିଗରେ ଏସ୍‌ପି ଓ ଆର୍‌ଟିଓମାନଙ୍କୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଆଲୋଚନାରେ ଅଂଶଗ୍ରହଣ କରି ଉନ୍ନୟନ କମିଶନର ଆର୍.ବାଲକ୍ରିଷ୍ଣନ ରାସ୍ତା ଦୁର୍ଘଟଣାର କାରଣଗୁଡ଼ିକୁ ଏକ ନିରପେକ୍ଷ ସଂସ୍ଥା ମାଧ୍ୟମରେ ବିଶ୍ଳେଷଣ କରି ସତର୍କତାମୂଳକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ରାସ୍ତା ଉପରକୁ ହଠାତ୍ ପଶି ଆସୁଥିବା ଗାଇ, ବଳଦ, ଛେଳି, ମେଣ୍ଢା, କୁକୁରଆଦି ଜୀବ ପଶି ଆସିବା, ରାଜପଥର ବିଚ୍ଛେଦକ ମଧ୍ୟଭାଗରେ ଦୃଶ୍ୟମାନ ସୂଚନା ଫଳକର ଅଭାବ ଦୁର୍ଘଟଣାର ଅନ୍ୟତମ କାରଣ ବୋଲି ଶ୍ରୀ ବାଲାକ୍ରିଷ୍ଣନ କହିଛନ୍ତି। ତେଣୁ ସଡ଼କ ନିରାପତ୍ତା ବ୍ୟବସ୍ଥାକୁ ନିରାପତ୍ତାର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବରେ ବିଚାର କରିବାକୁ ସେ ପରାମର୍ଶ ଦେଇଥିଲେ। ପୁନଶ୍ଚ ଦୁର୍ଘଟଣାପ୍ରବଣ ଜିଲାରେ ଟ୍ରାଫିକ୍ ଥାନା, ଜାତୀୟ ରାଜପଥ ପାର୍ଶ୍ୱରେ ଟ୍ରାଫିକ୍ ଥାନା ସଂଖ୍ୟା ବୃଦ୍ଧି, ୮ଟି ଟ୍ରମା କେୟାର ସେଣ୍ଟରରେ ଜରୁରୀ ଚିକିତ୍ସା ଉପଲବ୍ଧ କରାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୃଷି କମିଶନର ଗଗନ ଧଳ, ପୂର୍ତ୍ତ ସଚିବ ନଳିନୀକାନ୍ତ ପ୍ରଧାନ, ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ଲଳିତ ଦାସ, ବାଣିଜ୍ୟ ଓ ପରିବହନ ସଚିବ ସଞ୍ଜୟ ରସ୍ତୋଗୀ, ପରିବହନ କମିଶନର ଡ଼ି.ଏସ୍.କୁଟ୍ଟେ, ପୁଲିସ କମିଶନର ୱାଇ.ବି.ଖୁରାନିଆ, ଏନ୍‌ଏଏଚ୍‌ଆଇ ଅଧିକାରୀ, ବସ୍ ଓ ଟ୍ରକ ମାଲିକ ସଂଘ ପ୍ରତିନିଧି ଓ ସ୍ୱେଚ୍ଛାସେବୀ ସଙ୍ଗଠନର ପ୍ରତିନିଧି ଉପସ୍ଥିତ ଥିଲେ।

## ସମ୍ପାଦକୀୟ



# ସମାଧାନର ରାସ୍ତା ବାହାରୁ

ପାକିସ୍ତାନ ସାମରିକ ଅଦାଲତ ଦ୍ୱାରା ଫାଶୀଦଣ୍ଡରେ ଦଣ୍ଡିତ ହୋଇଥିବା ଭାରତର ପୂର୍ବତନ ନୌସେନା ଅଧିକାରୀ କୁଳଭୂଷଣ ଯାଦବଙ୍କୁ ନେଇ ପୁଣିଥରେ ଭାରତ-ପାକ୍ ସମ୍ପର୍କରେ ତିକ୍ତତା ବଢ଼ିଯାଇଛି । ଭାରତ ସରକାରଙ୍କୁ କିଛି ନଜଣାଇ ପାକ୍ ସାମରିକ କର୍ତ୍ତୃପକ୍ଷ ଏକ ମନଗଢ଼ା କାହାଣୀ ଜରିଆରେ କୁଳଭୂଷଣଙ୍କୁ ଏଭଳି ଦଣ୍ଡାଦେଶ ଶୁଣାଇବା ବିଶ୍ୱସମୁଦାୟକୁ ଚିନ୍ତାରେ ପକାଇବା ସହ ଭାରତର ବୈଦେଶିକ ମନ୍ତ୍ରଣାଳୟ ପ୍ରତି ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଯାଦବ କୌଣସି ଭୁଲ କରିଥିବା ନେଇ ପାକ୍ ସରକାର ପାଖରେ ଏଭଳି କୌଣସି ଠୋସ୍ ପ୍ରମାଣ ନଥିବା ସତ୍ତ୍ୱେ କୁଳଭୂଷଣଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି । ଏହି ଘଟଣାରେ ପାକିସ୍ତାନର ଆଇନ ବ୍ୟବସ୍ଥାର ବିଶ୍ୱସନୀୟତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଏ କ୍ଷେତ୍ରରେ କୁଟନୈତିକସ୍ତରୀୟ ଯୋଗାଯୋଗ ପାଇଁ ଭାରତର ବାରମ୍ବାର ଅନୁରୋଧକୁ ମଧ୍ୟ ପାକିସ୍ତାନ ସରକାର ଅଗ୍ରାହ୍ୟ କରିବା ସବୁଠୁ ବଡ଼ ଚିନ୍ତାର ବିଷୟ । କାରଣ କୁଟନୈତିକସ୍ତରୀୟ ଯୋଗାଯୋଗ ପାଇଁ ଭାରତ-ପାକିସ୍ତାନ ମଧ୍ୟରେ ହୋଇଥିବା ଦ୍ୱିପାକ୍ଷିକ ଚୁକ୍ତିନାମାକୁ ମଧ୍ୟ ଅବମାନନା କରୁଛନ୍ତି ପାକ୍ ସରକାର ।

ତେବେ ଇରାନ୍‌ରେ ରହି ବ୍ୟବସାୟ କରୁଥିବା କୁଳଭୂଷଣ ସେଠାରୁ କିଭଳି ପାକିସ୍ତାନ ପହଞ୍ଚିଲେ, ତାହାକୁ ନେଇ ଭାରତରେ କୁଟନୈତିକସ୍ତରରେ ବିଚାରବିମର୍ଷ ଚାଲିଛି । କୁଳଭୂଷଣଙ୍କୁ ମୁକ୍ତ କରିବାକୁ ଭାରତ ସଂସଦ ଭିତରୁ ଓ ବାହାରୁ ପାକ୍‌କୁ ଚରମ ଚେତାବନୀ ମଧ୍ୟ ଦେଇସାରିଛି । ଏହି ପରିପ୍ରେକ୍ଷୀରେ କୁଳଭୂଷଣଙ୍କ ଫାଶୀ ଦଣ୍ଡାଦେଶ ପ୍ରସଙ୍ଗରେ ପାକିସ୍ତାନ ସେନା ଆଦୌ ସାଲିସ୍ କରିବ ନାହିଁ ବୋଲି କହିଛି । ପାକ୍‌ସେନାର ଅଭିଯୋଗ ଅନୁଯାୟୀ କୁଳଭୂଷଣ ଭାରତ ପାଇଁ ଗୁପ୍ତଚର ବୃତ୍ତି କରୁଥିବାରୁ ତାଙ୍କୁ ବେଲୁଚିସ୍ତାନରୁ ଗିରଫ କରାଯାଇଥିଲା । ତାଙ୍କ ପାଖରୁ ଦୁଇଟି ଦେଶର ପାସ୍‌ପୋର୍ଟ ମିଳିବା ସହ ସେ ଗୁପ୍ତଚର ବୃତ୍ତି କରୁଥିବା ନେଇ ସ୍ୱୀକାର କରିଥିବା ଭଳି ଏକ ମିଥ୍ୟା ଭିଡିଓ ଉପସ୍ଥାପନ କରୁଛି ପାକ୍‌ସେନା । କିନ୍ତୁ ଭାରତ ସରକାର ପାକ୍‌ସେନାର ମିଥ୍ୟା ଦସ୍ତାବିଜ୍‌କୁ ଖଣ୍ଡନ କରି କହିଛନ୍ତି ଯେ କୁଳଭୂଷଣଙ୍କୁ ଇରାନରୁ ଅପହରଣ କରି ପାକିସ୍ତାନ ସରକାର ମିଥ୍ୟା ନାଟକ କରୁଛନ୍ତି । ଯାହାକି ଭାରତ-ପାକ୍ ଦ୍ୱିପାକ୍ଷିକ ସମ୍ପର୍କକୁ ସଜାଡ଼ିବା ପରିବର୍ତ୍ତେ ଅଧିକ ବିଗାଡ଼ି ଦେଉଛି । କୁଳଭୂଷଣଙ୍କ ମୁକ୍ତି ନିମନ୍ତେ ଦେଶର ବିଭିନ୍ନ ସଂଗଠନ ପକ୍ଷରୁ ପାକ୍ ବିରୋଧରେ ବିକ୍ଷୋଭ ଆରମ୍ଭ ହୋଇଯିବା ଏହି ଘଟଣାକୁ ଆହୁରି ଜଟିଳ କରିବାର ଆଶଙ୍କା ଦେଖାଦେଇଛି । ସେହିଭଳି ଅନ୍ୟଏକ ଘଟଣାରେ ନେପାଳରେ ନିଖୋଜ ହୋଇଯାଇଥିବା ପାକିସ୍ତାନର ଜଣେ ଅବସରପ୍ରାପ୍ତ ସେନା ଅଧିକାରୀଙ୍କ ନିଖୋଜ ସମ୍ପର୍କରେ ଭାରତକୁ ସିଧାସଳଖ ଦାୟୀ କରିଛି ପାକିସ୍ତାନ ସରକାର । ହେଲେ କୁଳଭୂଷଣଙ୍କୁ ଇରାନ୍‌ରୁ ଅପହରଣ କରିବା ପଛରେ ନେପାଳରୁ ନିଖୋଜ ପାକ୍ ସେନା ଅଧିକାରୀଙ୍କ ସଦସ୍ୟତା ମଧ୍ୟ ସନ୍ଦେହଘେରରେ ରହିଛି । ଇସ୍‌ଲାମାବାଦ କୁଳଭୂଷଣଙ୍କ ଘଟଣା ସହ ଏହି ଘଟଣାକୁ ଯୋଡ଼ି ପୁଣି ବିଶ୍ୱରେ ଭାରତ ବିରୋଧରେ କିଛି ନୂଆ ବାର୍ତ୍ତା ଦେବାକୁ ପ୍ରୟାସ କରୁଥିବା ଜଣାପଡ଼ିଛି ।

ଏଥିପାଇଁ ଭାରତ-ପାକ୍ ସମ୍ପର୍କ ସରଳ ହେବା ପରିବର୍ତ୍ତେ ଜଟିଳ ହେବାରେ ଲାଗିଛି । କାଶ୍ମୀର ଯେ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଏକଥାକୁ ଆଦୌ ମାନୁନାହିଁ ପାକିସ୍ତାନ । ଫଳରେ ଦୁଇଦେଶ ମଧ୍ୟ ସର୍ବଦା କଳହ ଲାଗିରହୁଛି । ଆତଙ୍କବାଦୀଙ୍କ ଜରିଆରେ ଭାରତରେ ଆଶନ୍ତି ସୃଷ୍ଟି କରୁଛି ପାକିସ୍ତାନ । ଦୁଇଦେଶ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଭାରତ ସରକାର କରୁଥିବା ସବୁ ଉଦ୍ୟମକୁ ଭଣ୍ଡୁର କରୁଛି ପାକିସ୍ତାନ । ଫଳରେ ଦୁଇଦେଶର ସୀମାରେ ସର୍ବଦା ଯୁଦ୍ଧ ପରିସ୍ଥିତି, ସନ୍ଦେହ ଓ ଘୃଣା ଲାଗିରହିଛି । ଯାହାକି ଦୁଇଦେଶର ଲୋକଙ୍କ ମନରେ ଭୟ ସଂଚାର କରିବା ଦ୍ୱାରା ଦ୍ୱିପାକ୍ଷିକ ସମ୍ପର୍କରେ ଉନ୍ନତି ଆସୁନି । ଧର୍ମ ଆଳରେ ଲୋକଙ୍କ ଭିତରେ ବିଦ୍ୱେଷ ସୃଷ୍ଟି କରିବା ଦ୍ୱାରା ମାନବବାଦ ଲୋପ ପାଇବସୁଛି । ମାନବିକତାକୁ ଆଧାର ଜୀବନ ଜିଇବାର ସ୍ୱାଦ ନିଆରା ହୋଇଥିଲେ ବି ଏକଥାକୁ ସ୍ୱୀକାର କରୁନି ପାକିସ୍ତାନ । କେବଳ ହିଂସା ବା ଘୃଣା ଦ୍ୱାରା କୌଣସି ସମସ୍ୟାର ସମାଧାନ ହୋଇ ନ ଥାଏ ବୋଲି ଉଭୟ ଦେଶର ସରକାର ନ ବୁଝିବା ଯାଏ ଶାନ୍ତି ପ୍ରତିଷ୍ଠା ଅସମ୍ଭବ । ଏ ଦିଗରେ ଉଭୟ ଦେଶର ନାଗରିକ ନିଜର ସ୍ୱଷ୍ଟ ମତ ଦେଇ ସରକାରଙ୍କୁ ପରାମର୍ଶ ଦେବା ଉଚିତ । ଆଲୋଚନା ଓ ବିଚାରବିମର୍ଷ ହିଁ ଆଗକୁ ବଢ଼ିବାର ରାସ୍ତା ଦେଖାଇଥାଏ । ସେହି ଆଧାରରେ ଦୁଇଦେଶର ଲୋକେ ଭାଇଚାରା ପ୍ରତିଷ୍ଠା ପାଇଁ ନିଜର ସ୍ୱାର୍ଥ ତ୍ୟାଗ କରି ଆଗେଇ ଆସିବା ଦରକାର । ବେଇମାନୀ ସଫଳତା ଅପେକ୍ଷା ଅଧିକ କଷ୍ଟ ଦିଏ ବୋଲି ପାକିସ୍ତାନ ମାନି ନ ନେଲେ ସମସ୍ୟା ବଢ଼ିବ ସିନା କମିବ ନାହିଁ ।

# ଗଣତନ୍ତ୍ରର ଆବଶ୍ୟକତା – ଲୋକଙ୍କ ଭାଷାରେ ଶାସନ



**ଗଜାନନ ମିଶ୍ର**

ଆବ୍ରାହମ ଲିଙ୍କନ, ଯୁକ୍ତରାଷ୍ଟ୍ର ଆମେରୀକାର ପୂର୍ବତନ ରାଷ୍ଟ୍ରପତିଙ୍କ ଭାଷାରେ– ଗଣତନ୍ତ୍ର ହେଉଛି ଲୋକଙ୍କର, ଲୋକଙ୍କ ପାଇଁ ଓ ଲୋକଙ୍କ ଦ୍ୱାରା ହେଉଥିବା ଶାସନ ପ୍ରଣାଳୀ । ଗଣତନ୍ତ୍ର ଶାସନରେ ଜନଗଣ ହେଉଛନ୍ତି ମୂଳ । ଶୃଙ୍ଖଳିତ ଓ ପରିମାର୍ଜିତ ଗଣତନ୍ତ୍ର ହିଁ ବିଶ୍ୱର ସର୍ବୋତ୍କୃଷ୍ଟ ଶାସନ ପଦ୍ଧତି । ଏଥିପାଇଁ ଆବଶ୍ୟକ ଲୋକ ସଂପୃକ୍ତି । ତେଣୁ ଗଣତନ୍ତ୍ର ଦ୍ୱାରା ଜନସାଧାରଣଙ୍କର ମଙ୍ଗଳ ସହଜରେ ହୋଇପାରିଥାଏ । ଏକଛତ୍ରବାଦୀଙ୍କ ମନମୁଖୀ ଶାସନ ବା ଇଚ୍ଛା ଏଠାରେ ଚଳେ ନାହିଁ । ସହଜ ଭାବରେ କହିବାକୁ ଗଲେ ଗଣତନ୍ତ୍ର ହେଉଛି ଜନତାର ଶାସନ ଜନତାଙ୍କ ଭାଷାରେ ଜନତାଙ୍କ ଇଚ୍ଛାମତେ । ବ୍ୟକ୍ତିସ୍ୱାଧୀନତା, ବ୍ୟକ୍ତି ସ୍ୱାତନ୍ତ୍ର୍ୟ ହେଉଛି ଭୂମି । ଜନତାର ଭାଷା, ସଂସ୍କୃତି, ପରଂପରା ସହିତ ସାମୂହିକ ବିକାଶ ହେଉଛି ଗଣତନ୍ତ୍ରର ମୂଳଲକ୍ଷ୍ୟ । ଗଣତନ୍ତ୍ର ସୁଦୃଢ ହୁଏ ସାଧୁତା, କର୍ତବ୍ୟ ନିଷ୍ଠତା, ନିର୍ମଳ ଚରିତ୍ର, ପକ୍ଷପାତ ହୀନତା ସେବା ମନୋବୃତି ଆଦି ଆଦି ଦ୍ୱାରା । ଆମ ଭାରତ ବର୍ଷ ସ୍ୱାଧୀନତା ଲାଭ ହେଲା ପରେ ଆମର ଏକ ସମ୍ବିଧାନ ପ୍ରଣୟନ ହେଲା । ସେହି ସମ୍ବିଧାନର ପ୍ରାକ୍ ଭାଷରେ ସ୍ୱଷ୍ଟ ଘୋଷଣା ହେଲା ଯେ ଆମେ, ଭାରତର ଲୋକମାନେ ସାର୍ବଭୌମ । ଆମର ଶାସନ ପ୍ରଣାଳୀ ଗଣତନ୍ତ୍ର । ଏଠି କୌଣସି ଜାତି, ଧର୍ମ ବର୍ଣ ଆଦିର ପକ୍ଷପାତ ନାହିଁ । ସମସ୍ତଙ୍କର ସମାନ ଅଧିକାର ଅଛି ଏଠି । ଏଥିପାଇଁ ଲୋକଙ୍କ ଭାଷା ଶାସନ ଚାଲିବା ହେଉଛି ପ୍ରଥମ ଓ ପ୍ରଧାନ ସର୍ତ । ସମ୍ବିଧାତର ଅଷ୍ଟମ ସୂଚୀରେ ସେଥିପାଇଁ କେବଳ ଭାରତୀୟ ଭାଷାକୁ ହିଁ ସ୍ଥାନ ଦିଆଯାଇଛି । କୌଣସି ବିଦେଶୀ ଭାଷାର ସ୍ଥାନ ନାହିଁ । ସମ୍ବିଧାନର ୩୪୩ ଧାରାରେ ସ୍ୱଷ୍ଟ ଲେଖାଯାଇଛି ଯେ ଦେବନାଗିରୀ ଲିପିର ହିନ୍ଦୀ ହେଉଛି ଭାରତର ସରକାରୀ ଭାଷା । ପୁଣି କୁହାଗଲା ସମ୍ବିଧାନ ଲାଗୁ ହେବାର ୧୫ ବର୍ଷଯାଏ ଇଂରେଜି ବ୍ୟବହାର କରାଯିବ । ଅର୍ଥାତ୍– ୧୯୫୦ରେ ସମ୍ବିଧାନ ଲାଗୁ ହେଲା, ୧୯୬୫ ବେଳକୁ ଇଂରେଜି ଅଣସାମ୍ବିଧାନିକ ଭାଷା ହୋଇସାରିଲାଣି । ସମ୍ବିଧାନର ଧାରା ୩୪୫ରେ କୁହାଗଲା ରାଜ୍ୟସରକାରଗଣ ତାଙ୍କର ଭାଷା ଆଇନ ତିଆରି କରି ପାରିବେ । ଏହି ଧାରା ଅନୁସାରେ ଆମ ରାଜ୍ୟ ଓଡିଶା ସରକାର ଅକ୍ଟୋବର ୧୪ ତାରିଖ, ୧୯୫୪ରେ ଭାଷା ଆଇନ ତିଆରି କରିଛନ୍ତି– ସେଠି ଲେଖାଅଛି – ସବୁ ବା ଯେ କୌଣସି କାର୍ଯ୍ୟରେ ଓଡିଆ ଭାଷା ବ୍ୟବହାର କରାଯିବ । ଏହାର ଅନ୍ୟ ଅର୍ଥ ହେଲା – ଓଡିଆ ବ୍ୟତୀତ ଯଦି ଅନ୍ୟ ଭାଷା ବ୍ୟବହାର କରାଯିବ ତାହା ହେବ ଆଇନ ବାହାରେ ବା ବେଆଇନ । ଭାଷା ଆଇନ ୧୯୫୪ରେ ଲେଖା ହୋଇଛି ଏହି ଆଇନ ତୁରନ୍ତ ଲାଗୁ ହେବ । ଅର୍ଥାତ୍ ଅକ୍ଟୋବର ୧୯୫୪ ପରେ ଯେତେ ଚିଠି ପତ୍ର ଆଦେଶ ରାଜ୍ୟ ସରକାର ଲେଖିଛନ୍ତି ଓଡିଆ ଛଡା ଅନ୍ୟ ଭାଷାରେ ତାହା ସବୁ ବେଆଇନ । ଓଡିଶାରେ ଯେହେତୁ ଓଡିଆ ଭାଷାଭାଷୀ ଲୋକ ରହିଛନ୍ତି, ଓଡିଶା ତିଆରି ହୋଇଛି ଓଡିଆ ଭାଷା ପାଇଁ, ଓଡିଆ ଲୋକେ ଭୋଟ ଦେଇ ନିଜ ପ୍ରତିନିଧି ପଠାଉଛନ୍ତି ବିଧାନସଭାକୁ ଆଇନ ତିଆରି ଉଦ୍ଦେଶ୍ୟରେ, ସମସ୍ତ ମାନ୍ୟବର ବିଧାୟକ, ମନ୍ତ୍ରୀ, ଅଫିସର ଅମଲା , ଏପରିକି ବିଚାର ବିଭାଗରେ କାର୍ଯ୍ୟରତ ବିଚାରପତି ସମେତ ସମସ୍ତ ଅଧିକାରୀ କିରାଣୀଗଣ ଓଡିଆ ଲୋକଙ୍କର ଟିକସ ଟଙ୍କାରେ ଦରମା ନେଉଛନ୍ତି । ଓଡିଆ ଲୋକମାନେ ହିଁ ଏଠାକାର ମାଲିକ । ତେଣୁ ମାଲିକଙ୍କ ଭାଷାରେ ଶାସନ ବା ସେବା କରିବା ସେମାନଙ୍କର ପ୍ରଥମ ଓ ପ୍ରଧାନ ଦାୟିତ୍ୱ ଓ ଏହା ନିହାତି ଆବଶ୍ୟକ । ସେବକବୃନ୍ଦ କଣ ଲେଖୁଛନ୍ତି, କଣ କରୁଛନ୍ତି ମାଲିକର ଜାଣିବା ନିହାତି ଜରୁରୀ । ଯଦି ମାଲିକ ସେବକର କଥା ଭାଷା ଲେଖା ପଢା ବୁଝି ପାରିଲା ନାହିଁ ତାହା ଠକାମି ହେଲା ବୋଲି ବିଚାରିବାକୁ ହେବ । ମାଟିର, ଗଣତନ୍ତ୍ରର ମର୍ଯ୍ୟାଦା ବୃଦ୍ଧି ପାଇଁ ଲୋକଙ୍କ ଭାଷାରେ ଆଇନର ଭାଷାରେ ସମ୍ବିଧାନର ଭାଷାରେ ସବୁ କାର୍ଯ୍ୟ ହେବା ଆବଶ୍ୟକ । ଲୋକଙ୍କ ଉପରେ, ଆଇନର ଉପରେ ଆମର ଏଠି କେହି ନାହାନ୍ତି, କିଛି ନାହିଁ । ଆଉ ଆଇନର ଅମାନ୍ୟ କଲା ଲୋକ ଦଣ୍ଡ ପାଇବା ନିହାତି ଆବଶ୍ୟକ । ଅଇନ ଭଙ୍ଗ ପାଇଁ ଦଣ୍ଡର ବିଧାନ ରହିବା ଉଚିତ୍ । ଏହି ସାଧାରଣ କଥା ପାଇଁ ଆଜିକୁ ଏକ ବର୍ଷ ହୋଇଗଲା ଆମର ନୀରବ ଶୋଭାଯାତ୍ରା ଚାଲିଛି ରାଜଧାନୀର ଛାତି ଉପରେ, ବିଧାନସଭାଠାରୁ, ଆଇନ ପ୍ରଣେତା ବରେଣ୍ୟ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତୀ ଠାରୁ ରାଜ ଭବନ ସାମ୍ନା ତଥା ଉତ୍କଳ ଗୌରବ ମଧୁବାବୁଙ୍କ ପ୍ରତିମୂର୍ତୀ ଯାଏ । ଏକମାତ୍ର ଦାବି ଭାଷା ଆଇନ ଉଲ୍ଲଂଘନକାରୀଙ୍କୁ ଦଣ୍ଡ । ଏଣୁ ପ୍ରତିବାଦ ସ୍ୱରୂପ କଳାପତାକା ପ୍ରଦର୍ଶନ । କଳାର ଅର୍ଥ ତ ଆହୁରି ଅନେକ ଯେମିତି ସମସ୍ତଙ୍କୁ ଆପଣେଇ ନିଜ ଭିତରେ ରଖିବା ।

ଭାଷା, ଏକ ଜାତିର ମାନ ଗୌରବର ପ୍ରଶ୍ନ, ଏକ ରାଜ୍ୟର, ଆଇନର ମର୍ଯ୍ୟାଦାର କଥା । ଗଣତନ୍ତ୍ରର ମୂଳ ହେଉଛି ମଣିଷର ସମ୍ମାନ । ଆଉ ଏହା ନ ରହିଲେ ଜନଗଣର ତଥା ଗଣତନ୍ତ୍ର ହତ୍ୟା ହେଉଛି ବୋଲି ବିଚାରିବାକୁ ହେବ । ଏହି ଚେତନାଟିକୁ ଜାଗ୍ରତ କରିବା ଉଦ୍ଦେଶ୍ୟରେ ୨୦୧୫ ମସିହା ଏପ୍ରିଲ ୧ ତାରିଖରେ ଗୋଟିଏ ଦିନ ଅନଶନରେ ବସିଥିଲି ଆମ ରାଜ୍ୟର ରାଜଭାବନ ସାମ୍ନାରେ । ସବୁ ଜାତି ଧର୍ମ ବର୍ଣ ଦଳର ବିପୁଳ ସମର୍ଥନ ମତେ ମୋହିତ କରିଥିଲା । କିନ୍ତୁ ସେହି ଗୋଟିଏ ଦିନର ଅନଶନକୁ ସରକାର ବେଖାତିର କଲେ । ତେଣୁ ପୁନଶ୍ଚ ସେହିବର୍ଷ ଜୁଲାଇ ୧ ରୁ ଆମରଣ ଅନଶନରେ ବସିଲି ସଚିବାଳୟ ସାମ୍ନା ଲୟର ପିଏମଜିଠାରେ, ମତେ ସମର୍ଥନ କରି ଭାଷା କ୍ରିଆନୁଷ୍ଠାନ କମିଟି ଗଢାଗଲା । ନାଗରିକ ସମାଜ, କୃଷକ ସମାଜ ଆଦି ବିଭିନ୍ନ ଦଳ, ଗୋଷ୍ଠୀ ମିଶିଲେ । ରାଜ୍ୟ କଂପିଲା । ଲାଗିଲା– ଏତେ ଦିନେ ଯାହାହେଉ ଭାଷା ପ୍ରତି ସଚେତନତା ବୃଦ୍ଧି ପାଇଛି । ନୂତନ ଭାବେ ଭାଷା ଆନ୍ଦୋଳନ ସର୍ବତ୍ର ବ୍ୟାପିଲା । ସରକାରଙ୍କ କୁମ୍ଭକର୍ଣ ନିଦ ଭାଙ୍ଗିଲା । ଇଂ ତା. ୮.୭.୨୦୧୫ ସଂଧ୍ୟାରେ ମାନ୍ୟବର ଆଇନ ମନ୍ତ୍ରୀ ଅନଶନ ସ୍ଥଳୀକୁ ଆସିଲେ, ଯାହା ହେଉଛି ସତରେ ଭୁଲ ବୋଲି ମାନିଲେ । ଓଡିଆରେ ସମସ୍ତ କାର୍ଯ୍ୟ ହେବ ଅଗଷ୍ଟ ୧ ରୁ ବୋଲି ପ୍ରତିଶ୍ରୁତି ଦେଲେ । ଆମେ ଅନଶନରୁ ଉଠିଲୁ । ଜାତୀୟ ଗୌରବ ରକ୍ଷା ହେଲା ଭଳି ଲାଗିଲା ବା ଅନୁଭବ ହେଲା । କିନ୍ତୁ ୧.୮.୨୦୧୫ରେ ମନ୍ତ୍ରୀ ସ୍ତରୀୟ ବୈଠକ ବସିଲା କେମିତି ଓଡିଆରେ ଶାସନ କରାଯିବ । ଆଶ୍ଚର୍ଯ୍ୟ ଲାଗିଲା – ନିଜ ଘରେ ନିଜେ କେମିତି ନିଜ ଭାଷାରେ କଥାବର୍ତା କରାଯିବ ସେଥିପାଇଁ କମିଟି, ଯୁକ୍ତିତର୍କ କେତେକଣ । ଧନ୍ୟରେ ଗଣତନ୍ତ୍ର । ଆମେ କେମିତି ସ୍ୱାଧୀନତା ପାଇଛେ ! ପ୍ରଥମ ବୈଠକରୁ ହିଁ ମୋ ମନରେ ସନ୍ଦେହ ଆସିବାରୁ ମୁଁ ଏକ ଲେଖା ଲେଖିଲି ଯାହା ପ୍ରକାଶ ପାଇଲା ଦୈନିକ ସମାଜରେ ୧୦.୮.୨୦୧୫ ତାରିଖ । ଏବଂ ଯାହା ଲେଖିଥିଲି ତାହା ହିଁ ସତ ହୋଇଛି ଆପଣ ମାନେ ଜାଣନ୍ତି । ସରକାରଙ୍କ ନିଷ୍ଠା ନାହିଁ ଲୋକଙ୍କ ଭାଷା ପ୍ରତି, ଲୋକଙ୍କ ଭାଷାରେ ଲୋକଙ୍କୁ ଚିଠିଟିଏ ଦେବା ପାଇଁ । ଦୁଇଥର ଭେଟିଥିଲି ମୁଖ୍ୟ ମନ୍ତ୍ରୀଙ୍କୁ ତାଙ୍କ ନବିନ ନିବାସରେ, ମତେ ପଚାରିଲେ ଆପଣଙ୍କୁ କଣ ଦରକାର । ମୁଁ ସ୍ୱଷ୍ଟ କହିଲି ମତେ ଓଡିଆରେ ଚିଠି ଟିଏ ଦରକାର । ବିଦ୍ରୁପ ଭଙ୍ଗୀରେ ମତେ ଦେଖି କହିଲେ ଠିକ୍ ଅଛି , ଠିକେ ଅଛି । ମୁଁ ଫେରି ଆସିଥିଲି କିନ୍ତୁ ନିଜକୁ ଆହୁରି ଶକ୍ତ ମନେ କରିଥିଲି ସେ ଦିନ । ବନ୍ଧୁଗଣ, ଏଇ ତ ଗଣତନ୍ତ୍ର । ଲୋକଟିଏ ଯେତେ ହାରୁଥିବ, ସେତେ ଶକ୍ତ ଅନୁଭବ କରୁଥିବ ଭିତରେ ଭିତରେ । ଚାବୁକ ମାଡ ଖାଇବ, ଜେଲ ଯିବ, ଗାଳି ଶୁଣିବ , ସର୍ବସ୍ୱ ହରାଇବ, ଏକଛତ୍ରପତି, ଗର୍ବୀଙ୍କ ଠାରୁ କିନ୍ତୁ ଦୋହଲାଇ ଦେଉଥିବ ଶାସନ, ସିଂହାସନ । ଏମିତି ସମୟ ଆସିବ, ଟଳି ପଡିବ ସିଂହାସନରୁ ଜାଣିପାରିବ ନାହିଁ ଅଂହକାରୀ ତଥାକଥିତ ସମ୍ରାଟ । ନିଷ୍ପ୍ରାଣ, ଶୁଷ୍କ କାଷ୍ଠ ପାଷାଣ, ଖୁମ୍ବିରୁ ଶକ୍ତି ବାହାରିବ ଶେଷ କରିବାକୁ ମାଟିକୁ ଭାଷାକୁ ଅତ୍ୟାଚାର କରୁଥିବା ପାଗଳକୁ । ସାତ ତାଳ ପାଣିରେ ଲୁଚିଥିଲେ ବି ମାଟିର ଭାଷା ରଡି ତାହାକୁ ପଦାକୁ ବାହାର କରିଦେବ ଆଉ ଜାନୁଭଙ୍ଗ କରିଦେଇ କରିଦେବ ପଙ୍ଗୁ ସବୁଦିନ ପାଇଁ ନିଜ ଅହମିକାରେ ଜର୍ଜର ହେଉଥିବା କୁଳାଙ୍ଗାରକୁ । ଧର୍ମର ଜୟ ହେବ, ସତ୍ୟର ଜୟ ହେବ । ତେଣୁ ତ ସତ୍ୟ ମେବ ଜୟତେ ବୋଲି ଲେଖାଯାଇଛି ସମସ୍ତ ନ୍ୟାୟାଳୟରେ ଆଜି ବି । ସତ୍ୟ ଓ ଅହିଂସାର ପୂଜାରୀ ମହାତ୍ମା ଗାନ୍ଧୀ , ଜାତିର ପିତା ପୂଜା ପାଉଛନ୍ତି ପ୍ରତ୍ୟହ । କିନ୍ତୁ ବେଶି ଦୁଃଖ ଲାଗୁଛି ସେଠି ବି ଆଜି ଆଇନ ଅନୁସାରେ, ସମ୍ବିଧାନ ଅନୁସାରେ ମାଟିର ଭାଷାରେ, ରାଜ୍ୟର ଭାଷାରେ କାର୍ଯ୍ୟ ହେଉ ନାହିଁ । ସେଠି ବି ଜନସାଧାରଣଙ୍କୁ ଯେତେ ଆଦରରେ ଶୁଣିବା କଥା ହେଉ ନାହିଁ । ଆଜି ବି ଏତେ ବର୍ଷ ୧୯୪୭ରୁ ସ୍ୱାଧନତା ପାଇଲା ପରେ ବି, ଭାଷାକୁ ନେଇ ସ୍ୱାତନ୍ତ୍ର ରାଜ୍ୟ ଗଠିତ ହେଲା ପରେ ବି ୧୯୩୬ରୁ, ଓଡିଆ ଭାଷା ରେ ରାୟ, ଆଦେଶ ମିଳିନାହିଁ । ଉଚ୍ଚ ନ୍ୟାୟାଳୟ, କଟକ ୨୦୦୭ରୁ କହିସାରିଲେଣି ଯେ ଓଡିଆରେ ରାୟ ଦିଅ । ଦେବାନୀ କାର୍ଯ୍ୟବିଧି ସଂହିତା , ଫୌଜଦାରୀ କାର୍ଯ୍ୟବିଧି ସଂହିତା କହୁଛନ୍ତି ରାଜ୍ୟ ଭାଷା ହେଉଛି ଅଧସ୍ତନ ଅଦାଲତର ଭାଷା । ଆମ ପଡୋଶୀ ରାଜ୍ୟରେ ସେମାନେ ତାଙ୍କ ଭାଷାରେ ରାୟ ଆଦି ପାଉଛନ୍ତି, କିନ୍ତୁ ଆମର କି ଦୁର୍ଭାଗ୍ୟ ଯେ ଏ ଯାଏ ଆମକୁ ମିଳି ପାରି ନାହିଁ, ଏଯାଏ ଆଇନ ପାଠ ଓଡିଆରେ ହୋଇ ପାରି ନାହିଁ କଣ ପାଇଁ ? ପଡୋଶୀ ରାଜ୍ୟ ଛତିଶଗଡ, ରାୟପୁର ଜିଲ୍ଲା ବିଚାରପତି କହିଥିଲେ ୨୦୦୧ ମସିହାରେ ଫରେନ ଲାଙ୍ଗୁଏଜ ମେ କ୍ୟୁଁ । କହାଁ ଲିଖା ହେ ଫରେନ ଲାଙ୍ଗୁଏଜ ମେ କରନେ କେ ଲିଏ ? ଛତିଶଗଡର ସୃଷ୍ଟି କିନ୍ତୁ ହୋଇଥିଲା ସେହି ବର୍ଷ ନଭେମ୍ବର ୨୦୦୧ରେ । କିନ୍ତୁ ଆମେ ୧୯୩୬ରୁ ଓଡିଆ ଭାଷା ପାଇଁ ରାଜ୍ୟ ପାଇ ବି ଫରେନ ଲାଙ୍ଗୁଏଜ ମେ କ୍ୟୁଁ ? ଜଣେ ତେଲୁଗୁ ବିଚାରପତି କହିଲେ – ତୁମ ଦେହରେ ଓଡିଆ ରକ୍ତ ନାହିଁ ବାବୁ, ତୁମ ବାପା ମା ଠିକ୍ ନୁହନ୍ତି । ନ ହେଲେ କାହିଁକି ଓଡିଆରେ ସବୁ କାମ କରୁ ନ ! ଆମକୁ ସହିବାକୁ ପଡିଛି । ପୁରୀ ଆଜମିର ଏକ୍ସପ୍ରେସରେ ଆସୁଥିବା ଜଣେ ଚାହା ବିକାଳି କହିପାରିଲା ବଲାଙ୍ଗିରଷ୍ଟେସନରେ ହିନ୍ଦି ମେ ନେହିଁ ବୋଲନେ ସେ ଚା ନେହିଁ ଦୁଁଗା । ଆଉ ଦେଲା ନାହିଁ । କିନ୍ତୁ ଆମେ ନିର୍ଲଜଗଣ ଓଡିଆରେ କହି ଲେଖି ପଢି ନ ପାରୁଥିଲେ ବି ଆମର ରାଜ୍ୟକୁ ଦେଇଦେଇଛୁ ଦୀର୍ଘ ୧୭ ବର୍ଷ ହୋଇଗଲା । ଏବେ ଜାତିର ଆତ୍ମା ଓଡିଆ ଗଲାଣି କୁଆଡେ । ଆଉ କେତେ ସହ୍ୟ କରିବା ? ଓଡିଆରେ ଶାସନ ନ ହେଲେ ଦଣ୍ଡ ଏକମାତ୍ର ରାସ୍ତା । ମୋଟରସଇକେଲ ସ୍କୁଟର ଚଳାଇଲାବେଳେ ହେଲମେଟ ନ ପିନ୍ଧିଲେ ଯଦି ଫାଇନ ଅଛି, ଭାଷା ଆତ୍ମା ଆଇନ କୁ ନ ମାନିଲେ କଣ କିଛି ନାହିଁ ? ବନ୍ଧୁଗଣ ଏମିତି ହିନସ୍ତା ହୋଇ ବଂଚିବା ଅପେକ୍ଷା କର ବା ମର ନୀତିରେ ଚାଲିବାକୁ ହେବ । ମୋର ଗୋଟିଏ ପ୍ରସ୍ତାବ – ଏଇ ମାସଠାରୁ ଆମକୁ ପ୍ରତି କାର୍ଯ୍ୟାଳୟକୁ ଯାଇ ଅଧିକାରୀଗଣଙ୍କୁ କହିବାକୁ ହେବ , ମହାଶୟ, ଓଡିଆରେ ଲେଖିବ ତ କାର୍ଯ୍ୟାଳୟ ଭିତରକୁ ପଶ ନଚେତ, ପରିଣାମ ପାଇଁ ପ୍ରସ୍ତୁତ ରହ । ସରକାରୀ କର୍ମଚାରୀକୁ କାର୍ଯ୍ୟାଳୟକୁ ପଶେଇ ନ ଦେବା ପାଇଁ ଆମ ଉପରେ ଦଣ୍ଡ ବିଧାନ ଲାଗୁ ହୋଇପାରେ ସତ କିନ୍ତୁ ଯା ପାଇଁ ଆମେ ସତର୍କ ରହିବାକୁ ହେବ, ପ୍ରସ୍ତୁତ ରହିବାକୁ ହେବ ଏବଂ ଆଉ କଣ କରିବାକୁ ହେବ ଚିନ୍ତା କରାଯାଉ ତୁରନ୍ତ । ଅଧସ୍ତନ ଅଦାଲତରେ ସବୁ କାର୍ଯ୍ୟ ଓଡିଆରେ କରାଯାଉ ବୋଲି ଜିଲ୍ଲା ବିଚାରପତିଙ୍କୁ ଭେଟି, କୁହାଯାଉ । ଲେଖିକରି ଅନୁରୋଧ କରାଯାଉ । ବଲାଙ୍ଗିର ଜିଲ୍ଲା ବିଚାରପତିଙ୍କୁ ଭେଟି ମୁଁ ସଫଳତା ପାଇଛି କେତେକାଂଶରେ । ସାମୂହିକ ଭାବରେ ପୁଣି ପୁଣି ଓକିଲ ବନ୍ଧୁଙ୍କୁ କୁହାଯାଉ । ବିଧି ବିଧାନ ଆଇନକୁ ବିଚାରାଳୟ ପ୍ରଥମେ ମାନନ୍ତୁ । ଗଣତନ୍ତ୍ର ପାଇଁ, ଓଡିଶାର ଅସ୍ତିତ୍ୱ, ମାନ ସମ୍ମାନ, ଜନଗଣର ସର୍ବାଙ୍ଗୀନ ବିକାଶ ନିମନ୍ତେ ଏହା ଜରୁରୀ ଅଟେ ।

**ତପୋବନ, ଟିଟିଲାଗଡ, ବଲାଙ୍ଗିର**
**୯୪୩୭୩୬୬୬୪**

# ଚୈତ୍ରପୂର୍ଣ୍ଣିମା ଓ କୈବର୍ତ୍ତଙ୍କ ଘୋଡ଼ାନାଚ



**ପ୍ରଫେସର ଡାକ୍ତର ଦୟାନିଧି ଦାସ**

ଆଧ୍ୟାତ୍ମିକ ଭାବନାରେ ଚୈତ୍ର ଶବ୍ଦର ଅର୍ଥ ହେଉଛି ଦେବାଳୟ ଏବଂ ଯଜ୍ଞଭୂମି । ଭାରତ ବର୍ଷ ହେଉଛି ଆର୍ଯ୍ୟ ସନାତନା ସଂସ୍କୃତିରେ ବିଶ୍ୱାସ ରଖିଥିବା ଦେବାଳୟ କ୍ଷେତ୍ର ଏବଂ ପବିତ୍ର ଯଜ୍ଞଭୂମି । ଚୈତ୍ରମାସଟି ହେଉଛି ବସନ୍ତ ଋତୁର ଶେଷ ମାସ । ସୌରଜଗତରେ ନଅଟି ଗ୍ରହ ଓ ତେଇଶଟି ନକ୍ଷତ୍ର ରହିଛି । ତାହା ଭିତରୁ ଚନ୍ଦ୍ର ଗୋଟିଏ । ଯେଉଁ ପୂର୍ଣ୍ଣମୀଦିନ ଚନ୍ଦ୍ର ଚିତ୍ରା ନକ୍ଷତ୍ରଯୁକ୍ତ ହୁଅନ୍ତି ସେହି ପୂର୍ଣ୍ଣମୀକୁ ହିଁ ଚୈତ୍ରପୂର୍ଣ୍ଣିମା କୁହାଯାଏ । ସେହିପରି ପୌରାଣିକ କାହାଣୀକୁ ଦେଖିଲେ ଜଣାଯାଏ ବୁଧଙ୍କ ଔରସରେ ଚିତ୍ରା ନକ୍ଷତ୍ରଗର୍ଭରୁ ଉତ୍ପନ୍ନ ପୌରାଣିକ ସପ୍ତଦୀପର ଅଧିଶ୍ୱର ରାଜବିଶେଷ ଓ ଚୈତ୍ର ନାମକ ରାଜବଂଶର ପ୍ରବର୍ତ୍ତକ । ଓଡ଼ିଶାର କୈବର୍ତ୍ତ ବା କେଉଟ ମାନଙ୍କ ଶ୍ରେଷ୍ଠ ପର୍ବ ହେଉଛି ଚଇତି ପୁନେଇ । ଚଇତ ପୁନେଇକୁ ସଂସ୍କୃତ ଭାଷାରେ ଚୈତ୍ର ପୂର୍ଣ୍ଣିମା କୁହାଯାଏ । କୈବର୍ତ୍ତମାନେ ଏହି ପର୍ବରେ ଅଶ୍ୱମୁଖୀ ବାସୁଳୀଙ୍କର ପୂଜା କରନ୍ତି । ପୂର୍ଣ୍ଣିମା ଠାରୁ ଅଷ୍ଟମୀ ପର୍ଯ୍ୟନ୍ତ ବିଭିନ୍ନ ଗ୍ରାମ ବୁଲି ଘୋଡ଼ାନାଚ ପ୍ରଦର୍ଶନ କରିଥାନ୍ତି । ଏହି ଚୈତ୍ରପୂର୍ଣ୍ଣିମାର ପୌରାଣିକ କଥାବସ୍ତୁ ମଧ୍ୟ ରହିଛି ତ୍ରେତୟା ଯୁଗରେ ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ପିତା ଦଶରଥଙ୍କ ସତ୍ୟପାଳନ କରି ଚଉଦ ବର୍ଷ ବନଗମନ ବେଳେ ସରଜୁ ନଦୀରେ ତାଙ୍କୁ ଜଣେ କୈବର୍ତ୍ତ ନୀଦ ପାର କରାଇଥିଲେ ଯାହାଙ୍କ ନାମ ଥିଲା ଦାଶରାଜା । ତାଙ୍କ ଭକ୍ତିରେ ପ୍ରୀତ ହୋଇ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଗୋଟିଏ ଘୋଟକ ପୁରସ୍କାର ଭାବେ ଦେଇଥିଲେ । ସେହି ପବିତ୍ର କୃପା ଆଶୀର୍ବାଦକୁ ସ୍ମରଣ ପୂର୍ବକ କୈବର୍ତ୍ତମାନେ ଏହି ଦିବସରେ ଘୋଡ଼ାର ମୂର୍ତ୍ତି ନିର୍ମାଣ କରି ପୂଜା କରନ୍ତି । ଏକ ପୁରାଣ ବହି 'କୈବର୍ତ୍ତ୍ୟ ଗୀତା'ରେ ଉଲ୍ଲେଖ ଅଛି ଯେ ସୃଷ୍ଟି ପ୍ରଳୟ ସମୟରେ ଭଗବାନ ଏକ ବଟପୁଟରେ ଶୟନରତ ମୁଦ୍ରା ବେଳେ ଜଳର ଲହରୀରେ ଉକ୍ତ ବଟପୁଟ ଦୋହଲିବାରୁ ଭଗବାନ ସ୍ୱୟଂ ନିଜ କର୍ଣ୍ଣମୂଳର ମଳିରୁ ଏକ ପୁରୁଷ ସୃଷ୍ଟି କରିଥିଲେ । ଏହି ପୁରୁଷଟି ତାଙ୍କ କର୍ଣ୍ଣମୂଳସ୍ଥ ମଳିରୁ ଜାତ ହୋଇଥିବାରୁ ସେ କୈବର୍ତ୍ତ ଭାବରେ କଥିତ ହେଲେ । ଏନେଇ 'କୈବର୍ତ୍ତ୍ୟ ଗୀତା'ରେ ଲେଖାଅଛି – 'ହେଇ କିରୀଟୀ ଶୁଣିବା ଶ୍ରୀପତି, ସକଳ ଦିଅ ହେଜାଇ । କର୍ଣ୍ଣ ଧାର କଇବର୍ତ୍ତର ଜନମ, ଶ୍ରୀମୁଖରେ ଦେବା କହି । ପ୍ରଳୟ ଜଳରେ ସେ କର୍ଣ୍ଣ ଧାରକୁ, କର୍ଣ୍ଣମୂଳୁ ଜାତ କଲୁ । ତାହାଙ୍କୁ ନୃପତି କରିବ ବୋଲିଣ, ଶ୍ରୀମୁଖରେ ଆଜ୍ଞା ଦେଲୁ ।'

ଚୈତ୍ର ପୂର୍ଣ୍ଣମୀ ଦିନ କୈବର୍ତ୍ତ ମାନେ ନିଜ ଘରଦ୍ୱାରା ସଫା କରି ଲିପାପୋଛା ପୂର୍ବକ ପବିତ୍ର କରିଥାନ୍ତି, ଚିତା ଆଙ୍କିଥାନ୍ତି । ତାଙ୍କ ବୋଇତକୁ ଧୋଇ ଫୁଲ, ଚନ୍ଦନ, ସିନ୍ଦୂର ଓ ନୈବେଦ୍ୟ ସମର୍ପଣ କରିଥାନ୍ତି । ବିଶ୍ୱକର୍ମାଙ୍କୁ ମଧ୍ୟ ଏହି ଦିନ କୈବର୍ତ୍ତମାନେ ପୂଜା କରିଥାନ୍ତି । ସେମାନେ ତାଙ୍କ ବନ୍ଧୁବାନ୍ଧବଙ୍କୁ ଡାକି ନୂତନ ବସ୍ତ୍ର ପ୍ରଦାନ ମଧ୍ୟ କରିଥାନ୍ତି । ଅଶ୍ୱମୁଖୀ ବାସୁଳୀଙ୍କର ପୂଜା ଏହି ଚୈତ୍ର ପୂର୍ଣ୍ଣିମାରେ ହୋଇଥାଏ । ଓଡ଼ିଶାର ବିଶେଷକରି ଉପକୂଳ ଅଞ୍ଚଳରେ କୈବର୍ତ୍ତମାନଙ୍କ ବସ୍ତୀରେ ଚଇତି ଘୋଡ଼ାନାଚ ଆନନ୍ଦ ସମାରୋହରେ ଅନୁଷ୍ଠିତ ହୁଏ । କେତେକ ସ୍ଥାନରେ ଗ୍ରାମରେ ଏକତ୍ର ହୋଇ କୈବର୍ତ୍ତମାନେ ଏକ ବାଉଁଶ ବୁଦାମୂଳକୁ ସଫାକରି ସେହି ଗଛମୂଳେ ପଣା ଓ ଫୁଲ ସମର୍ପଣ କରି ପୂଜା କରନ୍ତି । ଚୈତ୍ର ପୂର୍ଣ୍ଣିମା ଦିନ କୈବର୍ତ୍ତମାନେ ତାଙ୍କ ସଜ ବସିବା ଘରକୁ ଲିପାପୋଛା କରି ଚିତା ପକାନ୍ତି । ଯେଉଁମାନଙ୍କର ଜାଲ ଥାଏ ତାକୁ ଥୋଇ ମଧ୍ୟ ପୂଜା କରନ୍ତି । ଓଡ଼ିଶାର ଲୋକକାହାଣୀ ଉପରେ ଗବେଷଣାକରି ପୁସ୍ତକ ଲେଖିଥିବା ଡକ୍ଟର କୁଞ୍ଜବିହାରୀ ଦାଶଙ୍କ ଓଡ଼ିଶା ଲୋକଗୀତ ଓ କାହାଣୀରେ ଲେଖାଅଛି – 'ଜାଲିଆ, ନାଉରୀ, ଚୁଡାକୁଟା ପ୍ରଭୃତି ହେଉଛନ୍ତି ନିଆଳି କୈବର୍ତ୍ତ । ଏହି ନିଆଳି କୈବର୍ତ୍ତ, କୁଳାଚାର ଭ୍ରଷ୍ଟା ଶିଉଳି ଧୀବର ଓ ସାହୁ ଗୁଡ଼ିଆମାନେ ହେଉଛନ୍ତି ଦାସ ରାଜାଙ୍କର ବଂଶଧର । ଏମାନଙ୍କ ମଧ୍ୟରେ ସାହୁ ଗୁଡ଼ିଆଙ୍କ ଛଡ଼ା ଅନ୍ୟମାନେ ଯୁଗ, ଯୁଗ ଧରି ବାଶୁଳୀ ମୁଣ୍ଡ ପୂଜାକରି ଆସୁଛନ୍ତି ।'

କେତେକ କୈବର୍ତ୍ତ ଢିଙ୍କିରେ ଚୁଡ଼ା କୁଟିଥାନ୍ତି ଏହା କୈବର୍ତ୍ତ ସମାଜର ମୁଖ୍ୟ ସମ୍ବଳ । ଏହି ଢିଙ୍କିରେ ଲକ୍ଷ୍ମୀ, ବାଶେଳୀ ଓ ସ୍ୱୟଂ ବିଶ୍ୱକର୍ମା ବିଦ୍ୟମାନ । ତେଣୁ କେତେକ କୈବର୍ତ୍ତମାନେ ଢିଙ୍କି ପୂଜା କରିଥାନ୍ତି । ଚୈତ୍ରମାସରେ ଗ୍ରାମେ ଗ୍ରାମେ ମା'ମଙ୍ଗଳାଙ୍କୁ ପୂଜା କରାଯାଇଥାଏ । କୈବର୍ତ୍ତ ଗୀତାରେ ଅଚ୍ୟୁତାନନ୍ଦ ଦାସ ଉଲ୍ଲେଖ କରିଛନ୍ତି 'ବାଶେଳୀ ହେଉଛନ୍ତି ମହାମାୟୀ ଅଷ୍ଟଭୂଜା ଚଣ୍ଡିକା ଓ ମଙ୍ଗଳା ।' ଚୈତ୍ର ପୂର୍ଣ୍ଣିମାର ଘୋଡ଼ାନାଚ କେବଳ କୈବର୍ତ୍ତ କାହିଁକି ସବୁଧର୍ମର ସବୁ ବିଚାର ଆଦର୍ଶର ଦର୍ଶକଙ୍କୁ ଆନନ୍ଦ ଦେଇଥାଏ । କାରଣ ଘୋଡ଼ାକୁ ନଚାଇବା ବେଳେ ଦୁଇଜଣ କୈବର୍ତ୍ତ ସ୍ୱାମୀ–ସ୍ତ୍ରୀ, ରାଉତ–ରାଉତାଣୀ ବେଶରେ ବିଭିନ୍ନ ମଜାଦାର ଅଙ୍ଗଭଙ୍ଗୀ କରି କୈବର୍ତ୍ତ ପୁରାଣର କଥାବସ୍ତୁ ଦ୍ୱାରା ଗାଉଁଲୀ କବିମାନେ ଯେଉଁ ଉପଦେଶାବଳୀଧର୍ମୀ ଗୀତ ରଚନା କରିଥାନ୍ତି ତାହା ଅତ୍ୟନ୍ତ ଆନନ୍ଦଦାୟକ ଓ ପ୍ରେରଣାଦାୟକ ମଧ୍ୟ । ଯଥା – 'ଘୋଡ଼ା ମୁଣ୍ଡେ ଦେଲି ସିନ୍ଦୂର କଜଳ, ସିପାହୀ ମୁଣ୍ଡେ ଚନ୍ଦନ । ସତେ ହୋଇଥିବୁ ସିଦ୍ଧ ବାଶୁଳେଇ ଘୋଡ଼ା ମୁଣ୍ଡେ ପରଶନ ।' ଆଉ ଗୋଟିଏ ଘୋଡ଼ା ନାଚର ଗୀତ ହେଉଛି – 'ଧୋବ ଧୋବାଲିଆ ବାଉଁଷ ଫାଳିଆ, କାଠରେ ହୋଇଛି ଘୋଡ଼ା । ତା ଉପରେ ବସିଛି କୈବର୍ତ୍ତ ରାଜା ବାଶେଳୀ ପାଉଛି ପୂଜା ।' ଏହି ଘୋଡ଼ା ନାଚ ବେଳେ କିମ୍ବଦନ୍ତୀର କଥାନୁଯାୟୀ ନଦୀ ପାର ବେଳେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର କୈବର୍ତ୍ତକୁ ଏକ ରାମତାଳି ଉପହାର ଦେଇଥିବାରୁ ଘୋଡ଼ାନାଚ ବେଳେ ରାଉତ ଭାବେ ପରିଚିତ କୈବର୍ତ୍ତ ଏହାକୁ ବଜାଇଥାଏ । ଓଡ଼ିଶାର ଉପକୂଳ ସମେତ ଅଧିକାଂଶ ସ୍ଥାନରେ କୈବର୍ତ୍ତ ମାନଙ୍କର ଚୈତ୍ର ପୂର୍ଣ୍ଣମୀ ଆଠଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ । କୈବର୍ତ୍ତ ମାନଙ୍କର ଇଷ୍ଟଦେବୀ ବାଶେଳୀ ହୋଇଥିବାରୁ ଚୈତ୍ରପୂର୍ଣ୍ଣିମା ଦିନ ପୁରୀର ବାଶୁଳୀ ସାହିରେ ଘୋଡ଼ାମୁହିଁ ବାଶୁଳୀକୁ ସେମାନେ ପୂଜା କରିଥାନ୍ତି । ଚୈତ୍ରପୂର୍ଣ୍ଣିମା ଓଡ଼ିଆ ଆଧ୍ୟାତ୍ମିକ ଜନଜୀବନରେ ଏକ ସ୍ମରଣୀୟ ଦିନ । ବ୍ରହ୍ମପୁରରେ କାର୍ଯ୍ୟକରୁଥିବାବେଳେ ଗୋପାଳପୁରର କୈବର୍ତ୍ତ ମାନଙ୍କ ଏହି ପର୍ବରେ ସାମିଲ ହୋଇ ସ୍ମରଣୀୟ ମୁହୂର୍ତ୍ତ ଅନୁଭବ କରିଛି ।

***ଫ୍ରେଣ୍ଡସ କଲୋନୀ, କଟକ, ଦୂରଭାଷ : ୯୪୩୭୦୧୫୬୭୪***

# ଦୀର୍ଘାୟୁ ଭବ



**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଜାପାନ ଯେତେବେଳେ ୧୯୬୩ରେ ସେ ଦେଶରେ ଶତାୟୁମାନଙ୍କର ଗଣତି ଆରମ୍ଭ କଲା, ସେତେବେଳେ ସେଠାରେ ୧୫୩ ଜଣ ଶତାୟୁ ଥିଲେ ବୋଲି ଜଣାପଡ଼ିଥିଲା । ନିକଟରେ ଜାପାନ ସରକାର ପ୍ରକାଶ କରିଥିବା ସଦ୍ୟତମ ସୂଚନା ଅନୁସାରେ ସେ ଦେଶରେ ଶତାୟୁମାନଙ୍କ ସଂଖ୍ୟା ପହଞ୍ଚିଲାଣି ୪୭,୭୫୬ରେ । ଜାପାନର ଲୋକସଂଖ୍ୟା ପାଖାପାଖି ପ୍ରାୟ ୧୪ କୋଟି ହୋଇଥିବାବେଳେ ପୃଥିବୀର ସର୍ବାଧିକ ସଂଖ୍ୟକ ଶତାୟୁମାନଙ୍କୁ ସେଠାରେ ଦେଖିବାକୁ ମିଳିଥାଏ । ସେତିକି ନୁହେଁ ଜାପାନୀମାନଙ୍କର ହାରାହାରି ଆୟୁଷ ମଧ୍ୟ ପୃଥିବୀର ସର୍ବାଧିକ । ଅବଶ୍ୟ ଅନ୍ୟ ପକ୍ଷରେ ସେଠାରେ ଜନ୍ମ ହାର ବହୁତ ନୀଚା ହୋଇଥିବାରୁ ଜାପାନର ଲୋକସଂଖ୍ୟା ହ୍ରାସ ପାଇ ଚାଲିଛି ଏବଂ ସେଥିରେ ବୃଦ୍ଧ ବୃଦ୍ଧାଙ୍କ ଅନୁପାତ ବୃଦ୍ଧି ପାଇ ଚାଲିଛି । ଏହି ପୃଷ୍ଠଭୂମିରେ ଦେଖିଲେ ସେଇ ଜାପାନର ବୈଜ୍ଞାନିକମାନେ ହିଁ ପୃଥିବୀରେ ମନୁଷ୍ୟର ଆୟୁଷକୁ ଆହୁରି ଦୀର୍ଘ କରିବା ପାଇଁ କୌଶଳ ଉଦ୍ଭାବନ କରିବା ଯଥାର୍ଥ ମନେହୁଏ । ପ୍ରଖ୍ୟାତ ବିଜ୍ଞାନ ପତ୍ରିକା 'ନେଚର'ରେ ଜାପାନର 'ରାଇକେନ୍ ସେଣ୍ଟର ଫର ଡେଭଲପମେଣ୍ଟ ବାୟୋଲୋଜି'ର ଗବେଷକମାନଙ୍କର ଏକ ସଦ୍ୟ ପ୍ରକାଶିତ ଗବେଷଣାଲବ୍ଧ ଫଳାଫଳ ଏହି ସମ୍ଭାବନାର ଦୃଢ଼ ସୂଚନା ଦେଉଛି । ଅଧିକାଂଶ ଏଭଳି ଗବେଷଣା ପରି ଜାପାନୀ ବୈଜ୍ଞାନିକମାନେ ମୂଷା ଉପରେ ସେମାନଙ୍କର ପରୀକ୍ଷା କରିଛନ୍ତି, ଯାହା ପରେ ମନୁଷ୍ୟ ଠାରେ ପ୍ରୟୋଗ କରାଯାଇପାରେ । ଉଭୟ ମନୁଷ୍ୟ ତଥା ଅନ୍ୟାନ୍ୟ ଜୀବମାନଙ୍କ ମସ୍ତିଷ୍କର ମୂଳରେ ଥିବା ପିଟୁଇଟାରି ଗ୍ରନ୍ଥିରୁ ଝରୁଥିବା ହର୍‌ମୋନ ସବୁ ସେମାନଙ୍କର ଶରୀରକୁ ଠିକ୍ ଭାବରେ କାର୍ଯ୍ୟ କରିବାରେ ସକ୍ଷମ କରିଥାଏ । ମୂଷାମାନଙ୍କ ଠାରୁ ସଂଗୃହୀତ ମୌଳିକ ଜୀବକୋଷ ବ୍ୟବହାର କରି ଉପରୋକ୍ତ ଗବେଷକମାନେ ଏକ କୃତ୍ରିମ ପିଟୁଇଟାରି ଗ୍ରନ୍ଥି ନିର୍ମାଣ କରିପାରିଛନ୍ତି । ଚମତ୍କାର କଥା ହେଲା ଯେତେବେଳେ କେତେକ ପିଟୁଇଟାଲି ଗ୍ରନ୍ଥି ଦୁର୍ବଳ ହୋଇ ଯାଇଥିବା ମୂଷାଙ୍କ ମସ୍ତିଷ୍କରେ ଏହି କୃତ୍ରିମ ଗ୍ରନ୍ଥିକୁ ଖଞ୍ଜି ଦିଆଗଲା ସେଥିରୁ ପୁଣି ସୁସ୍ଥ, ଶକ୍ତିଶାଳୀ ପିଟୁଇଟାରି ଗ୍ରନ୍ଥି ଭଳି ପୁରା ମାତ୍ରାରେ ହର୍‌ମୋନ ସବୁ କ୍ଷରଣ ହେବାକୁ ଲାଗିଲା । ଗବେଷକମାନେ କହୁଛନ୍ତି ଯେ ଆଉ ତିନିବର୍ଷ ମଧ୍ୟରେ ସେମାନେ ମନୁଷ୍ୟ ପାଇଁ କୃତ୍ରିମ ପିଟୁଇଟାରି ଗ୍ରନ୍ଥି ତିଆରି କରିବାରେ ସକ୍ଷମ ହେବେ ।

ଏହା ଯେଉଁ ସମ୍ଭାବନାର ଦ୍ୱାର ଖୋଲି ଦେଉଛି ତାହା କୌଣସି କାଳ୍ପନିକ ବିଜ୍ଞାନ କାହାଣୀର କଥାବସ୍ତୁ ଭଳି । କ୍ରମେ କୌଣସି ମନୁଷ୍ୟର ନିଜ ଶରୀରରୁ ସଂଗୃହୀତ ଷ୍ଟେମ ସେଲକୁ ଆଧାର କରି ତାର ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗର ଅରଖ ନୂଆ ସଂସ୍କରଣ ତିଆରି କରାଯାଇ ପାରିବ । ବୟସ ବଢ଼ିବା ସହିତ ଯେଉଁ ସବୁ ଅଙ୍ଗ ପ୍ରତ୍ୟଙ୍ଗ ଦୁର୍ବଳ ବା ଅକାମି ହୋଇଯିବ ତାହା ସ୍ଥାନରେ ଏକ କୃତ୍ରିମ ଅଂଶଗୁଡ଼ିକ ରୋପଣ କରି ଦିଆଯିବ । ଏହାଦ୍ୱାରା ଦୁର୍ବଳ ଅଙ୍ଗ ପ୍ରତ୍ୟଙ୍ଗ ଜନିତ ଅନେକ ମାରାତ୍ମକ ରୋଗକୁ ଦୂରେଇ ଦିଆଯାଇ ପାରିବ । ଜୀବନ ଲମ୍ବି ଯିବ, ମୃତ୍ୟୁ ଘୁଞ୍ଚି ଘୁଞ୍ଚି ଯିବ । ଜାପାନୀମାନଙ୍କର ଆୟୁଷ ଦୁଇଶହ ବର୍ଷ ଅତିକ୍ରମ କରିବ । ଅନ୍ୟ ଦେଶମାନଙ୍କରେ ଶତାୟୁମାନଙ୍କର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିବ । ମନୁଷ୍ୟ ସର୍ବଦା ଦୀର୍ଘ ଜୀବନ କାମନା କରିଥାଏ । ଆଧୁନିକ ବିଜ୍ଞାନକୁ କାର୍ଯ୍ୟରେ ଲଗାଇ ସେ ଏହା ହାସଲ କରିବା ପାଇଁ ଅବିରତ ଉଦ୍ୟମ କରି ଚାଲିଛି । ବିଗତ ଶତାବ୍ଦୀର ଆରମ୍ଭ ସମୟରେ ପୃଥିବୀରେ ମନୁଷ୍ୟର ହାରାହାରି ଆୟୁଷ ପ୍ରାୟ ପଇଁତିରିଶ ବର୍ଷ ଥିବା ବେଳେ ଶତାବ୍ଦୀର ଶେଷ ବେଳକୁ ତାହା ପ୍ରାୟ ଦୁଇଗୁଣ ହୋଇ ସତୁରୀ ବର୍ଷରେ ପହଞ୍ଚିଥିଲା । ଏବେ ପୃଥିବୀର ଜନସଂଖ୍ୟା ଅନ୍ୟୂନ ୭୧୦ କୋଟି ଛୁଇଁବା ପଛରେ ଏହା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାରଣ । ଯେଉଁମାନେ ଜନ୍ମ ହେଉଛନ୍ତି ସେମାନେ ପୃଥିବୀ ପୃଷ୍ଠରେ ଅଧିକରୁ ଅଧିକ କାଳ ଆତଯାତ ହେଉଛନ୍ତି । ୧୯୬୦ରେ ପୃଥିବୀର ଜନସଂଖ୍ୟା ଥିଲା ୩୦୦ କୋଟି, ୧୯୯୯ରେ ଥିଲା ୬୦୦ କୋଟି ଏବଂ ଅନୁମାନ କରାଯାଉଛି ଯେ ୨୦୨୭ରେ ୮୦୦ କୋଟି ଏବଂ ୨୦୪୬ରେ ୯୦୦ କୋଟିରେ ପହଞ୍ଚିବା । ଯଦି ସେତେବେଳକୁ ଜାପାନୀ ଗବେଷକମାନେ ଆଶା କରୁଥିବା ଭଳି କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ ବ୍ୟାପକ ରୂପେ ବ୍ୟବହୃତ ହେଉଥିବ ତାହେଲେ ପୃଥିବୀର ଜନସଂଖ୍ୟା ଏହି ଅନୁମାନ ଠାରୁ ମଧ୍ୟ ବହୁ ଅଧିକ ହେବ । ଅତି ଦୀର୍ଘ ଜୀବନ କାମନା କରୁଥିବା ମନୁଷ୍ୟର ସ୍ୱପ୍ନ ସାକାର ହେବାର ଏହି ବାସ୍ତବ ସମ୍ଭାବନା ବ୍ୟକ୍ତି ପାଇଁ ଏକ ଆଶୀର୍ବାଦ ହୋଇପାରେ, କାରଣ ଆୟୁଷ ଲମ୍ବା ହେବା ବହିତ ବାର୍ଦ୍ଧକ୍ୟ ମଧ୍ୟ ଘୁଞ୍ଚି ଘୁଞ୍ଚି ଯିବ ସ୍ୱାସ୍ଥ୍ୟ ମଧ୍ୟ ଅତୁଟ ରହିବ । କିନ୍ତୁ ଏହି ବର୍ଦ୍ଧିଷ୍ଣୁ ଦୀର୍ଘାୟୁ ଲୋକସଂଖ୍ୟାକୁ ଧାରଣ କରିବା ପାଇଁ ଧରିତ୍ରୀ ସକ୍ଷମ ହେବ ତ ? ଏକ ହିସାବ ଅନୁସାରେ ଯଦି ପୃଥିବୀର ପ୍ରତ୍ୟେକ ଲୋକର ଜୀବନଧାରଣର ମାନ ଆମେରିକୀୟମାନଙ୍କର ହାରାହାରି ଜୀବନ ଧାରଣର ମାନ ସହ ସମାନ ହୁଏ ତେବେ ପୃଥିବୀର ବର୍ତ୍ତମାନ ଲୋକସଂଖ୍ୟାକୁ ସମ୍ଭାଳିବା ପାଇଁ ଯେତିକି ସମ୍ବଳ ଦରକାର ହେବ ପୃଥିବୀ ଗ୍ରହରେ ତାର ମାତ୍ର ଏକ ପଞ୍ଚମାଂଶ ସମ୍ବଳ ରହିଛି, ବା ଏହି ଆବଶ୍ୟକତା ପୂରଣ ପାଇଁ ୫ଟି ପୃଥିବୀ ଦରକାର ହେବ । ଗତ ସପ୍ତାହରେ ଆନ୍ତର୍ଜାତିକ ଶକ୍ତି ଏଜେନ୍‌ସି ପ୍ରକାଶ କରିଥିବା ରିପୋର୍ଟ ଅନୁସାରେ ଆସନ୍ତା ୨୬ ବର୍ଷ ମଧ୍ୟରେ ପୃଥିବୀରେ କୋଇଲା ବ୍ୟବହାରରେ ୬୫ ପ୍ରତିଶତ ବୃଦ୍ଧି ଘଟିବ । ଅଙ୍ଗାର ନିର୍ଗମନରେ ଅନୁରୂପ ବୃଦ୍ଧି ଘଟି ଉତ୍ତପ୍ତୀକରଣ ଓ ଜଳବାୟୁ ପରିବର୍ତ୍ତନ ସମସ୍ୟା ଏହାଦ୍ୱାରା ଅଧିକ ଜଟିଳ ହେବ । ହୁଏତ ଏ ସବୁ ସମସ୍ୟାର ସମାଧାନ ପାଇଁ ମନୁଷ୍ୟ ନୂଆ ଜୀବନଧାରଣକ୍ଷମ ଗ୍ରହମାନ ଖୋଜିବାରେ ଲାଗିବ ଓ ବିଜ୍ଞାନ ବଳରେ ଅନୁସନ୍ଧାନରେ ସଫଳ ହେବ । ତାହେଲେ ଅତି ଦୀର୍ଘ ଜୀବନ କିମ୍ବା ଅତି ବିଶାଳ ଜନସଂଖ୍ୟା ଆଉ ଏକ ସମସ୍ୟା ହୋଇ ଉଭା ହେବନାହିଁ । ନଚେତ୍ ବିଜ୍ଞାନର ଏହି ଆଶୀର୍ବାଦ ଅଭିଶାପରେ ପରିଣତ ହୋଇଯାଇପାରେ ।

***ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭***

ଆମ ଠିକଣା
**ଏକମାତ୍ର**
**ସମ୍ପାଦନା କାର୍ଯ୍ୟାଳୟ**
**ଏଚଆଇଜି-୧୩୭, ଧର୍ମବିହାର**
**ଖଣ୍ଡଗିରି, ଭୁବନେଶ୍ୱର-୩୦**
**ଦୂରଭାଷ : ୦୮୭୬୩୩୬୮୦୨୯**
**୦୭୦୦୮୩୪୦୩୮୯**

# ବେଦନାର ବେଦ (୧୨)

ଧାରାବାହିକ ଉପନ୍ୟାସ





କ୍ଷୀରୋଦ ଦାସ
ମୋ : ୯୪୩୭୧୬୩୦୦୨
ମେଲ୍: khirod65@gmail.com

ମାଟିମନସ୍କ, କଥକତା, ସ୍ମୃତିସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷାବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରି ପକାଇବାର ସାମର୍ଥ୍ୟ ରଖେ। ପ୍ରାୟ ୧୪ଖଣ୍ଡ ଗଳ୍ପ ସଂକଳନ ଏବଂ ୩ଟି ଅନନ୍ୟ ଉପନ୍ୟାସର ରଚୟିତା ସଦା ସୃଜନମଗ୍ନ ଏଇ ସ୍ରଷ୍ଟାଙ୍କ ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା, ଭୁଶୁଡ଼ି ପଡୁଥିବା ସମ୍ପର୍କ ଓ ମୂଲ୍ୟବୋଧ ପାଇଁ ଅସରନ୍ତି ଦରଦ ଏବଂ ଆଞ୍ଜୁଳା ଆଞ୍ଜୁଳା ଆହାପଣ।

"**କି**ରେ ସଞ୍ଜୟ, କଟକରେ ତୁ କି ଚାକିରି କରୁଛୁ କିରେ?"- ଗାଁର ଗୁରୁଜନ କେହି ଯଦି କେବେ ତାକୁ ପଚାରିଦିଅନ୍ତି, କଟକିଆ ଷ୍ଟାଇଲ୍‌ରେ ସଞ୍ଜୟ କହେ - "ଚାକିରି? ଧେତ୍, ସେ ଚାକିରି ବାକିରି ଧନ୍ଦା ହେବନାଇଁ ମୋ ଦ୍ୱାରା। ଶଃ... ସେଥିରେ ମୋଟେ ସ୍ୱାଧୀନତା ନାଇଁ। ଦିନକୁ ଆଠ-ଦଶଘଣ୍ଟା ଗଧ ପରି ଖଟି ଖଟି ନୟାନ୍ତ ହେବ, ଆଜ୍ଞା ଆଜ୍ଞା, ହଜୁର ହଜୁର କହି କହି ହାତ ମଳିମଳି ଦିନ ସରୁ ନ ଥିବ। ମାସ ଶେଷରେ ଦେଖିଲା ବେଳକୁ ଦରମା ମିଳିବ ଟଙ୍କା ପାଞ୍ଚ/ସାତ ହଜାର! ଚାକିରି ନୁହେଁ ତ' ଗୋଲାମଗିରି! ସେସବୁ ତେଲମରା ନିଉଛୁଣା ଧନ୍ଦା ମୋ ଦ୍ୱାରା ହେବ ନାଇଁ ବୋଲି ତ ଚାକିରି କଲିନାଇଁ! ଚାରି ଚାରିଟା ସରକାରୀ ଚାକିରିକୁ ଫୁଟ୍‌ବଲ ପରି କିକ୍‌ମାରି ବିଦାକଲି। ମୁଁ ବିଜିନେସ୍ କରୁଛି। ପୁରା ଇଣ୍ଡିପେଣ୍ଡେଣ୍ଟ୍। ମାସକୁ ଦଶଜଣ ଷ୍ଟାଫ୍ ରଖିଚି। ଟଙ୍କା କୋଡ଼ିଏ ବାଇଶ ହଜାର ମିଳୁଚି ମାସକୁ। ସେଇଥିରେ ଚଳିଯାଉଛି କୌଣସିମତେ!

ମାସକୁ ବାଇଶି ହଜାର! ଶୁଣୁଥିବା ଲୋକମାନଙ୍କର ଆଖି ଅବିଶ୍ୱାସରେ ତଳୁ ଉପରକୁ ଉଠିଯାଏ। ସେମାନେ ସଞ୍ଜୟର କଥାକୁ ବିଶ୍ୱାସ କରିପାରନ୍ତି ନାହିଁ! ମାସକୁ ବାଇଶ ହଜାର ମାନେ ବର୍ଷକୁ ଦୁଇଲକ୍ଷ ଚଉଷଠି ହଜାର!! ହେ ଭଗବାନ! ଟଙ୍କାଗୁଡ଼ା କ'ଣ ମାଟି ନା ଗୋଡ଼ି? ଏତେ ଟଙ୍କା ସେ କ'ଣ କରୁଥିବ? କେଉଁଠି ରଖୁଥିବ?

"କୋଉ ରହୁଚି ସେ ଟଙ୍କା!" -ଶୁଣିବା ଲୋକଙ୍କୁ ଆହୁରି ବିମୂଢ଼, ଆହୁରି ଚକିତ କରି ସଞ୍ଜୟ ପୁଣି ଆରମ୍ଭ କରେ - "ଯେଡ଼େ ବାଉଁଶ, ସେଡ଼େ ପୋଲ। ଆସୁଚି ଯେମିତି ଯାଉଚି ସେମିତି। ଶୁଣୁନା, ଗଲାବର୍ଷ ଦୋଳପୂର୍ଣ୍ଣମୀ ବେଳେ କଟକ ସିଡିଏରେ ଜମି ଚାରିଗୁଣ୍ଠ କିଣି ପକେଇଦେଲି। ଗୁଣ୍ଠ ଦେଢ଼ଲକ୍ଷ। ଚାରିଗୁଣ୍ଠକୁ ଛ'ଲକ୍ଷ। ସେତକ ଟଙ୍କା ଗଲା ନା ନାଇଁ? ଦି'ବର୍ଷ ପୂର୍ବେ ଭୁବନେଶ୍ୱର ଚନ୍ଦ୍ରଶେଖରପୁରରେ କିଣିଥିଲି ଛୋଟିଆ ପ୍ଲଟ୍‌ଟିଏ। ଷାଠିଏ ଫୁଟରେ ଷାଠିଏ ଫୁଟ। କ୍ୟାପିଟାଲ୍‌ରେ ତ ଜମିର ଆକାଶଛୁଆଁ ରେଟ୍। ଭୁବନେଶ୍ୱରରେ ବାପା-ମା' ବି ଶସ୍ତାରେ ମିଳିବେ, କେବଳ ଜମି ବ୍ୟତୀତ। ଜମିଟା ପଡ଼ିଗଲା ପାଖାପାଖି ପାଞ୍ଚଲକ୍ଷ ଟଙ୍କା। କଟକର ସମ୍ରାଟ ସିନେମା ହଲ୍‌କୁ ଲାଗି ମୋର ଯେଉଁ ସାତଗୁଣ୍ଠିଆ ଜମିଟା ଅଛି, ଭାବୁଛି ବର୍ଷେ ଦି'ବର୍ଷ ଭିତରେ ସେଇଟାକୁ ବିକିଦେବି। ସେଇଟା ତ ପୁରା ସେଣ୍ଟର ସ୍ପଟ୍। ଶଳା ମାଲ୍‌ଗୋଦାମ ବେପାରୀମାନଙ୍କ କଟାସ ଆଖି ତା'ଉପରେ ଲାଖିଛି। ଶଳାମାନେ ଥଣ୍ଟେଇଛନ୍ତି। କିଏ କହୁଚି ଗୁଣ୍ଠ ଅଢ଼େଇଲକ୍ଷ ଦେବ ତ କିଏ କହୁଚି ତିନିଲକ୍ଷ। ସେଗୁଡ଼ାଙ୍କ ପାଖରେ ଟଙ୍କାଗୁଡ଼ା ପରା ମାଟିଗୋଡ଼ି! ଶଳେ କେତେ ବାଟ ଯାଉଛ ଯାଅ! ମୁଁ ବସିଛି ଚକାପକାଇ। ଯେଉଁଦିନ ଗୁଣ୍ଠ ଚାରିଲକ୍ଷ ଛୁଇଁବ, ସେଇଦିନ ବିକିଦେବି। 'ଇୟେ ମଣିଷ ନା ଟଙ୍କାଖଣି! ଶହେ ହଜାର ନୁହେଁ, ୟା'ର ତ ଖାଲି ଲକ୍ଷେରେ କଥାବାର୍ତ୍ତା! -ଲୋକମାନେ ଆବାକାବା ହୋଇଯାଆନ୍ତି!

କହିବା ବାହୁଲ୍ୟ, ସଞ୍ଜୟ ସେ ଅଞ୍ଚଳରେ, ଖୁବ୍ କମ୍ ଦିନରେ ଖୁବ୍ ବେଶି ନାଁ କମେଇ ସାରିଥିଲା। ଆବେ ପରଶୁ ଯାବେ ପରଶୁ, ବାବୁ ପରଶୁରାମ, ପଇସା କ୍ୟା ନ କରେ କାମ୍! ସାତ ଆଠ ବର୍ଷ ପୂର୍ବେ କାଦୁଆପଡ଼ା କୀର୍ତ୍ତନ ସେଠୀ ଘରେ ରାତିଅଧରେ ପଶି, ତା ବାଇଶି ବର୍ଷର ବଢ଼ିଲା ଝିଅ ମାର୍ମିନା ସାଙ୍ଗରେ ଅନୈତିକ କାମ କରୁଥିବା ବେଳେ ଧରାପଡ଼ି ଗାଁ' ଦାଣ୍ଡର ନଡ଼ିଆ ଗଛରେ ବନ୍ଧାହୋଇ ଆବାଳ ବୃଦ୍ଧବନିତାଙ୍କ ସମ୍ମୁଖରେ ଗାଁ ଲୋକଙ୍କ ଦ୍ୱାରା ଗୋଗଛ ପାହାର ଖାଇ ଖାଇ ଅଚେତ ହୋଇପଡ଼ିଥିବା ସଞ୍ଜୁଆ ଓରଫ ସଞ୍ଜୟ ଏବେ ଜଣେ ସମ୍ମାନସ୍ପଦ ବ୍ୟକ୍ତି। ବଦଳି ଯାଇଥିଲା ତା' କଥାବାର୍ତ୍ତା, ଚାଲିଚଳଣ, ହାବଭାବ। ଅତ୍ୟନ୍ତ ଭଦ୍ର ଓ ମାର୍ଜିତ ହୋଇଯାଇଥିଲା ତା' ବ୍ୟବହାର। କଥା କହୁଥିବ, ହସୁଥିବ। ଗାଁର ପୂଜାପାର୍ବଣ ଆଦିରେ ସେ ଦିଏ ହାତଖୋଲା ଚାନ୍ଦା। ସେ ଅଞ୍ଚଳରେ ଯାହାର ଯେଉଁ କାମ ପଡ଼ିଲା କଟକରେ, ପ୍ରଥମେ ଖୋଜାପଡ଼େ ସଞ୍ଜୟକୁ। ବିବାହ, ବ୍ରତଘର ପାଇଁ ଲୁଗା କିଣିବାଠାରୁ ଆରମ୍ଭ କରି କୋର୍ଟକଚେରୀ, ମେଡିକାଲ ପର୍ଯ୍ୟନ୍ତ ସଞ୍ଜୟ ସମସ୍ତଙ୍କର ଏକ ଜରୁରୀ ଆବଶ୍ୟକତା। ଯିଏ ଥରେ ଯେଉଁ କାମରେ ତା ପାଖକୁ ଯାଇଛି, ବିଫଳ ହୋଇ ଫେରିନାଇଁ କେବେ।

ଲୋକମାନେ କୁହାକୁହି ହୁଅନ୍ତି - "ଧନ୍ୟ କହିବ ସେ ବାଇଧର ବାରିକକୁ। ଦୁଃଖକଷ୍ଟ ସହି, ପରଘରେ ମୂଲମଜୁରୀ ଲାଗି, ମୁଣ୍ଡଝାଳ ତୁଣ୍ଡରେ ମାରି ପୁଅକୁ ପାଠ ଦି'ଅକ୍ଷର ପଢ଼େଇଥିଲା ବୋଲି ସିନା! ପୁଅ ନୁହେଁ ତ ଅସଲି ହୀରା ଖଣ୍ଡେ। ପୁଅ ଜନ୍ମ କରିବ ତ ଏମିତି!' ତା' ପରଦିନ ସକାଳେ ଚକ୍ରଧର ଯାଇ ପହଞ୍ଚିଲା ଯଶିପୁର ଗାଁ'ରେ। ଛଳଛଳ ହୋଇଗଲା। ସଞ୍ଜୟ ତାକୁ ଚେୟାରଟିଏ ଦେଖାଇ ବସିବାକୁ କହିବାରୁ ସେ ବସିଲା ଏବଂ ଏକା ନିଃଶ୍ୱାସରେ ତା'ଆଗରେ କହିଗଲା ନିଜର ଦୁଃଖ ଓ ଦୁର୍ଦ୍ଦଶାର କାହାଣୀ।

ସବୁ ଶୁଣିସାରି ସଞ୍ଜୟ କହିଲା- "ତୁମେ ଦାଦା ଆଦୌ ବ୍ୟସ୍ତ ହୁଅନା। ତୁମେ କାଲି ଚାଲ ମୋ ସାଙ୍ଗରେ। କଟକର ସବୁଠାରୁ ବଡ଼ ଓ ଭଲ ଡାକ୍ତରଙ୍କ ସହିତ ତୁମକୁ ମୁଁ ଦେଖା କରାଇଦେବି। ଭାରି ବଡ଼ିଆ ଡାକ୍ତର ସେ। ତାଙ୍କ ସହିତ ମୋର ଭାବଦୋସ୍ତି ଅଛି। ଆମେ ପ୍ରଥମେ ତାଙ୍କ ସହିତ ପରାମର୍ଶ କରିବା। ଡାକ୍ତର ଯେଉଁଦିନ କହିବେ, ସେହିଦିନ ପୁଅକୁ ସାଙ୍ଗରେ ଧରି ତମେ ଚାଲିଯିବ! ହେଲା!!"

ଆହା, କେଡ଼େ ସୁନ୍ଦର, କେଡ଼େ ମିଠାକଥା, କହୁଚି ଏ ପିଲାଟା! ଚକ୍ରଧରର ଅଧାଆଖି ଦୁଃଖ ଚାଲିଗଲା ସଞ୍ଜୟର ଏପରି ଆଶ୍ୱାସନାପୂର୍ଣ୍ଣ, ଆତ୍ମୀୟତାଭରା କଥା ଶୁଣି। ମନ ଆନନ୍ଦରେ ସେ ଘରକୁ ଫେରି ଚମ୍ପା ଆଗରେ କହିଲା ଏକଥା। ଖୁସିରେ ଚମ୍ପା ମୁହଁ ଉଜ୍ଜ୍ୱଳ ଦେଖାଗଲା। ଦୁଇହାତ ମୁଣ୍ଡରେ ଲଗାଇ, ଗୋଟାଏ ଦୀର୍ଘଶ୍ୱାସ ପକାଇ ସେ କହିଲା - "ମୋର ସେଇ ଚକାଆଖି ହିଁ ଭରସା!!"

ନିର୍ଦ୍ଧାରିତ ଦିନ ସକାଳୁ ସକାଳୁ ଚକ୍ରଧର ଯାଇ ପହଞ୍ଚିଗଲା ସଞ୍ଜୟ ପାଖରେ। ପାଖ ବଜାରରୁ ଗୋଟିଏ ଅଟୋ ଧରି ସେମାନେ ପହଞ୍ଚିଲେ ପରଜଙ୍ଗ ଷ୍ଟେସନରେ। ପ୍ରାୟ ସତୁରୀ କିଲୋମିଟର ଟ୍ରେନ୍ ଯାତ୍ରା। ଜୀବନରେ ପ୍ରଥମଥର ପାଇଁ ଟ୍ରେନ୍‌ରେ ପୁଣି ଏତେ ଲମ୍ବା ରାସ୍ତା। ଝରକା ପାଖରେ ବସି ଚକ୍ରଧର ଚାହିଁ ରହିଥାଏ ବାହାରକୁ। ବାହାରେ ଗଛଲତା, ସବୁଜ ପଡ଼ିଆ ଓ ଧାନକ୍ଷେତ। ନରମ ଖରା ଧୀରେ ଧୀରେ ଟାଣ ହେଉଥିଲା। ପରିଚିତ ସ୍ଥାନ ସବୁ ଧୀରେ ଧୀରେ ଅପରିଚିତ ହୋଇ ଯାଉଥିଲା। ଚକ୍ରଧରକୁ ଲାଗୁଥିଲା ସତେକି ଆବାହମାନ କାଳରୁ ସେ ବସିଛି ଟ୍ରେନ୍‌ରେ ଏବଂ ବସିଥିବ ଅନନ୍ତ କାଳଯାଏ! କେତେ ବଡ଼ ଏ ସଂସାର? କେଉଁଠି ଆରମ୍ଭ ପୁଣି କେଉଁଠି ଶେଷ? ବେଳକୁ ବେଳ ଗମ୍ଭୀର ହୋଇ ଉଠୁଥିଲା ଚକ୍ରଧର।

ଦିନ ଏଗାରଟା ବେଳକୁ ଲମ୍ବା ହୁଇସିଲ୍ ଦେଇ ଟ୍ରେନ୍ ଅଟକିଲା ଯେଉଁ ସ୍ଥାନରେ, ତାହା ଥିଲା କଟକ ରେଳଷ୍ଟେସନ। ଚମକି ପଡ଼ିଲା ଚକ୍ରଧର। ବାପ୍‌ରେ, କେତେ ଲୋକ! କୁଆଡ଼େ ଧାଇଁଛନ୍ତି ସବୁ? ଯିଏ ଯାହାକୁ ଠେଲି ମାଡ଼ିଚାଲିଛନ୍ତି ଆଗକୁ। ଗାଇ ପଛରେ ବାଛୁରୀ ପରି ଚକ୍ରଧର ଧାଇଁଥାଏ ସଞ୍ଜୟ ପଛେ ପଛେ। ପ୍ରତି ମୁହୂର୍ତ୍ତରେ ତାକୁ ଲାଗୁଥାଏ ସେ କୋଉଠି ହଜିଯିବ କି? ଥରେ ହଜିଗଲେ ଆଉ ପାଇବନି ସଞ୍ଜୟକୁ। କେବଳ ସଞ୍ଜୟକୁ ନୁହେଁ, ସେ ନିଜକୁ ବି ପାଇବ ନାଇଁ ଏ ଅଗ୍ନାଅଗ୍ନି ଭିଡ଼ ଭିତରେ।

କ୍ରମଶଃ...

# ଫ୍ରେଣ୍ଡସିପ୍ ଅଲୱେଜ୍

## କ୍ଷୀରୋଦିନୀ ବେହେରା

**ସେ**ଦିନ କଲେଜରୁ ଫେରିଲା ବେଳେ ହଠାତ୍ ଏକ ଅଭାବନୀୟ ପରିସ୍ଥିତିରେ ମୋର ସାକ୍ଷାତ ହେଲା ସାଗର ସହିତ। ଯାହାକୁ ମୁଁ ୧୩୪୪ ଦିନ ପ୍ରତ୍ୟେକ ସୀମାରେ ଖୋଜୁଥିଲି କେଉଁ ଏକ ଅଛିଣ୍ଡା ଅଙ୍କର ଭଗ୍ନାଂଶଟା ବୁଝାଇବା ପାଇଁ। କିନ୍ତୁ ପରିସ୍ଥିତିର ଚାପରେ ଏମିତି ଚାପି ହୋଇଗଲି ଯେ ସେ ଗଣିତଟା ନିଜେ ବୁଝିପାରିଲିନି ଆଉ ସାଗରକୁ କ'ଣ ବା ବୁଝେଇବି? ମୁଁ କେବଳ ବାଧ୍ୟ ଶିଶୁପରି ଶୁଣି ଚାଲିଲି କାହିଁକି ନା କିଛି କହିବାର ସୁଯୋଗ ହିଁ ପାଇଲିନି।

ଜୀବନର ଅଙ୍କାବଙ୍କା ଚଲାପଥରେ ଯାଉ ଯାଉ ଏମିତି କେବେ ନା କେବେ ସାଗର ସହ କେଉଁଠି କେମିତି ଭେଟ ହୋଇଯିବ ଏକଥା ଅସମ୍ଭବ ଥିବା ସତ୍ତ୍ୱେ ମଧ୍ୟ ଏହି ବିଶ୍ୱାସଟିକକ ମୋର ଥିଲା। କିନ୍ତୁ ଅଛିଣ୍ଡା ଗଣିତର ଆରମ୍ଭ ନ ହେଉଣୁ ଆଉ ଏକ ଗଣିତ ବୁଝିବାକୁ ହେବ ମୋର କଳ୍ପନା ବାହାରେ ଥିଲା।

ସେଦିନ ସାଗର ଯେତେବେଳେ ବିନା ବ୍ରେକ୍‌ରେ କହିଲେ, ମୁଁ ତୁମକୁ ଭଲପାଏ। ସତ କହିଲେ ମତେ ଯେତେ କଷ୍ଟ ଲାଗିଥିଲା, ତା'ଠାରୁ ବେଶି କଷ୍ଟ ଲାଗିଥିଲା ସେ ଏଗାର ଦିନ ସହିତ ଏ ଏକହଜାର ତିନିଶହ ୪୪ ଦିନକୁ ତୁଳନା କରି। ଭାବୁଥିଲି ଯାହାକୁ ମୁଁ ଏତେଦିନ



ଧରି ଖୋଜୁଥିଲି କ'ଣ ଏଇ ସେ ସାଗର? କ'ଣ ଏଇଟା ମୋ ଖୋଜିବାର ପ୍ରାପ୍ୟ? ଅବଶ ପାଦ ଦୁଇଟିକୁ ସଜାଡ଼ୁ ସଜାଡ଼ୁ ଆଗକୁ ପାଦ ପାଡ଼ିବାକୁ ଚେଷ୍ଟା କରୁ କରୁ ନିଜ ସହ ନିଜେ ସଂଗ୍ରାମ କରି ଚାଲିଥାଏ ପ୍ରଶ୍ନ ଓ ଉତ୍ତରର ତୀର ମାଧ୍ୟମରେ। ଭାବୁଥାଏ ରାତିରେ ଶୋଇଲା ବେଳେ ସତରେ ଏ କ'ଣ ସେ ସାଗର ଯାହା ସହିତ ଚାରିବର୍ଷ ତଳେ ଆମ ସାକ୍ଷାତ ହୋଇଥିଲା କେଉଁ ଏକ ସର୍ପିଳ ରାସ୍ତାରେ, ଅଣଓସାରିଆ ସ୍ଥାନରେ। ଫ୍ରକ୍‌ପିନ୍ଧା ଅବୁଝା ଜୀବନରେ ନା ଏ ସେ ସାଗର ନୁହନ୍ତି। ନା ତା' ହେଲେ ମୁଁ କ'ଣ ଭୁଲ୍ ଦେଖିଛି। ଭୁଲ୍ ଦେଖିନି ତା' ମାନେ ସାଗର ଭୁଲ୍ କହିଲେ, ଭୁଲ୍ ଯଦି କହିନାହାନ୍ତି ତେବେ ମୁଁ କ'ଣ ଭୁଲ୍ ଶୁଣିଛି?

ଏଇ ଗୋଟିଏ ପ୍ରଶ୍ନର ଉତ୍ତର ଖୋଜିଲାବେଳେ ଜୀବନଟା ଦୁର୍ବିସହ ହୋଇପଡୁଥାଏ। ଏଇ ଦୁର୍ବିସହ ଜୀବନ ପାଇଁ ହିଁ ଫୋନ୍ କଲି ସାଗର ପାଖକୁ। କାହିଁକିନା ଯେଉଁଠି ପ୍ରଶ୍ନ ଅଛି, ହୁଏତ ସେଇଠି ମୋ ପ୍ରଶ୍ନର ଉତ୍ତର ବି ଥାଇପାରେ। କିନ୍ତୁ ଲାଭ କିଛି ବି ହେଲାନି ଓଲଟା ସେଦିନର ସେ ମହାକାବ୍ୟର ପୁନରାବୃତ୍ତି ହେବାକୁ ଲାଗିଲା। ମୁଁ ଏଥର ସମ୍ପୂର୍ଣ୍ଣ ବିଚଳିତ ହେଲେ ସୁଦ୍ଧା ଟିକେ ସହଜ ହୋଇ କହିଲି, ଆପଣ ମତେ ଭୁଲ୍ ବୁଝିଛନ୍ତି। ମତେ ଟିକେ ବୁଝିବାକୁ ଚେଷ୍ଟା କରନ୍ତୁ।

ସାଗର କ'ଣ ଭାବିଲେ କହିପାରିବିନି; କିନ୍ତୁ ସ୍ମିତ ହସି କହିଲେ, ପ୍ରେମିକକୁ କ'ଣ ଆପଣ କୁହାଯାଏ? ମୁଣ୍ଡ ଗରମ ହୋଇଗଲା, ପଚାରିଲି ଏ କେମିତି ସିଧାସିଧା ପ୍ରଶ୍ନ। କ'ଣ ଭାବୁଛନ୍ତି, କ'ଣ କହୁଛନ୍ତି ଆପଣ ନିଜେ ଠିକ୍‌ରେ ଜାଣିପାରୁଛନ୍ତି ତ?

ସାଗରକୁ କେମିତି ବୁଝାଇବି ଯେ ମୁଁ ଆଉ କାହାକୁ ଭଲପାଏ ସେ କେବଳ ମୋ ବନ୍ଧୁ। ମୁଁ ତାଙ୍କୁ ସମ୍ମାନ ଦିଏ। ସାଗରଙ୍କ ମୁହଁରୁ ସବୁବେଳେ ସେ ଗୋଟିଏ କଥା ଶୁଣି ମୁଁ ବିଚଳିତ ହୋଇପଡୁଥିଲି। କ'ଣ କରିବି, କ'ଣ କହିବି ଜମାରୁ ଭାବିପାରୁ ନଥିଲି। ଏପଟେ ସାଙ୍ଗମାନଙ୍କୁ କ'ଣ କହି ବୁଝେଇବି। ସେମାନେ ତ କଥା କଥାରେ କହୁଥିଲେ, "ବନ୍ଧୁର ଅର୍ଥ କେବଳ ମିତ୍ର ନୁହେଁ, ଜ୍ଞାତି ନୁହେଁ, ତା'ର ଆଉ ଗୋଟେ ମଧ୍ୟ ଅର୍ଥ ଅଛି କଳଙ୍କ।" ସାଙ୍ଗମାନଙ୍କ ହସର ସମାହାରରେ ମୋ ଦୁଃଖ କେମିତି ଅଦୃଷ୍ଟ ହୋଇପଡୁଥିଲା ଜାଣିପାରୁ ନଥିଲି; କିନ୍ତୁ କେହି ନ ଜାଣିଲେ ନ ବୁଝିଲେ ବି ମୁଁ ତ ଜାଣେ ଯେ ସାଗର କେବଳ ମୋ' ସାଙ୍ଗ, ବନ୍ଧୁ। ଏ କଥା ମାନିନେବାକୁ ମୁଁ କେବେ କୁଣ୍ଠାବୋଧ କରିବିନି ଯେ ସାଗର ଆଜିକାଲି ବାଟ ହୁଡ଼ିଯାଇଛି। କିନ୍ତୁ ସକାଳେ ବାଟ ହୁଡ଼ିଥିବା ପକ୍ଷୀ ସନ୍ଧ୍ୟାରେ ନିଶ୍ଚୟ ଲେଉଟିଆସିବ। ସେ ଦିନେ ଭୁଲ୍ ବାଟକୁ ନିଶ୍ଚୟ ଛାଡ଼ିଦେବ। ସେ ସାଙ୍ଗସାଥୀଙ୍କୁ ନିଶ୍ଚୟ ଦିନେ ଚିହ୍ନିବ, ଯେଉଁଦିନ ଉଚିତ ସାଙ୍ଗଟି, ମିଳିବ, ଠିକ୍ ଭୁଲ ବୁଝେଇପାରିବ।

ସାଙ୍ଗମାନଙ୍କ କଥାରେ ପଡ଼ି ସାଗର ସହିତ ଥିବା ସମ୍ପର୍କକୁ ତୁଟେଇ ପାରିଲିନି ଓଲଟା ଆମ ସମ୍ପର୍କ ଦିନକୁ ଦିନ ନିବିଡ଼ରୁ ନିବିଡ଼ତର ହେବାକୁ ଲାଗିଲା। ସାଗର ପାଖରେ ଜୀବନର ସବୁତକ ଦୁଃଖ କହି ବୋଝକୁ ହାଲ୍‌କା କରିଛି। ଦିନେ ବନ୍ଧୁ ପରି ବନ୍ଧୁଟିଏ ପାଇ ଖୁସିରେ ଆତ୍ମହରା ହେଲାବେଳେ ସାଗରର ଗଭୀରତା ଅନୁଭବ କଲାବେଳେ ସାଗର କହିଲେ ମୁଁ ତୁମପାଇଁ ଚିଠିଟିଏ ଲେଖିଛି। ତମ କଲେଜ ଠିକଣାରେ ପଠାଇ ଦେଉଛି।

ଫୋନ୍ କଟିଗଲା। ମୋ' ଓଠରୁ ହସ ଫିକା ପଡ଼ିଗଲା। କେଉଁ ନକ୍ଷତ୍ରରେ ବର୍ଷା ହୋଇ ଧୋଇଯାଉଥାଏ ମୋ ବିଶ୍ୱାସଟିକକୁ ତଥାପି କହିପାରିଲିନି ଯେ ସତରେ ବନ୍ଧୁ ନାଆଁରେ ତମେ ଗୋଟେ 'କଳଙ୍କ'। ଏ ଚିଠି ଫିଟି ମତେ ଦରକାର ନାହିଁ। ତମକୁ ଦିନେ ସାଙ୍ଗ ଭାବିନେଇଥିଲି ସବୁଠୁ ଏହା ଥିଲା ମୋର ବଡ଼ ଭୁଲ୍।

ଚିଠି ଆସିବା ଆଗରୁ ମୁଁ ଜଡ଼ ପାଲଟି ଯାଉଥାଏ। ଭାବୁଥାଏ ଚିଠିରେ କ'ଣ ଲେଖାଥିବ। କ'ଣ ମୁଁ ଯାହା ଶୁଣିବାକୁ ଚାହେଁନି ସେଇଆତ ଲେଖା ନ ଥିବ। ସେ ମହାକାବ୍ୟର ପୁଣିଥରେ ପୁନରାବୃତ୍ତି ତ ହୋଇ ନଥିବ? ମୋ ଭାବିବା ଭିତରେ ହିଁ (ଜୁନ୍ ତିନିଶ ଦୁଇହଜାରଆଠ ମସିହାରେ) ମୋ ହାତକୁ ସାଗର ବଢ଼ାଇଦେଲେ ଏକ ସୁନ୍ଦର ସଫେଦ୍ ଲଫାପା। ଯେଉଁଥିରେ ଲେଖାଥାଏ 'ଫ୍ରେଣ୍ଡସିପ୍ ଅଲୱେଜ୍'। ଏ ଲେଖାକୁ ଏତେ ଗୁରୁତ୍ୱ ନ ଦେଇ ତରତର ହୋଇ ଚିରିଦେଲି ବିକ୍ଷିପ୍ତ ଭାବରେ। ସାଗର ଧୀର ସ୍ୱରରେ କହିଲେ, ଏତେ ସୁନ୍ଦର ଲଫାଫାଟିକୁ ଏତେ ନିର୍ଦ୍ଦୟ ଭାବରେ କାହିଁକି ଫାଡୁଛ? ବିନା ଉତ୍ତରରେ ଚାଲିଆସିଲି କମନ୍‌ରୁମ୍‌କୁ। ଚିଠିଟା ଖୋଲିଲି, ସୁଗୋଲ ସୁସ୍ପଷ୍ଟ ଅକ୍ଷରରେ ଲେଖାଥାଏ-

ଅନନ୍ୟା,

ମୋର ଆନ୍ତରିକ ସ୍ନେହ ଗ୍ରହଣ କରିବ। ଏହାଛଡ଼ା ତୁମକୁ ଦେବା ପାଇଁ ମୋ ପାଖରେ କିଛି ନାହିଁ। ଆଶା କରୁଛି ଏହାକୁ ନିଜର ଭାବି ଗ୍ରହଣ କରିବ। ମୋ ସ୍ନେହ ଓ ମମତାର ମୂଲ୍ୟ କେତେ ମୁଁ ଜାଣେନା। ତଥାପି ଏହା ଯଦି ତୁମ ମୁହଁରେ ଟିକିଏ ହସ ଖେଳାଇ ଦେଇପାରେ, ତୁମ ଦୁଃଖକୁ ଟିକିଏ ପ୍ରଶମିତ କରିପାରେ, ତେବେ ଏହାର ସାର୍ଥକତା ଅଛି ବୋଲି ମୁଁ ଭାବିବି।

ତୁମ ପରି ବନ୍ଧୁଟିଏ ପାଇ ମୋ ଜୀବନ ଆଜି ଧନ୍ୟ ହୋଇଯାଇଛି। ମୋ ଦୁନିଆରେ ତୁମର ପ୍ରଥମ ପ୍ରବେଶ। ଏଇ ଜୀବନର ଗତିପଥକୁ ସମ୍ପୂର୍ଣ୍ଣ ରୂପେ ବଦଳେଇ ଦେଇଛି। ମୁଁ ଯେତେବେଳେ ଜୀବନକୁ ନେଇ ହତାଶ ହୋଇପଡୁଥିଲି, ନିଜକୁ ଖୁବ୍ ଏକା ମନେକରୁଥିଲି, ଯେତେବେଳେ ମୋ ଖୁସିରେ କହିବା ପାଇଁ ଓ ମୋ ଦୁଃଖରେ ଦି'ଟୋପା ଲୁହ ଝରେଇବା ପାଇଁ ମୋ' ପାଖରେ କେହି ନ ଥିଲେ, ଠିକ୍ ସେତେବେଳେ ମୋ' ମନର ଉଦାସ ମରୁଭୂମିକୁ ଧାରାଶ୍ରାବଣର ଉଷ୍ମ ଅନୁଭବଟିଏ ହୋଇ ତମେ ପ୍ରବେଶ କଲ। ଅସୁମାରି ସ୍ନେହ ଓ ମମତା ଦେଇ ମତେ ନିଜ ପାଖେ ବାନ୍ଧି ରଖିଲ ଯଦିଓ ମୁଁ ଚାହୁଁ ନ ଥିଲି କୌଣସି ବନ୍ଧନରେ ଆବଦ୍ଧ ହୋଇ ରହିବାକୁ। ବିଗତ ଚାରିବର୍ଷ ତଳେ କେଉଁ ଏକ ଫୁଲ ଫୁଟିବା ମୁହୂର୍ତ୍ତରେ, ସେ ଥିଲା ତୁମ ସହ ମୋର ପ୍ରଥମ ଦେଖା। ପ୍ରଥମ ଦେଖାରେ ସେଦିନମାନଙ୍କରେ ତୁମ ପ୍ରତି ମୋର ଅନେକ ଭୁଲ୍ ଧାରଣା ଜାତ ହୋଇଥିଲା। ଏକଥା ଯେତେ ଅଭଦ୍ରୋଚିତ ହେଲେ ମଧ୍ୟ ମୁଁ କହିବାକୁ କୁଣ୍ଠାବୋଧ କରିବିନି। ସେ ଥିଲା ମୋ ପାଇଁ ବୋଧହୁଏ ଆକାଶ କୁସୁମ ତୋଳିବାର ଦିନ। ସେଦିନମାନଙ୍କରେ ମୁଁ ନିୟତିର ଅଦୃଶ୍ୟ ଇଙ୍ଗିତରେ ପ୍ରତି ମୁହୂର୍ତ୍ତରେ ତୁମ ପ୍ରତି ଆକୃଷ୍ଟ ହୋଇପଡୁଥିଲି ଯଦିଓ ଏ ଆକର୍ଷଣରେ କୌଣସି ମାନେ ନ ଥିଲା। ଯେଉଁଦିନ ତମେ ଫେରିଆସିଲ, ସେଦିନ ମତେ ଖୁବ୍ କଷ୍ଟ ହୋଇଥିଲା। ଏକ ଅସହ୍ୟ ଯନ୍ତ୍ରଣାରେ ମୁଁ ରାତିସାରା ଛଟପଟ ହୋଇଥିଲି ଯଦିଓ ସେ ଯନ୍ତ୍ରଣାର କୌଣସି ସଂଜ୍ଞା ନ ଥିଲା।

କ୍ରମଶଃ...



# ଫେସ୍‌ବୁକ୍ କବିତା

## ଭାରତ ମାଝୀ

**କା**ଲି ରାତିରଙ୍ଗର ଗଛରେ ଫୁଟିଥିଲା ଗୋଟେ ବାୟାଣୀ ତରା,
ତମ ଆଖି ପରି ଉଜ୍ଜ୍ୱଳ, ତମ ଦେହ ପରି ଗୋରା ଗୋରା।
ସେ ତରାର ଆଲୁଅରେ ମୁଁ ଠିଆ ଲଙ୍ଗଳା, ଛତରା।

କାଲି ରାତିସାରା ମୋ ସହରରେ ମହୁମାଛିଙ୍କ ଆତଙ୍କ,
କାଲି ସାରାରାତି ମୋ ହୃଦୟର ତାଲାରେ ଅଢ଼େଇ କିଲୋ ଜଙ୍କ,
କାଲି ସାରାରାତି ବିଛଣାରେ ହରଣ ଗୁଣନ,
ଭାଗଶେଷ ଶୂନ।
କାଲି ସାରାରାତି ଗୋଟିଏ ସ୍ୱପ୍ନ,
ସ୍ୱପ୍ନର ନାମ ତମର ଭ୍ରମ।
କାଲି ସାରାରାତି ତମ ପାଇଁ ଖାଇ ଦେଇଚି କିଲେ ସାୟନାଇଡ୍,
କାଲି ସାରାରାତି ବ୍ରେକହୀନ ରାଇଡ୍।
କାଲି ସାରାରାତି ମୁଁ ଛତରା,
ତମେ ଗୋଟେ ଅନାମ ବାୟାଣୀ ତରା।

କାଲି ସାରା ରାତି ଗସ୍‌ଗସ୍ ପିଇଗଲ ମୋ ରକ୍ତ,
କଟର କଟର ହାଡ଼ ବିବକ୍ତ।
ଖାଇଗଲ ମୋ ଅନ୍ତନାଡ଼, କଲିଜା,
କାଲି ସାରାରାତି ଚାଖିଲ ମୋ ଆଖିର ଦୃଷ୍ଟିଭର୍ତ୍ତି ଭଜା।
କାଲି ସାରାରାତି ତମେ ଗୋଟେ ବାୟାଣୀ ତରା,
ତମ ଧୋକାରେ ମୁଁ ଲଙ୍ଗଳା, ବିଚରା।

ତମର ଅଢ଼େଇ ଘଣ୍ଟାର ଧୋକା, ଧୋଇଦେଲା ମୋ ପ୍ରେମକୁ
ପ୍ଲିଜ୍, ଏଥର ପ୍ରେମ କର ମୋ ଉଆଁସୁ ପ୍ରେତକୁ।

କାଲି ସାରାରାତି ତମ ବାୟାଣୀ ଆଲୁଅ,
କାଲି ସାରାରାତି ସାତ ମହାସାଗରରେ ଭର୍ତ୍ତି ମୋର ଲୁହ,
କାଲି ସାରାରାତି ମୁଁ ଜଣେ ଅଧମ ପ୍ରେମିକ,
କାଲି ସାରାରାତି ମୁଁ ତମ ଧୋକାର ନାୟକ।

ସତରେ, ତମେ ଗୋଟେ ତରା ଥିଲ କି,
ନା ଥିଲ ତୁଚ୍ଛା ଗୋଟେ ସ୍ମୃତି
କାଲି ତମ ସହ ଗୋଟେ ବିଛଣାରେ ସାରା ରାତି,
ବିଛଣାର ଭାଙ୍ଗ ସାରା ତମ ଧୋକାର ଆଲୋକିତ ଗତି।

ହାହା,ତମର ଅମର ଧୋକାଟିଏ ଯାହା!

*ଅମୃତ ମଣ୍ଡପ କମ୍ପ୍ଲେକ୍ସ, ସେକ୍ଟର-ଏକ*
*ନୀଳାଦ୍ରି ବିହାର, ଭୁବନେଶ୍ୱର*

# ଦାରିଦ୍ର୍ୟ ଓ ମୁଖା

## ଅକ୍ଷୟ ସ୍ୱାଇଁ



**ପା**ଣିରେ ଚହଲେ କେବଳ ପ୍ରତିବିମ୍ବ
ହେଲେ ଜହ୍ନ ଚହଲେନା,
ତେବେ ପାଣିକୁ ଫିଙ୍ଗିଲେ ଟେକା
ଜହ୍ନ କାଇଁ ଟିକେ ବି ହସେନା ॥

ଏ ପ୍ରତିବିମ୍ବ ତେବେ କ'ଣ ବାସ୍ତବତା
ନିଜ ଅନ୍ଧାରୀ ମନର ଆଇନା,
ପୋଷାକ ବଦଳାଏ ଗରିବ
ଅଥଚ ଏଠାର ଗରିବୀ ହଟେନା ॥

କିଛି ନେତାଙ୍କ ମୁଖା ତଳେ ମୁଖା ଥାଏ,
ଯେତେ ମୁଖା ଉତାରିଲେ
କାନ୍ଦୁରା ମୁହଁମାନ ଖାଲି ଦିଶୁଥାଏ।

ଏମାନେ କ'ଣ ସତରେ କାନ୍ଦନ୍ତି?
ନା କାନ୍ଦୁରା ମୁହଁ କରି
ଭିତରେ ଖୁବ୍ ହସୁଥା'ନ୍ତି !!

*ଇଟିପୁର, ନୂଆଗାଁ, ଭୁବନେଶ୍ୱର*



# ମାୟାମୁକ୍ତ

## ତାରକ ମହାନ୍ତି

**ତା**ରୁଣ୍ୟର ଉଦ୍ଦାମତାକୁ ପଛକରି
ଅମାରଭର୍ତ୍ତି ସ୍ନେହ ପ୍ରେମର ମୋହ ତୁଟାଇ
ଗୋଟେ ଅଫେରା ତୀର୍ଥକୁ ଚାଲିଗଲା ପ୍ରୟୋଗ।

ବନ୍ଧନର ସମସ୍ତ ମାୟାଜାଲରୁ ଖସିଗଲା
ଅବେଳରେ ଆବୋରିନେଲା ସ୍ୱର୍ଗପଥ
କୁଟାକାଠିର ବସା ଭାଙ୍ଗି ଫେରିଗଲା
ଯେଉଁଠାରୁ ଆସିଥିଲା ସେଇଠାକୁ,
ଏହା ଖବର ନୁହେଁ, ଦୁର୍ଭାଗ୍ୟ।
ବାପା ଛାତିରୁ ଭିଡ଼ିନେଲା କଲିଜା
ମା'ର ପଣତକୁ କୁଟ୍‌କୁଟା କରିଦେଲା
ସମ୍ପର୍କର ଯେତେଯେତେ ପୋଥିପତ୍ରକୁ
ଏମିତି ଚିରିଦେଲା ଯେ ରକ୍ତ ବି ପାଣି ହୋଇଗଲା।

ସ୍ୱପ୍ନ ଦେଖିବା ଆଗରୁ ନିଜେ ହଜିଗଲା
ଅଦିନ ବଉଦ ପରି ଏଇ ଥିଲା, ଏଇ ନାହିଁର
ମାୟାଟିଏ ଲଗେଇ ଦେଇ ଚାଲିଗଲା କୁଆଡ଼େ

ଏବେ ତା' ପାଇଁ ଯେତେ ଯାହା ଭାବିଲେ ବି
ସବୁ ନିରର୍ଥକ ଓ ମୂଲ୍ୟହୀନ
ସମସ୍ତଙ୍କୁ ଜଡ଼ କରି ଆବୋରିନେଲା
ଏତେବଡ଼ ନିଷ୍ଠୁର ବାଟ ଯେ, ଯେଉଁ ବାଟରୁ
କେହି କେବେ ଫେରିନି ପଛକୁ,
ରେଳଧାରଣା ଉପରେ ପଡ଼ିଥିବା
ଖଣ୍ଡ ବିଖଣ୍ଡିତ ଦେହସାରା କେବଳ
ପ୍ରୟୋଗର ଅକାଳ ମୃତ୍ୟୁ ପାଇଁ ପ୍ରଶ୍ନବାଚୀ
ଧାତବ ସଡ଼କରେ ଶୁଖିଯାଇଥିବା
ପୁଳାପୁଳା ରକ୍ତରେ ଆତୁରତା, ଯନ୍ତ୍ରଣା
ଓ କିଛି କିଛି ଗଜୁରୁଥିବା ଅପବାଦ।

କେଉଁ ଦୁଃଖ ସହିପାରିଲାନି ପ୍ରୟୋଗ!
ଏମିତି ପ୍ରଶ୍ନରେ ସାଙ୍ଗସାଥୀ, ଜ୍ଞାତି ପରିଜନ
ସଭିଏଁ ତଟସ୍ଥ, କାହାର କାନ୍ଦଣା ଅବା
ଆକଟର ସ୍ୱର ଶୁଣିବାକୁ ସେ ନାହିଁ,
ମାତ୍ର ୨୪ ବର୍ଷର ଜୀବନଟାକୁ ନେଇ ସେ ଫେରିଗଲା
ଛାଡ଼ିଗଲା ମେଞ୍ଚେ ପ୍ରଶ୍ନ, ଦୀର୍ଘଶ୍ୱାସ ଓ ଅବସୋସ।

*(ଅପ୍ରେଲ ୧୦, ମାତ୍ର ୨୪ ବର୍ଷ ବୟସରେ ଆରପାରିକୁ ଚାଲିଯାଇଥିବା 'ପ୍ରୟୋଗ'ର ସ୍ମୃତିରେ...)*

*ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧*



# ସର୍ବନିମ୍ନ ମୌଳିକ ସୁବିଧା ପାଇଁ ଆହ୍ୱାନ

## ୬୯ତମ ରାଜଧାନୀ ପ୍ରତିଷ୍ଠା ଦିବସ



**ଭୁବନେଶ୍ୱର :** ୬୯ତମ ରାଜଧାନୀ ପ୍ରତିଷ୍ଠା ଦିବସ ଉତ୍ସବରେ ସ୍ମାର୍ଟସିଟିର ଯୋଜନାବଦ୍ଧ ବିକାଶ ଉପରେ ବିଶିଷ୍ଟ ବ୍ୟକ୍ତିମାନେ ଗୁରୁତ୍ୱାରୋପ କରି ଏକ ସମନ୍ୱିତ ଅଭିଯାନ ଆରମ୍ଭ କରିବାକୁ ଆହ୍ୱାନ ଦେଇଛନ୍ତି । ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ, ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ମିଳିତ ସହଯୋଗରେ ବିଧାନସଭା ସମ୍ମୁଖସ୍ଥ ରାଜଧାନୀ ଶିଳାନ୍ୟାସ ଫଳକଠାରେ ଏକ ଚିତ୍ତାକର୍ଷକ ବେସାମରିକ ପ୍ୟାରେଡ୍ ଓ ମାର୍ଚ୍ଚପାଷ୍ଟ ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ରାଜ୍ୟ ବିଧାନସଭାର ବାଚସ୍ପତି ନିରଞ୍ଜନ ପୂଜାରୀ ରାଜଧାନୀ ପ୍ରତିଷ୍ଠା ଦିବସର ପତାକା ଉତ୍ତୋଳନ କରିବା ସହ ବେସାମରିକ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ଉଦ୍‌ବୋଧନ ଦେଇ ବାଚସ୍ପତି ଶ୍ରୀ ପୂଜାରୀ ଭୁବନେଶ୍ୱରର ଗୌରବମୟ ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ଉଲ୍ଲେଖ କରିଥିଲେ । ରାଜଧାନୀ ଭୁବନେଶ୍ୱର ସ୍ମାର୍ଟସିଟି ରୂପେ ଘୋଷିତ ହୋଇଥିବାରୁ ଏହାକୁ ଏକ ସୌନ୍ଦର୍ଯ୍ୟମୟ ତଥା ପ୍ରଦୂଷଣମୁକ୍ତ ନଗରୀରେ ପରିଣତ କରିବାକୁ ସେ ପରାମର୍ଶ ଦେଇଥିଲେ । ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ତିନିଦିନ ବ୍ୟାପୀ ରାଜଧାନୀ ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱରରେ ରାଜଧାନୀ ପ୍ରତିଷ୍ଠାର ଅଗ୍ରଦୂତ ଡଃ ହରେକୃଷ୍ଣ ମହତାବ ଓ ଅନ୍ୟମାନଙ୍କ ଅବଦାନକୁ ପ୍ରଶଂସା କରିଥିଲେ । ରାଜଧାନୀର ବିକାଶ କାର୍ଯ୍ୟକ୍ରମକୁ ଦଳୀୟ ବିଚାରଧାରାରୁ ଊର୍ଦ୍ଧ୍ୱରେ ରଖି ସମ୍ମିଳିତ ପ୍ରୟାସ ଜାରି ରଖିବାକୁ ସେ ପରାମର୍ଶ ଦେଇଥିଲେ । ଏହି ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ତଥା ଶିଳ୍ପମନ୍ତ୍ରୀ ଦେବୀପ୍ରସାଦ ମିଶ୍ର, ସୂଚନା ଓ ଲୋକସଂପର୍କ, ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ, ସାଂସଦ ଡଃ ପ୍ରସନ୍ନ କୁମାର ପାଟ୍ଟଶାଣୀ, ଭୁବନେଶ୍ୱର ମଧ୍ୟ ବିଧାୟକ ବିଜୟ କୁମାର ମହାନ୍ତି, ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଭୁବନେଶ୍ୱର ମହାନଗର ନିଗମର ମେୟର ଅନନ୍ତ ନାରାୟଣ ଜେନା, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜଧାନୀକୁ ସବୁଜ ବଳୟରେ ପରିଣତ କରିବା ସଂଗେସଂଗେ ଏଠାକାର ବାସିନ୍ଦାମାନଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ସୁଯୋଗ ଉପଲବ୍ଧ କରିବା ପାଇଁ ଆହ୍ୱାନ ଦେଇଥିଲେ ।

# ତିନି ଅଭୟାରଣ୍ୟ ୧୨୮ ପରିବାର ସ୍ଥାନାନ୍ତର !

ଭୁବନେଶ୍ୱର : ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟର ତିନୋଟି ଅଭୟାରଣ୍ୟରୁ ୧୨୮ ପରିବାରକୁ ସ୍ଥାନାନ୍ତର କରାଯାଇଛି । ଏନେଇ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତହବିଲରୁ ପ୍ରାୟ ୧୩ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ସେଥିମଧ୍ୟରୁ ହୀରାକୁଦ ବନ୍ୟଜନ୍ତୁ ଡିଭିଜନ ପକ୍ଷରୁ ୮ ପରିବାରକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବା ବେଳେ ସାତକୋଶିଆର ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରୁ ପ୍ରାୟ ୭୯ଟି ପରିବାର ମଧ୍ୟରୁ ୪୦ଟି ପରିବାରକୁ ଏବଂ ଶିମିଳିପାଳ ଅଭୟାରଣ୍ୟରୁ ୮୦ ପରିବାର ସ୍ଥାନାନ୍ତର କରାଯାଇଛି । ସରକାରଙ୍କ ଥଇଥାନ ଯୋଜନାରେ ଏ ବାବଦକୁ ଜଙ୍ଗଲ ବିଭାଗ ପକ୍ଷରୁ ୧୨.୮ କୋଟି ଟଙ୍କା ସମ୍ପୃକ୍ତ ପରିବାରକୁ ପ୍ରଦାନ କରାଯାଇଛି ବୋଲି କାଗଜପତ୍ରରେ ଦର୍ଶାଯାଉଥିଲେ ହେଁ ବାସ୍ତବରେ ତାହା କେତେ ସତ୍ୟ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ହସ୍ତଗତ ହୋଇଥିବା ଅଭିଯୋଗ ଅନୁଯାୟୀ ଯେଉଁ ପରିବାରକୁ ଅଭୟାରଣ୍ୟ ଅଞ୍ଚଳରୁ ଦୂରକୁ ସ୍ଥାନାନ୍ତର କରାଯାଇଛି ବୋଲି ବନଖଣ୍ଡ ପକ୍ଷରୁ ଦର୍ଶାଯାଉଛି ତାହା କେବଳ ନାମକୁ ମାତ୍ର । ବାସ୍ତବରେ ସମ୍ପୃକ୍ତ ପରିବାରଗୁଡିକ ଅଭୟାରଣ୍ୟର ବାହାରେ ରହି ଜୀବନ ଜୀବିକା ନିର୍ବାହ କରି ଆସୁଛନ୍ତି । ତେଣୁ ସରକାରୀ ଅର୍ଥକୁ ବାଟମାରଣା କରିବା ପାଇଁ ଏଭଳି ଫନ୍ଦିଫିକର କରାଯାଉଛି ବୋଲି ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ ଶିମିଳିପାଳ, ସାତକୋଶିଆ ଓ ହୀରାକୁଦ ଅଭୟାରଣ୍ୟରେ ଦୀର୍ଘବର୍ଷ ଧରି ୫ଟି ଗ୍ରାମର ଲୋକେ ବସବାସ କରି ଆସୁଥିଲେ । ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଶିମିଳିପାଳ ଅଭୟାରଣ୍ୟର କିଆଝରୀ ଗ୍ରାମରୁ ୮୦ ପରିବାରକୁ ସ୍ଥାନାନ୍ତର କରାଯାଇଥିବାବେଳେ ଶିମିଳିପାଳର ରାୟଗଡ଼ରୁ ୪୦ ପରିବାର ଏବଂ ହୀରାକୁଦର ଦେବୀଗଡ ବନ୍ୟଜନ୍ତୁ ଡିଭିଜନରୁ ସମ୍ପୃକ୍ତ ପରିବାରଙ୍କୁ ହଟାଇବା ପାଇଁ ସରକାରଙ୍କୁ ପ୍ରସ୍ତାବ ଆସିଥିଲା । ଇତିମଧ୍ୟରେ ଉକ୍ତ ତିନୋଟି ଅଭୟାରଣ୍ୟକୁ ଗତ ୨୦୧୬-୧୭ ଆର୍ଥିକ ବର୍ଷରେ ୧୨.୮ କୋଟି ଟଙ୍କା ମଞ୍ଜୁର ହୋଇଛି । ମାତ୍ର ସାତକୋଶିଆ ଭଳି କେତେକ ବନଖଣ୍ଡରେ ବାସ୍ତବରେ ପରିବାରକୁ ସ୍ଥାନାନ୍ତର କରାଯାଇନାହିଁ । ଆଉ ଅନ୍ୟ ଦୁଇଟି ବନଖଣ୍ଡରେ ପରିବାର ଉଠାଇବା କଥା ଯେଉଁଠି ଉଠୁଛି ସେଥିରେ ମଧ୍ୟ ବହୁ ଏପାଖ ସେପାଖ କରାଯାଇଥିବା ଅଭିଯୋଗ ହୋଇଛି ।

## ପୋଖରିରେ ବୁଡି ଛାତ୍ର ମୃତ

**କେନ୍ଦ୍ରାପଡ଼ା :** ମାର୍ଶାଘାଇ ଥାନା ଅନ୍ତର୍ଗତ ନଳଦିଆ ଗ୍ରାମରେ ପୋଖରୀରେ ବୁଡିଯାଇ ଜଣେ ଛାତ୍ରଙ୍କର ମୃତ୍ୟୁ ଘଟିଛି ।ଶୁକ୍ରବାର ୧୨ ଘଟିକା ସମୟରେ ଦେବରାଜ ପୃଷ୍ଟିଙ୍କର ପୁଅ ରାଜକିଶୋର ପୃଷ୍ଟି (୧୭) ପୋଖରିରେ ଗାଧୋଉଥିବା ସମୟରେ ପାଣିରେ ବୁଡି ମୃତ୍ୟୁ ବରଣ କରିଛନ୍ତି ।ଗ୍ରାମରେ ଅଷ୍ଟ ପ୍ରହରି ନାମ ଯଜ୍ଞ ଚାଲି ଥିବା ସମୟରେ ସେ ପୋଖରିକୁ ଗାଧୋଇବାକୁ ଯାଇ ଅସାବଧାନତା ବଶତଃ ଖସି ପଡିଥିଲେ । ଗାଧୋଇବାକୁ ଯାଇ ଘରକୁ ନ ଫେରିବାରୁ ଘର ଲୋକେ ଖୋଜା ଖୋଜି କରିଥିଲେ। ପୋଖରୀ ତୁଠରେ ତାଙ୍କ ଚପଲ ଦେଖି ପୋଖରିରେ ଖୋଜା ଖୋଜି କରିବା ପରେ ପୋଖରୀରୁ ତାଙ୍କୁ ଉଦ୍ଧାର କରାଯାଇଥିଲା ଓ ସଙ୍ଗେ ସଙ୍ଗେ ତାଙ୍କୁ କେନ୍ଦ୍ରାପଡା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ସେ ଚଳିତ ବର୍ଷ ଯୁକ୍ତ ବିଜ୍ଞାନ ଶେଷ ବର୍ଷର ପରୀକ୍ଷା ଦେଇଥିଲେ । ଏହି ଘଟଣାରେ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି ।

## ଜଣ୍ଡିସ୍‌ରେ ଜଣେ ମୃତ

**କେନ୍ଦ୍ରାପଡ଼ା :** ମାର୍ଶାଘାଇ ବ୍ଲକର ମେହେନ୍ଦି ନଗର ପଂଚାୟତ ବ୍ରାହ୍ମଣୀ ଗାଁ(ପଡାଗ୍ରାମ)ରେ ବର୍ତ୍ତମାନ ଜଣ୍ଡିସ (କାମଳ)ରୋଗର ଆତଙ୍କ ଦେଖାଦେଇଛି । ଏହି ରୋଗରେ ଗ୍ରାମର ଜଣେ ଲୋକର ଜୀବନ ନେଲାଣି । ଗ୍ରାମର ରାଜୀବ ବେହେରା(୪୪) ଙ୍କର ମୃତ୍ୟୁ ଘଟିଛି । ଏପଟେ କିନ୍ତୁ ସ୍ୱାସ୍ଥ୍ୟ ବିଭାଗର ନିଦ ଭାଙ୍ଗୁନି । ଯଦିଓ ଏହା ଦୂଷିତ ଜଳ ପାଇଁ ବ୍ୟାପୁ ଥିବା କୁହାଯାଉଛି ତେବେ ଗ୍ରାମର ଅନେକ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି । ଏ ସଂପର୍କରେ ସ୍ଥାନୀୟ ସଂରପଚ ରବିନ୍ଦ୍ର ନାଥ ପଣ୍ଡାଙ୍କୁ ପଚାରିବାରେ ସେ କୁହନ୍ତି ପଂଚାୟତର ସମସ୍ତ ନଳକୂପ ସଫେଇ କାମ ଶେଷ ହୋଇଛି କିନ୍ତୁ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନଙ୍କର ପାଦ ଏଠାରେ ପଡୁ ନଥିବା କଥା କହିଛନ୍ତି । ଏହି ମାରାତ୍ମକ ରୋଗ ପାଇଁ ତୁରନ୍ତ ପଦକ୍ଷେପ ନେବା ସହ ଜଳ ପରିମଳ ପ୍ରତି ଦୃଷ୍ଟି ଦେବାକୁ ବିଭାଗିୟ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ହେଉଛି ।

## ଓଡ଼ିଆ ନବବର୍ଷରେ ଲୋକଙ୍କ ସୁଖ ସମୃଦ୍ଧି କାମନା

**କେନ୍ଦ୍ରାପଡ଼ା :** ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଅଙ୍ଗୁଳାଇ ଗ୍ରାମରେ ୩୮ତମ ବିଷୁବ ମହୋତ୍ସବ ମା ଶାରଳା ମନ୍ଦିରରେ ଦୁଃଖିଶ୍ୟାମ ପାତ୍ରଙ୍କର ପ୍ରତ୍ୟକ୍ଷ ତତ୍ୱାବଧାନରେ ପାଳିତ ହୋଇଯାଇଛି । ଏହି ଅବସରରେ ମନ୍ଦିର ନିକଟରେ ସାଇନାଥ କଳା ପରିଷଦ ତରଫରୁ ଭଜନ ସମାରୋହ କାର୍ଯ୍ୟକ୍ରମରେ ହଜାର ହଜାର ଦର୍ଶକ ରୁଣ୍ଡ ହୋଇ ଘଣ୍ଟ ,ଘଣ୍ଟି ,ଆଳତି ଓ ମୃଦଙ୍ଗର ତାଳେ ତାଳେ ଭକ୍ତମାନେ ମାଙ୍କ ପଦାରବିନ୍ଦରେ ନିଜକୁ ସମର୍ପିତ କରି ଆତ୍ମବିଭୋର ହୋଇଉଠିଥିଲେ । ମାଙ୍କର ଆଳତି ଓ ମଧ୍ୟାହ୍ନ ଧୂପ ପରେ ଆନନ୍ଦ ବଜାରରେ ଭକ୍ତମାନେ ପ୍ରସାଦ ସେବନ କରିଥିଲେ । ହରିବୋଲ ଓ ହୁଳହୁଳି ଶବ୍ଦରେ ମା'ଙ୍କ ପୀଠସ୍ଥଳି ଚଳଚଞ୍ଚଳ ହୋଇଉଠିଥିଲା । ହଜାର ହଜାର ନର ନାରୀମାନେ ମା'ଙ୍କ ଆର୍ଶୀବାଦ ଲାଭ କରିବା ସଙ୍ଗେ ସଙ୍ଗେ ଅପରାହ୍ଣ ୫ଘଟିକା ସମୟରେ ମାଙ୍କର ପବିତ୍ର ପଣାକୁ ପାନକରି ନିଜକୁ ଧନ୍ୟ ମନେକରିଥିଲେ । ସେହିପରି ବେରୁହାଁ ପଂଚାୟତର ପବିତ୍ର ମିଳିମିଳା ପିଠରେ ଝାମୁଘଂଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମା ମିଳିମିଳା ଦେବୀଙ୍କ ପୂଜାର୍ଚ୍ଚନା ପାଇଁ ସ୍ଥାନୀୟ ବଟିରା , ମଙ୍ଗରାଜପୁର,ଅନ୍ତେଇ ଆଦି ପଂଚାୟତ ଗୁଡିକରୁ ହଜାର ହଜାର ଭକ୍ତ ଝାମୁଘଂଟ ଦେଖିବା ସହ ମାଙ୍କ ଆର୍ଶୀବାଦ ଲାଭ କରିଥିଲେ । ଏହି ପବିତ୍ର ମହାବିଷୁବ ପଣା ସଂକ୍ରାନ୍ତି ଅବସରରେ ବିଭିନ୍ନ ସଂଗଠନ ତରଫରୁ ଜଳଛତ୍ର ଖୋଲାଯାଇଥିବା ବେଳେ ରାଜନେତା /ନେତ୍ରୀ ମାନେ ବିଭିନ୍ନ ମନ୍ଦିରରେ ମାଙ୍କ ଦର୍ଶନ କରିବା ସହ ଆର୍ଶିବାଦ ଭିକ୍ଷା କରିଥିଲେ । ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ବିଧାୟକ ଅତନୁ ସବ୍ୟସାଚୀ ନାୟକ,ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତ୍ରସେନ ସେଠୀ, ବ୍ଲକ ବିଜେଡି ସଭାପତି ସଂଜୟ କୁମାର ଲେଙ୍କା, କଂଗ୍ରେସ ନେତା ବିଭ୍ରାଂଶୁ ଶେଖର ଲେଙ୍କା , ପୂର୍ବତନ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତି ଉମାକାନ୍ତ ପଟ୍ଟନାୟକ ,ଇଫ୍‌କୋ କର୍ମଚାରୀ ସଂଘର ସଭାପତି ତୁଷାର ରଞ୍ଜନ ସାମନ୍ତରାୟ, କେନ୍ଦ୍ରାପଡା ଲାୟନ୍ସ କ୍ଲବର ନୀଳଚକ୍ରର ସଭାପତି ଦିପକ ଚୌଧୁରୀ , ସମାଜସେବୀ ଅନ୍ନଦା ପ୍ରସାଦ ତ୍ରିପାଠୀ , ଯୁବ ନେତା ପ୍ରଶାନ୍ତ ସାମନ୍ତରାୟ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ ମଲ୍ଲିକ, ଜିଲ୍ଲା ସୁଖ ଦୁଖ ସଙ୍ଗଠନର ସଭାପତି ଉମାକାନ୍ତ ସାମନ୍ତରାୟ,ସମ୍ପାଦକ ଅଶୋକ କୁମାର ଦାସ ,ବିଜେଡି ନାରୀ ନେତ୍ରୀ ମାନା ନାୟକ ପ୍ରମୁଖ ଓଡ଼ିଆ ନବବର୍ଷର ଶୁଭେଚ୍ଛା ଜଣାଇବା ସହ ଲୋକମାନଙ୍କର ସୁଖ ସମୃଦ୍ଧି କାମନା କରିଥିଲେ ।

### ହାଇକୋର୍ଟରେ ସ୍ୱର୍ଗଦ୍ୱାର ଜମି ଜବରଦଖଲ ମାମଲା

## ଶଙ୍କରାଚାର୍ଯ୍ୟଙ୍କ ସମେତ ପ୍ରତିପକ୍ଷଙ୍କୁ ନୋଟିସ୍

**କଟକ :** ସ୍ୱର୍ଗଦ୍ୱାର ଶ୍ମଶାନ ଜମି କାଗଜପତ୍ର ଜାଲିଆତି କରାଯାଇ ଆତ୍ମସାତ୍ କରାଯାଇଥିବା ସଂକ୍ରାନ୍ତ ମାମଲାର ପ୍ରାଥମିକ ଶୁଣାଣି କରି ହାଇକୋର୍ଟ ଶଙ୍କରାଚାର୍ଯ୍ୟଙ୍କ ସମେତ ସମସ୍ତ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିବା ସହିତ ଜମି ମାଲିକାନା ହସ୍ତାନ୍ତର ଉପରେ ଅଙ୍କୁଶ ଲଗାଇଛନ୍ତି । ମୁଖ୍ୟ ବିଚାରପତି ବିନୀତ ଶରଣ ଓ ବିଚାରପତି କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ଅନ୍ତରୀଣ ଆଦେଶ ଦେବା ସହ ୨ ସପ୍ତାହ ମଧ୍ୟରେ ସମସ୍ତ ପ୍ରତିପକ୍ଷଙ୍କୁ ଜବାବ ଦାଖଲ ସକାଶେ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ଶୁଣାଣି ବେଳେ ଖଣ୍ଡପୀଠ ନୂତନ ପ୍ରତିପକ୍ଷ ଭାବେ ଶଙ୍କରାଚାର୍ଯ୍ୟଙ୍କୁ ପକ୍ଷଭୁକ୍ତ କରିବା ପରେ ତୁରନ୍ତ ତାଙ୍କ ଓକିଲ ନୋଟିସ ଗ୍ରହଣ କରିଥିଲେ । ସେହିପରି ସରକାରଙ୍କ ବିଭିନ୍ନ ସଂସ୍ଥାକୁ ଦିଆଯାଇଥିବା ନୋଟିସକୁ ସରକାରୀ ଓକିଲ ଗ୍ରହଣ କରିଥିଲେ । ବିଶେଷକରି ସ୍ୱର୍ଗଦ୍ୱାର ଜମିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ପାଇଁ ତହସିଲରେ କେତେକ ମାମଲା ବା ଦରଖାସ୍ତ କରିଥିବା ସଂକ୍ରାନ୍ତ ଅଭିଯୋଗକୁ ନେଇ ଖଣ୍ଡପୀଠ ଏହା ଉପରେ ଅଙ୍କୁଶ ଜାରି କରିଛନ୍ତି ।

ଆବେଦନକାରୀଙ୍କ ଅଭିଯୋଗ ମୁତାବକ ସମୁଦ୍ରକୂଳକୁ ଲାଗି ରହିଥିବା ମୂଲ୍ୟବାନ ସ୍ୱର୍ଗଦ୍ୱାର ଶ୍ମଶାନ ଜମିକୁ ବହୁ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରି ରଖିଛନ୍ତି । ପ୍ରଶାସନ ତୁରନ୍ତ ସେମାନଙ୍କୁ ସେଠାରୁଉଚ୍ଛେଦ କରି ଜବଦଖଲ ମୁକ୍ତ କରୁ । ହାଇକୋର୍ଟ ଏହି ନିର୍ଦ୍ଦେଶ ଦେବାକୁ ନିବେଦନକରି ଆବେଦନକାରୀ ଶୁକ୍ରବାର ଏହି ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ । ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇ ଥିଲା ଯେ ପୁରୀ ଜିଲା ପ୍ରଶାସନର ବିଫଳତା କାରଣରୁ ଜବରଦଖଲ ଜମି ଉଦ୍ଧାର ହୋଇପାରୁନାହିଁ । ଜିଲା ପ୍ରଶାସନ ଓ ତହସିଲ ଏଥି ସକାଶେ ପଦକ୍ଷେପ ନେଉନାହାନ୍ତି । ଆବେଦନରେ କୁହାଯାଇଥିଲା ଯେ ହିନ୍ଦୁ ଶାସ୍ତ୍ର, ପରମ୍ପରା ଜୀବନଶୈଳୀ ସହ ସ୍ୱର୍ଗଦ୍ୱାର ଓତପ୍ରୋତ ଭାବେ ଜଡିତ । ତେବେ ଏହି ପବିତ୍ର ଜମିକୁ ଜବରଦଖଲ ମୁକ୍ତ କରାଯାଉ । ସ୍ୱର୍ଗଦ୍ୱାରରେ ଥିବା ୧୮ ଏକର ଜମିକୁ ଜବର ଦଖଲ କରାଯାଇଛି ବୋଲି ଆବେଦନକାରୀ ଉଲ୍ଲେଖ କରିଛନ୍ତି ସେହିପରି ପାଖାପାଖି ୩୦ଟି ହୋଟେଲ ସେଠାରେ ବେଆଇନଭାବେ ନିର୍ମାଣ କରାଯାଇଛି ବୋଲି ଅଭିଯୋଗ ହୋଇଛି । ଏହି ଜବର ଦଖଲକାରୀ ତାଲିକାରେ ବହୁ ପ୍ରଭାବଶାଳୀ ରାଜନେତା, ପ୍ରଶାସକ, ସରକାରୀ ଉଚ୍ଚ ପଦାଧିକାରୀ ସଂପୃକ୍ତ ଅଛନ୍ତି । କିଛି ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀ ଓ ଜମି ମାଫିଆଙ୍କ ଅସାଧୁ ମେଣ୍ଟ ଯୋଗୁଁ ସ୍ୱର୍ଗଦ୍ୱାର ମୂଲ୍ୟବାନ ଜମି ଜବର ଦଖଲକାରୀଙ୍କ କବ୍‌ଜାକୁ ଚାଲିଯାଇଛି । ମାମଲାରେ ରାଜ୍ୟ ସରକାରଙ୍କର ମୁଖ୍ୟ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ସଚିବ, ପୁରୀ ଜିଲାପାଳ, ପୁରୀ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ, ପୁରୀ ତହସିଲଦାର, କେନ୍ଦ୍ରାଞ୍ଚଳ ଆରଡିସି, ପୁରୀ ଶ୍ରୀମନ୍ଦିର ପ୍ରଶାସକ, ପୁରୀ-କୋଣାର୍କ ଉନ୍ନୟନ ସଚିବ, ପୁରୀ ଜିଲା ଆରକ୍ଷୀ ନିରୀକ୍ଷକ, ଦେବୋତ୍ତର କମିଶନ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଛି । ବରିଷ୍ଠ ଆଇନଜୀବୀ ଅଶେକ ମହାପାତ୍ର ମାମଲା ପରିଚାଳନା କରୁଛନ୍ତି ।

## ବେସରକାରୀ ବିଦ୍ୟାଳୟରେ ୮ମ ପର୍ଯ୍ୟନ୍ତ ପିଲାଙ୍କୁ ମିଳିବ ରିଆତି ପାଠ୍ୟପୁସ୍ତକ

**ଭୁବନେଶ୍ୱର :** ବେସରକାରୀ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ୫୦% ରିଆତିରେ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବ । ୨୦୧୭-୧୮ ଶିକ୍ଷାବର୍ଷ ନିମନ୍ତେ ଏମାସ ୨୦ରୁ ୬୪ଟି କେନ୍ଦ୍ରରେ ବିକ୍ରୟ କରାଯିବା ପ୍ରସ୍ତାବକୁ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର ଅନୁମୋଦନ କରିଛନ୍ତି ।ରାଜ୍ୟରେ ଅଣଅନୁଦାନପ୍ରାପ୍ତ ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ୫୦% ରିଆତି ମୂଲ୍ୟରେ ଏହା ପାଇବେ । ଆବଶ୍ୟକ ପରିମାଣର ପୁସ୍ତକ ସମସ୍ତ କେନ୍ଦ୍ରକୁ ପଠାଯାଇଛି । ଖୋର୍ଦ୍ଧା ଜିଲାରେ ସର୍ବାଧିକ ୫ଟି ବିକ୍ରୟ କେନ୍ଦ୍ର ବ୍ୟବସ୍ଥା କରାଯାଇଥିବା ବେଳେ ଭଦ୍ରକ, କଟକ, ଗଞ୍ଜାମ, କଳାହାଣ୍ଡି, କେନ୍ଦୁଝର, କୋରାପୁଟ ଓ ମୟୂରଭଞ୍ଜରେ ୩ ଲେଖାଏଁ ବିକ୍ରୟକେନ୍ଦ୍ର କରାଯାଇଛି । ଅନୁଗୋଳ, ବାଲେଶ୍ୱର, ବରଗଡ଼, ବଲାଙ୍ଗିର, ଢେଙ୍କାନାଳ, ଗଜପତି, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ନବରଙ୍ଗପୁର, ନୟାଗଡ଼, ନୂଆପଡ଼ା, ପୁରୀ, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲାରେ ୨ଟି ଲେଖାଏଁ ଏବଂ ବୌଦ୍ଧ, ଦେବଗଡ଼, ଝାରସୁଗୁଡ଼ା, କନ୍ଧମାଳ, ମାଲକାନଗିରି ଓ ସୁବର୍ଣ୍ଣପୁରରେ ଗୋଟିଏ ଲେଖାଏଁ କେନ୍ଦ୍ର କାର୍ଯ୍ୟ କରିବ । ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ନିମନ୍ତେ ଆବଶ୍ୟକ୨କୋଟି ୭୮ଲକ୍ଷ ୪୭ହଜାର ୭୦୬ ପୁସ୍ତକ ମଧ୍ୟରୁ ୧କୋଟି ୨୭ଲକ୍ଷ ୫ହଜାର ୧୫୬ ଖଣ୍ଡ ମାଗଣାରେ ବଣ୍ଟନ କରାଯାଇଛି । ପୁସ୍ତକ ଯୋଗାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଗ୍ରୀଷ୍ମାବକାଶ ଶେଷ ସୁଦ୍ଧା ବିଦ୍ୟାଳୟରେ ପୁସ୍ତକ ପହଞ୍ଚାଇବାକୁ ନିର୍ଦ୍ଦେଶ ଦିଆଯାଇଛି ।ବିଭିନ୍ନ ଛାପାଖାନାରୁ ୮୫% ପୁସ୍ତକ ଟେଷ୍ଟବୁକ ଡିପୋରେ ପହଞ୍ଚିଛି ।

## ସାରଥୀ ମାମଲା : ମହିଳା କନଷ୍ଟେବଲଙ୍କୁ ଆକ୍ରମଣ କଲେ ଭଡାଟିଆ ଗୁଣ୍ଡା

**କେନ୍ଦ୍ରାପଡ଼ା :** ଡ଼େରାବିଶ ଥାନା ଅଧିନସ୍ଥ ୫ ନମ୍ବର (କ) ଜାତୀୟ ରାଜପଥର ନୂଆହାଟଠାରେ ଗୁରୁବାର ପୂର୍ବାହ୍ନରେ ଜଣେ କନଷ୍ଟେବଲ ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇଛନ୍ତି । ପୁଲିସ ସୂଚନା ଅନୁଯାୟୀ ସଦରଥାନାରେ କାର୍ଯ୍ୟରତ ଥିବା ମହିଳା କନଷ୍ଟେବଲ ମମତା ମଲ୍ଲିକ ସ୍ୱାମୀ ପ୍ରଫୁଲ୍ଲ ମଲ୍ଲିକଙ୍କ ସହ ଏକ ସ୍କୁଟିରେ ଭୁବନେଶ୍ୱରସ୍ଥିତ ଫରେନସିକ ଲାବରଟେରୀକୁ ସାରଥି ମାମଲା ସମ୍ପର୍କିତ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନେଇ ଯାଉଥିଲେ । ରାଜପଥର ନୂଆହାଟଠାରେ ଜଣେ ବ୍ୟକ୍ତି ଏକ ନମ୍ବରବିହୀନ ସ୍କୁଟିରେ ଆସି ମମତାଙ୍କୁ ଅଟକାଇବା ସହ ତାଙ୍କ ପାଖରେ ଥିବା ବ୍ୟାଗକୁ ଛଡ଼ାଇବାକୁ ଉଦ୍ୟମ କରିଥିଲେ । ମମତାଙ୍କ ସ୍ୱାମୀ ପ୍ରଫୁଲ୍ଲ ଏହି ସମୟରେ ଦୁର୍ବୃତ୍ତଙ୍କ ସହ ଧସ୍ତାଧସ୍ତି ଆରମ୍ଭ କରିଥିଲେ । ଏପରିକି କନେଷ୍ଟବଳ ମମତା ମଧ ଦୁର୍ବୃତ୍ତଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ । ଏହି ରାସ୍ତାଦେଇ ଯାଉଥିବା କିଛି ବ୍ୟକ୍ତି ପୁଲିସ ପୋଷାକରେ ଥିବା ମହିଳାଙ୍କ ସହ ଆଉ ଜଣେ ବ୍ୟକ୍ତିର ମାଡ଼ପିଟକୁ ଦେଖି ସେଠାରେ ରୁଣ୍ଡ ହୋଇଥିଲେ । ଏହି ସମୟରେ ଏକ ନମ୍ବର ବିହୀନ ନୀଳ ରଙ୍ଗର କାର ସେଠାରେ ପହଞ୍ଚିବା ପରେ ଦୁର୍ବୃତ୍ତ ଜଣକ ଆସିଥିବା ସ୍କୁଟିକୁ ଛାଡ଼ି କାରରେ ପଳାଇ ଯାଇଥିଲେ । ଖବର ପାଇ ଥାନା ଅଧିକାରୀ ଉମାକାନ୍ତ ନାୟକ ଘଟଣାସ୍ଥଳରେ ପୁଲିସ ଦଳ ସହ ପହଞ୍ଚିବା ସହ ଦୁର୍ବୃତ୍ତ ଛାଡ଼ି ଯାଇଥିବା ସ୍କୁଟି ଓ ଦୁର୍ବୃତ୍ତଙ୍କ ଆକମଣର ଶିକାର ହୋଇଥିବା ମହିଳା କନେଷ୍ଟବଳ ମମତା ଓ ତାଙ୍କ ସ୍ୱାମୀଙ୍କୁ ଉଦ୍ଧାର କରିଥିଲେ । ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା ରୁଜୁ ହେବା ସହ ଏହି ଘଟଣାଙ୍କ ପୁଲିସ ଅତି ଗୁରୁତ୍ୱ ଦେଇ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛି । ଏ ସମ୍ପର୍କରେ କନେଷ୍ଟବଳ ମମତା କୁହନ୍ତି ଜିଲ୍ଲା ପୁଲିସ କର୍ତ୍ତପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ଜେଲରେ ଥିବା ବାରିମୂଳ ଆଶ୍ରମର ସାରଥି ମାମଲାରେ କେତେକ ଥିବା ନେଇ ସେ ଭୁବନେଶ୍ୱର ଯାଉଥିଲେ । ଘଟଣା ଘଟିଥିବା ସ୍ଥାନଟି ନିରୋଳା ଥିବା ଦେଖି ଯୁବକ ଜଣକ ତାଙ୍କ ସ୍କୁଟି ଆଗରେ ହଠାତ୍ ଆଡ଼ ପକାଇ ତାଙ୍କୁ ଆକ୍ରମଣ କରିଥିଲେ । ପ୍ରତି ଆକ୍ରମଣ ଯୋଗୁ ଦୁର୍ବୃତ୍ତ ତାଙ୍କଠାରୁ କୌଣସି ଦ୍ରବ୍ୟ ନେବାକୁ ସକ୍ଷମ ହୋଇ ପାରି ନ ଥିଲେ ବୋଲି ମମତା କହିଛନ୍ତି । ଜବତ ହୋଇଥିବା ନମ୍ବର ବିହୀନ ସ୍କୁଟିର ପ୍ରକୃତ ମାଲିକ କିଏ ଜଣା ପଡ଼ିବା ପରେ ଘଟଣାର ପ୍ରକୃତ ରହସ୍ୟ ଉନ୍ମୋଚିତ ହୋଇପାରିବ ବୋଲି ଥାନା ଅଧିକାରୀ ଶ୍ରୀ ନାୟକ ସୂଚନା ଦେଇଛନ୍ତି । ଅପରପକ୍ଷରେ ସାରଥି ମାମଲା ସମ୍ପର୍କିତ କାଗଜପତ୍ରକୁ ନଷ୍ଟ କରିବା ଉଦ୍ଦେଶ୍ୟରେ ସାରଥିଙ୍କ ଅନୁଗତ ଏଭଳି କାର୍ଯ୍ୟ କିଆଇ ପାରିଥା'ନ୍ତି ବୋଲି ପୁଲିସ ସନ୍ଦେହକୁ ନେଇଥିବା ବେଳେ ମମତାଙ୍କ ସ୍ୱାମୀ ପ୍ରଫୁଲ୍ଲଙ୍କ ପ୍ରଥମ ପତ୍ନୀ ଓ ପ୍ରଫୁଲ୍ଲଙ୍କ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗି ରହିଛି । ଆଜିର ଏହି ଘଟଣାରେ ପ୍ରଫୁଲ୍ଲଙ୍କ ପତ୍ନୀଙ୍କ ସମ୍ପର୍କ ଥିବା ନେଇ ଆଲୋଚନା ମଧ ହେଉଛି । ସେ ଯାହା ହେଉନା କାହିଁକି ଘଟଣା ସମଗ୍ର ବ୍ଲକ ଅଞ୍ଚଳରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଏସଡ଼ିପିଓ କେଦାରନାଥ ସାହୁ କୁହନ୍ତି ଏହି ଘଟଣା ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରାଯାଇଛି । କିଛିଦିନ ମଧ୍ୟରେ ଘଟଣାର ପ୍ରକୃତ ସତ୍ୟ ଉନ୍ମୋଚିତ ହେବ ବୋଲି କୁହାଯାଇଛି ।

## କତାର୍‌ରେ ୧୬୮ ଓଡ଼ିଆ ଶ୍ରମିକ ନିର୍ଯାତିତ

**ବାଣପୁର :** ଅଧିକ ରୋଜଗାର ଆଶାରେ କତାରର ରାଜଧାନୀ ଦୋହା ଯାଇଥିବା ୧୬୮ ଓଡ଼ିଆ ଦାଦନ ଶ୍ରମିକ ସେଠାରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଯାତିତ ହେଉଛନ୍ତି । ଦୁଇ ମାସ ହେଲା କମ୍ପାନୀ ସେମାନଙ୍କୁ ଦରମା ଓ ଖାଇବାକୁ ନଦେଇ ନଜରବନ୍ଦୀ କରି ରଖିଥିବା ନିର୍ଯାତିତ ଶ୍ରମିକମାନେ ଏକ ଭିଡିଓ ମାଧ୍ୟମରେ ଅଭିଯୋଗ କରିଛନ୍ତି । ଏ ନେଇ ନିର୍ଯାତିତ ଶ୍ରମିକଙ୍କ ପରିବାରବର୍ଗ ସେମାନଙ୍କ ଆତ୍ମୀୟଙ୍କୁ ଉଦ୍ଧାର ପାଇଁ ଆକୁଳ ନିବେଦନ କରିଛନ୍ତି । ଏହି ପରିବାର ଗୁଡିକ ନିର୍ଯାତିତ ଶ୍ରମିକଙ୍କୁ ଭାରତ ଫେରାଇ ଆଣିବାକୁ ପ୍ରଶାସନ ତଥା ଲୋକପ୍ରତିନିଧିଙ୍କ ସହାୟତା ଲୋଡିଛନ୍ତି । ଖୋର୍ଦ୍ଧା ଜିଲାର ବାଣପୁର, ଚିଲିକା, ଟାଙ୍ଗୀ ସମେତ ଗଞ୍ଜାମ ଜିଲାର ଖଲିକୋଟ ବ୍ଲକର ୧୯୮ଜଣ ଶ୍ରମିକ ଗତ ଜାନୁଆରୀରେ ସ୍ଥାନୀୟ ଦାଦନ ଠିକାଦାରଙ୍କ ସହାୟତାରେ କେରଳସ୍ଥିତ କ୍ରମ୍ପଟନ ରିକ୍ରୁଟମେଣ୍ଟ ଏଜେନ୍ସି ଦ୍ୱାରା ମଧ୍ୟପ୍ରାଚ୍ୟ କତାରର ଦୋହାସ୍ଥିତ ହମ୍ପଟନ୍ ଟ୍ରେଡିଙ୍ଗ ଆଣ୍ଡ କଣ୍ଟ୍ରାକ୍ଟିଙ୍ଗ କମ୍ପାନୀରେ ଶ୍ରମିକ ଭାବେ ନିଯୁକ୍ତି ପାଇଥିଲେ । ଏହି ସମୟରେ ମାସିକ ଦରମା ୧୮ହଜାର ଟଙ୍କା ସହିତ ମାଗଣାରେ ଖାଦ୍ୟପେୟ, ବାସଗୃହ ଓ ସ୍ୱାସ୍ଥ୍ୟସେବା କମ୍ପାନୀ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ଚୁକ୍ତି ହୋଇଥିଲା । ଦେଶରୁ ଗଲାବେଳେ ସମସ୍ତଙ୍କୁ ଅସ୍ଥାୟୀ ୯୦ଦିନିଆ 'ଟୁରିଷ୍ଟ ଭିସା' ଯୋଗାଇ ଦିଆଯାଇଥିଲା । କତାରରେ ପହଞ୍ଚିବା ପରେ ସେମାନଙ୍କୁ ଦୁଇବର୍ଷିଆ 'ୱାର୍କ ଭିସା' ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । ମାତ୍ର ସେଠାରେ ପହଞ୍ଚିବା ପରେ ଦୁଇମାସ ହେଲା କମ୍ପାନୀ ଦରମା ଦେଉ ନଥିବା ବେଳେ ଖାଇବାକୁ ନଦେଇ ସମସ୍ତଙ୍କୁ ନଜରବନ୍ଦୀ କରି ରଖିଥିବା ଶ୍ରମିକମାନେ ଫୋନ ଯୋଗେ ସେମାନଙ୍କ ପରିବାରଙ୍କୁ ଜଣାଇଛନ୍ତି । ନିର୍ଯାତନା ସଂକ୍ରାନ୍ତରେ ସେମାନେ ଏକ ଭିଡିଓ ମଧ୍ୟ ପଠାଇଛନ୍ତି । ଇତିମଧ୍ୟରେ ଅସ୍ଥାୟୀ ଟୁରିଷ୍ଟ ଭିସାର ଅବଧି ପୂରଣ ପାଇଁ ଅଳ୍ପଦିନ ବାକି ଥିବାରୁ ଶ୍ରମିକମାନେ ଭାରତ ଫେରିବା ଅନିଶ୍ଚିତ ହୋଇପଡିଛି । ତେବେ ସେଠାରୁ କୌଣସିମତେ ନାଚୁଣୀର ବିନୋଦ ନାୟକ, ବିଞ୍ଝଳାର ଶ୍ରୀକାନ୍ତ ଭାରିମଲ୍ଲ, ବଡହନୁଆଡର ମନୋଜ ମାର୍ଥା, ଖଲିକୋଟର ପବିତ୍ର ଦଲାଇ ପ୍ରମୁଖ ୩୦ ଜଣ ଖସି ଆସିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ପଙ୍କାଳର ଅନିଲ ପଲେଇ, ବିଘ୍ନେଶ ରାଉତ, ପାଣ୍ଡିରିପଦରର ପ୍ରସନ୍ନ ଦାସ, ଅଚ୍ୟୁତରାଜପୁରର ଦୀପକ ଦଳେଇ, ନୟାକୋଟର ସମୀର ଦଳେଇ, ସୁମନ୍ତ ପ୍ରଧାନ, ରଞ୍ଜନ ସାମନ୍ତରାୟ, ମିଥୁନ ଦଳେଇ, ପଥରାର ଦାସିଆ ଜାଲି, ରମେଶ ଦାସ, ଭିକୁ ଦାସ, ବଡକୂଳର ସଂଗ୍ରାମ ରାଉତ, ଟାଙ୍ଗୀର ଦିଲୀପ ସାହୁ, ଆୟତପୁରର ଭଗବାନ ସାହୁ, ପ୍ରକାଶ ଜେନା, ଗୋରଡାଝରୀର ଶିବରାମ ବେହେରା, ରଘୁନାଥପୁର ନୂଆଗାଁର ନିରଞ୍ଜନ ପ୍ରଧାନ, ଦିବାକର ପ୍ରଧାନ, ଘାସେଡିହର ମାନସ ପ୍ରଧାନ, ସାଲୁଣୀର ରଞ୍ଜନ ପରିଡା, ଅନନ୍ତ ପରିଡା, ବିଦେଶୀ ଜେନା ପ୍ରମୁଖ ୧୬୮ ଜଣ ଶ୍ରମିକ ଏବେସୁଦ୍ଧା ଦୋହାରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ନଜରବନ୍ଦୀ ଥିବା ଭାରତ ଫେରିଆସିଥିବା ଶ୍ରମିକମାନେ ପ୍ରକାଶ କରିଛନ୍ତି । ସେଠାରେ ନିର୍ଯାତିତ ଶ୍ରମିକଙ୍କୁ ଭାରତ ଫେରାଇ ଆଣିବାକୁ ସେମାନଙ୍କ ପରିବାରବର୍ଗ ପକ୍ଷରୁ ସରକାରଙ୍କୁ ନିବେଦନ କରାଯାଇଛି ।

## କିସ୍ ବୁଲିଲେ ୫ କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର :** ବିଜେପି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀରେ ଯୋଗଦେବାକୁ ଆସିଥିବା କେନ୍ଦ୍ର ଗୃହମନ୍ତ୍ରୀ ରାଜନାଥ ସିଂହଙ୍କ ସମେତ ମୋଟ ୫ଜଣ କେନ୍ଦ୍ରମନ୍ତ୍ରୀ କିସ୍ ବୁଲି ଦେଖିଛନ୍ତି । ଏମାନଙ୍କ ମଧ୍ୟରେ ଅଛନ୍ତି ମାନବସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ ଜାଭେଦକର, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଭେଙ୍କିୟା ନାଇଡୁ, ସ୍ୱାସ୍ଥ୍ୟମନ୍ତ୍ରୀ ଫଗନ ସିଂହକୁଲସ୍ତେ ଓ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ବିଜୟ ଗୋଏଲ । ମନ୍ତ୍ରୀମାନେ ଏଠାରେ ରହୁଥିବା ୨୫ ହଜାର ଆଦିବାସୀ ଛାତ୍ରଛାତ୍ରୀଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ । କିସ୍‌ର ବ୍ୟବସ୍ଥା ଦେଖି ଏହାର ପ୍ରତିଷ୍ଠାତା ଅଚ୍ୟୁତ୍ ସାମନ୍ତଙ୍କୁ ମନ୍ତ୍ରୀମାନେ ଢେର ପ୍ରଶଂସା କରିଥିଲେ । ମୋଦି ସରକାରଙ୍କ ଯୋଜନା କିସ୍‌ରେ ପ୍ରତିଫଳିତ ହେଉଛି ବୋଲି ରାଜନାଥ ସିଂହ କହିଛନ୍ତି ।


### ଶିକ୍ଷକ, ଶିକ୍ଷୟିତ୍ରୀ ଆବଶ୍ୟକ

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କଳିଙ୍ଗନଗର ଭରତପୁର, ଭୁବନେଶ୍ୱର ପାଇଁ ଶିକ୍ଷକ ଓ ଶିକ୍ଷୟିତ୍ରୀ ଆବଶ୍ୟକ ।

**ଯୋଗ୍ୟତା :** ସ୍ନାତକୋତ୍ତର, ସିଟି, ବିଇଡି ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଦିଆଯିବ । ଇଚ୍ଛୁକ ପ୍ରାର୍ଥୀ ଓ ପ୍ରାର୍ଥୀନୀମାନେ ଆବଶ୍ୟକୀୟ ପ୍ରମାଣପତ୍ର ସହ ୨୪ ଏପ୍ରିଲ ୨୦୧୭ ତାରିଖ ମଧ୍ୟରେ ବିଦ୍ୟାଳୟରେ ଯୋଗାଯୋଗ କରନ୍ତୁ ।

ଫୋନ୍ ନମ୍ବର
୩୩୭୦୮୭୪୫୫ (ସମ୍ପାଦକ)
୯୦୯୦୮୯୩୭୦୮ (ପ୍ରଧାନଶିକ୍ଷକ)


# ରାଜ୍ୟର ୪୦ ପ୍ରତିଶତ ଅଞ୍ଚଳ ଖୋଲା ମଳମୁକ୍ତ

**ଭୁବନେଶ୍ୱର :** ପଶ୍ଚିମବଙ୍ଗର ନଦିଆ ହେଉଛି ଦେଶର ପ୍ରଥମ ଖୋଲା ମଳମୁକ୍ତ ଜିଲା । ଏ ପର୍ଯ୍ୟନ୍ତ ଏ ରାଜ୍ୟରେ ପ୍ରାୟ ୪ଟି ଜିଲାକୁ ଖୋଲା ମଳମୁକ୍ତ ଜିଲା ଭାବେ ଘୋଷଣା ସରିଲାଣି । ମାତ୍ର ଏହାର ପଡ଼ୋଶୀ ଓଡ଼ିଶାରେ ଏ ପର୍ଯ୍ୟନ୍ତ ଗୋଟିଏ ହେଲେ ଜିଲା ଖୋଲା ମଳମୁକ୍ତ ଜିଲା ଭାବେ ଘୋଷଣା ହୋଇପାରିନି । ରାଜନୈତିକ ଇଚ୍ଛାଶକ୍ତି ଅଭାବ ଓ ପ୍ରଶାସନିକ ସ୍ତରରେ ଏ କାର୍ଯ୍ୟକ୍ରମ ପ୍ରତି ଆନ୍ତରିକତା ଅଭାବରୁ ଓଡ଼ିଶା ଏ କ୍ଷେତ୍ରରେ ପଛରେ ପଡ଼ିଛି । ପ୍ରଥମେ ପାଇଖାନା ପାଇଁ ପଶ୍ଚିମବଙ୍ଗ ସରକାର ସେଠିକାର ଲୋକଙ୍କୁ ପ୍ରୋତ୍ସାହନ ରାଶି ଦେଉଥିଲେ, ସଚେତନ ହେବା ପରେ ଲୋକେ ଏହା ଉପରେ ନିର୍ଭର ନକରି ନିଜେ ପାଇଖାନା ତିଆରି କରୁଛନ୍ତି । ନଦିଆକୁ ଖୋଲାରେ ପ୍ରଥମ ମଳମୁକ୍ତ ଜିଲାରେ ପରିଣତ କରିଥିବା ଜିଲାପାଳ ପିବି ସଲିମ ଏବେ ହୁଗୁଳିରେ ଅନୁରୂପ ଅଭିଯାନ ଚଳାଇଛନ୍ତି । ପଶ୍ଚିମବଙ୍ଗ ସରକାର ଦାବି କରୁଛନ୍ତି ଯେ କେନ୍ଦ୍ର ସରକାର ସ୍ୱଚ୍ଛ ଭାରତ ମିଶନ ଆରମ୍ଭ କରିବାର ବହୁ ପୂର୍ବରୁ ତାଙ୍କ ସରକାର ନିର୍ମଳ ବାଙ୍ଗଲା ଅଭିଯାନ ଜରିଆରେ ଏ ଅଭିଯାନ ଆରମ୍ଭ କରିଥିଲେ । ଚଳିତ ଏପ୍ରିଲ ଶେଷ ସୁଦ୍ଧା ଓଡ଼ିଶାରେ ଦେବଗଡ଼କୁ ପ୍ରଥମ ଖୋଲା ମଳମୁକ୍ତ ଜିଲା ଭାବେ ଘୋଷଣା କରିବାକୁ ଅଭିଯାନ ଚାଲିଛି । ଜନବହୁଳ ଉପକୂଳ ଜିଲାରେ ବି ଏ ଅଭିଯାନ ବେଶୀ ବାଟ ଆଗେଇପାରିନି । ତଥାପି ଉପକୂଳ ଜିଲା ଭିତରେ ସାକ୍ଷର ହାର ଅଧିକ ଥିବା ଜଗତସିଂହପୁର ଜିଲା ଏ ଦିଗରେ ଆଗରେ ଅଛି । ଏଠାରେ ୩୬ପ୍ରତିଶତ ପରିବାର ପାଇଖାନା କରିଛନ୍ତି । ୫ଟି ଗ୍ରାମପଞ୍ଚାୟତକୁ ଖୋଲା ମଳମୁକ୍ତ ଗ୍ରାମରେ ପରିଣତ କରାଯାଇଛି । ଏଥିରେ ସାମିଲ ଅଛି ୧୬୬ଟି ଗାଁ । ରାଢ଼ଙ୍ଗ ପଞ୍ଚାୟତର ପୂଜା ଗାଁ ସମ୍ପୂର୍ଣ୍ଣ ଖୋଲା ମଳମୁକ୍ତ ହେବା ପରେ ସଚେତନତା ଅଭିଯାନ କାରଣରୁ କରଡ଼ା ଗାଁ ବର୍ଷକ ଭିତରେ ଏହି ତାଲିକାରେ ଯୋଡ଼ି ହୋଇଛି । ମିଶନ ନିର୍ମଳ ବାଙ୍ଗଲା ଢ଼ାଞ୍ଚାରେ ପଶ୍ଚିମବଙ୍ଗର ସବୁଠୁ ବଡ଼ ଜିଲା ଦକ୍ଷିଣ ୨୪ପ୍ରଗଣା ଆମାର ଶୌଚାଗାର ଅଭିଯାନ ଜରିଆରେ ଏ ଜିଲାକୁ ଖୋଲାରେ ମଳମୁକ୍ତ କରିବାକୁ ଯେଉଁଭଳି ମଡ଼େଲର ପ୍ରୟୋଗ ହେଉଛି ଓଡ଼ିଶାରେ ବି ତାହାର କିଛି ସମ୍ୟକ ସାମଞ୍ଜସ୍ୟ ରହିଛି । ମାତ୍ର ସଚେତନତା ଅଭାବରୁ କାମ ଆଗେଇପାରୁନି । ପଶ୍ଚିମବଙ୍ଗ ସରକାର ଓ ୟୁନିସେଫ ଦ୍ୱାରା ମିଳିତ ଭାବେ ଆରମ୍ଭ ହୋଇଥିବା ପରିମଳ ଓ ସ୍ୱାସ୍ଥ୍ୟ ସଚେତନତା ଅଭିଯାନକୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ତ୍ୱରାନ୍ୱିତ କରାଯାଇଛି । ଆଶା, ଅଙ୍ଗନବାଡ଼ି କର୍ମୀ, ସ୍କୁଲ ଛାତ୍ର, ଶିକ୍ଷକ, ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନଙ୍କୁ ବ୍ଲକ ଅଧିକାରୀଙ୍କ ସହିତ ସଂଯୋଜିତ କରାଯାଇ ପ୍ରତି ଗାଁରେ ପାରା ନଜରଦାରି କମିଟି ଗଠନ କରାଯାଇ ଏସବୁ କାର୍ଯ୍ୟ ସମ୍ପାଦନ, ତଦାରଖ କରାଯାଉଛି । ଖୋଲାରେ ମଳମୁକ୍ତ ଅଞ୍ଚଳ ଅଭିଯାନରେ ୟୁନିସେଫ ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ବୈଷୟିକ ସହାୟତା ଯୋଗାଇଦେଉଛି । ମାତ୍ର ଓଡ଼ିଶାରେ ସଚେତନତା ଅଭିଯାନ ତ୍ୱରାନ୍ୱିତ ହୋଇପାରୁନି । ରାଜ୍ୟରେ ଏ ପର୍ଯ୍ୟନ୍ତ ୧୪୭ଟି ପଞ୍ଚାୟତକୁ ଓଡ଼ିଏଫ ଘୋଷଣା କରାଯାଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ସଚିବ ମଧୁସୂଦନ ପାଢ଼ୀ କହିଛନ୍ତି ଯେ ୨୦୧୪ରେ ରାଜ୍ୟକୁ ଖୋଲା ମଳମୁକ୍ତ କରିବା ଦିଗରେ ସଫଳତା ହାର ୧୦ପ୍ରତିଶତରେ ସୀମିତ ଥିଲା ଏବେ ତାହା ୪୦ ପ୍ରତିଶତରେ ପହଞ୍ଚିଛି । ହେଲେ ଜାତୀୟ ସ୍ତରରେ ଏହି ହାର ୪୨ରୁ ୬୩ପ୍ରତିଶତକୁ ବଢ଼ିଛି । ୨୦୧୯ ସୁଦ୍ଧା ଲକ୍ଷ୍ୟ ହାସଲ ପାଇଁ ଯୋଜନା ରହିଛି । ମାତ୍ର ଜନସାଧାରଣ ଯେତେବେଳେ ସମ୍ପୂର୍ଣ୍ଣ ସଚେତନ ହେବେ ଏ କାର୍ଯ୍ୟକ୍ରମ ସଫଳ ହେବ ଏ ଦିଗରେ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି । ଚଳିତ ମାସ ଦେବଗଡ଼ ଜିଲାକୁ ପ୍ରଥମ ଖୋଲା ମଳମୁକ୍ତ ଜିଲାରେ ପରିଣତ କରିବାକୁ ଉଦ୍ୟମ ଚାଲିଛି । ଏଠାରେ ଆଉ ୨୦୦୦ପାଇଖାନା ନିର୍ମାଣ ବାକି ଅଛି ।

# ପକ୍ଷୀ ଆତ୍ମହତ୍ୟାର ଗାଁ
# ଜାତିଙ୍ଗା

ଆସାମର ରହସ୍ୟମୟ ଗାଁଟିଏ ଜାତିଙ୍ଗା। ଏହାରି ଭିତରେ ଲୁଚି ରହିଛି ଅନେକ ତଥ୍ୟ। ଏଠି ବି ଲୋକବିଶ୍ୱାସରେ ଲୁଚି ରହିଛି ଅନେକ ରହସ୍ୟ। ଅବଶ୍ୟ ଏହାକୁ ନେଇ ବିଜ୍ଞାନୀମାନେ ଅନେକ ନୂଆ ତଥ୍ୟ ଦେଇ ସାରିଲେଣି। ଆଉ ତାହା ମଧ୍ୟ ଆଲୋଚନା ଆଉ ଚର୍ଚ୍ଚା ହୋଇସାରିଲାଣି, କିନ୍ତୁ ଲୋକବିଶ୍ୱାସ ଯାହାକୁ ତାହା। ଜାତିଙ୍ଗା ଗ୍ରାମବାସୀଙ୍କ ମନଭିତରେ ଏହା କେଉଁଠି କେଉଁଠି ଲୁଚି ରହିଥିବ। ଆସମର ଏହା ଉତ୍ତର କଚର ଜିଲ୍ଲାରେ ଅବସ୍ଥିତ। ଏହି ଗାଁକୁ ନେଇ ରହିଛି ଏକ ଅଜବ ରହସ୍ୟ। କୁହାଯାଏ ଯେ ସେପ୍ଟେମ୍ବର ଠାରୁ ନଭେମ୍ବର ମାସ ପର୍ଯ୍ୟନ୍ତ ଅର୍ଥାତ୍ ବର୍ଷାଋତୁ ସରିବା ବେଳକୁ ଏହି ଗାଁରେ ପକ୍ଷୀମାନେ ସାମୂହିକ ଆତ୍ମହତ୍ୟା କରିଥାନ୍ତି। ତାହା ପୁଣି ଏକ ଅଦୃଶ୍ୟ ଶକ୍ତିର ଇଙ୍ଗିତରେ। ଭାବନ୍ତୁ କେତେ ଅଜବ ରହସ୍ୟ ଇୟେ। ବିଜ୍ଞାନର ଏତେ ଅଗ୍ରଗତି ହୋଇ ସାରିଥିବା ବେଳେ ଏ ପୁଣି କି କଥା। ସତରେ କ'ଣ ଏହା ସମ୍ଭବ! ଅବଶ୍ୟ ଆମେ ଏ ପର୍ଯ୍ୟନ୍ତ ପଶୁ ପକ୍ଷୀମାନଙ୍କର ଭାଷାକୁ ସମ୍ପୂର୍ଣ୍ଣ ବୁଝିପାରୁନାହୁଁ। ଏ ଦିଗରେ ମଣିଷ ପ୍ରତିଦିନ କିଛି ନୂଆ ସନ୍ଧାନ କରୁଛି। ତେବେ ସତରେ ଯଦି ବି ପକ୍ଷୀମାନେ ଆତ୍ମହତ୍ୟା କରୁଥିବେ ତାର କାରଣ କ'ଣ ହୋଇଥାଇପାରେ ଆମେ ଜାଣିବା ସହଜରେ ସମ୍ଭବ ନୁହେଁ। କିନ୍ତୁ ଆମ ଭଳି ଆଧୁନିକ ଯୁଗର ଲୋକଙ୍କ ମନରେ ନିହାତି ପ୍ରଶ୍ନ ଆସିବ ଯେ ଏହା କ'ଣ ସତରେ ସମ୍ଭବ? କୁହାଯାଏ ଯେ ସେପ୍ଟେମ୍ବର ମାସରୁ ନଭେମ୍ବର ମାସ ପର୍ଯ୍ୟନ୍ତ ଆକାଶ ମେଘୁଆ ଆଉ କୁହୁଡ଼ିପୂର୍ଣ୍ଣ ହେବା ମାତ୍ରେ ଜାତିଙ୍ଗା ଗାଁରେ ପକ୍ଷୀ ଆତ୍ମହତ୍ୟା କରିବାର କଥା ଆସେ। ଆଉ ଏହାସହ ଅମାବାସ୍ୟା ତିଥି ହେଲେ ପକ୍ଷୀ ଆତ୍ମହତ୍ୟାର ସଂଖ୍ୟା ବଢିଯାଏ। ଆଉ ଯେତେ ଚାରିଆଡ଼େ ଅନ୍ଧାର ହୋଇଯାଏ। ସେତେବେଳେ ଏଇ ପାହାଡ଼ିଆ ଗାଁରେ ହଜାର ହଜାର ସଂଖ୍ୟକ ପକ୍ଷୀ ପଡ଼ିଥାନ୍ତି। ପାହାଡ଼ ଅଞ୍ଚଳ ହୋଇଥିବାରୁ ଏଠାରେ ଥିବା ଗଛଗୁଡ଼ିକରେ ପକ୍ଷୀଗୁଡ଼ିକ ମାଡ଼ହୋଇ କ୍ଷତାକ୍ତ ଅବସ୍ଥାରେ ପଡ଼ନ୍ତି। ଆଉ ଗ୍ରାମବାସୀମାନେ ଏହାକୁ କୁହନ୍ତି ପକ୍ଷୀମାନେ ଆତ୍ମହତ୍ୟା କରିଛନ୍ତି। ଆଉ ଏ ବିଶ୍ୱାସ ଧିରେ ଧିରେ ପ୍ରଚାରିତ ହୋଇ ପୂରା ଦେଶରେ ପକ୍ଷୀ ଆତ୍ମହତ୍ୟାକୁ ନେଇ ଚର୍ଚ୍ଚାକୁ ଆସିଥିଲା। ଭାବନ୍ତୁ କେତେ ଏ ଚର୍ଚ୍ଚା ଭିତରେ କେତେ ରହସ୍ୟ ଲୁଚି ରହିଛି। ଏ ରହସ୍ୟର ଅନେକ ଖିଅ ଅବଶ୍ୟ ବିଜ୍ଞାନୀ ମଣିଷ ଖୋଜି ପାଇଛି କିନ୍ତୁ ଲୋକବିଶ୍ୱାସରେ ଏବେ ବି ଜାତିଙ୍ଗା ହେଉଛି ପକ୍ଷୀ ଆତ୍ମହତ୍ୟାର ଗାଁ। ଆସମର ଏହି ଗାଁ ଦେଶ ବିଦେଶର ଅନେକ ପକ୍ଷୀ ଗବେଷକମାନଙ୍କୁ ନିଜଆଡ଼କୁ ଆକର୍ଷିତ କରିଛି। ଆସମର ରାଜଧାନୀ ଗୌହାଟୀର ଦକ୍ଷିଣ ଦିଗରେ ପ୍ରାୟ ୩୩୦ କିଲୋମିଟର ଗଲା ପରେ ପଡ଼ିଥାଏ ଏହି ପାହାଡ଼ିଆ ଗାଁ। ଗାଁ'ଟି ପାହାଡ଼ିଆ ଅଞ୍ଚଳରେ ହୋଇଥିବାରୁ ଏହାର ଜଳବାୟୁ ଟିକେ ସାମାନ୍ୟ ଭିନ୍ନ। କିନ୍ତୁ ଏହି ଗାଁ'ଟି ଦିନେ ଏତେବଡ଼ ରହସ୍ୟକୁ ନେଇ ଚର୍ଚ୍ଚାକୁ ଆସିବ ତାହା ସାଧାରଣରେ ବିଶ୍ୱାସ କରିବା ସହଜ ନୁହେଁ। ଗାଁ ଲୋକମାନଙ୍କ ମୁହଁରେ ଏ ରହସ୍ୟ ପ୍ରଚାରିତ ହେବା ପରେ ଅନେକ ପକ୍ଷୀବିଜ୍ଞାନୀ ଏହି ଗାଁକୁ ଆସି ପକ୍ଷୀ ଆତ୍ମହତ୍ୟାର କାରଣ ଖୋଜିଥିଲେ। ଆଉ ଅନେକ ମତ ଦେଇଥିଲେ ଯେ ଗ୍ରାମବାସୀଙ୍କ ପାଇଁ ଏଭଳି ପକ୍ଷୀମୃତ୍ୟୁ ଘଟିଛି। ବର୍ଷାଭିଜା ଅନ୍ଧାର ରାତିରେ ପକ୍ଷୀମାନେ ଦିଗ ନଜାଣି ପାରି ଆଲୋକଆଡ଼କୁ ଆକର୍ଷିତ ହୋଇଥାନ୍ତି। ତା' ସହ କୁହୁଡ଼ି ପାଗ ଆହୁରି ଦିଗହରା କରିଥାଏ ସେମାନଙ୍କୁ। ତେଣୁ ସେମାନେ ଗାଁରେ ଥିବା ବିଭିନ୍ନ ଗଛରେ ପିଟିହୋଇ ତଳେ ପଡ଼ନ୍ତି ଆଉ ତାକୁ ଗ୍ରାମବାସୀମାନେ ପକ୍ଷୀ ଆତ୍ମହତ୍ୟା କହିଥାନ୍ତି। ଭାବନ୍ତୁ ଯଦି ଗବେଷକମାନଙ୍କ କଥା ସତ ହୋଇଯାଏ। ତେବେ ଏହା ପଛରେ ରହସ୍ୟ କିଛିନାହିଁ। ତେବେ ରହସ୍ୟ ସରୁନାହିଁ କାହିଁକି। କ'ଣ ପାଇଁ ଆଜି ବି ଏ ଗାଁର ଲୋକେ ଏହାକୁ ପକ୍ଷୀ ଆତ୍ମହତ୍ୟା ବୋଲି କହୁଛନ୍ତି। ପ୍ରକୃତି ସବୁବେଳେ ରହସ୍ୟମୟ। ଜୀବଜଗତ ମଧ୍ୟ ରହସ୍ୟମୟ। ପକ୍ଷୀମାନଙ୍କର ସାମୂହିକ ଆତ୍ମହତ୍ୟା କଥା ନିହାତି ମଣିଷଙ୍କୁ ଆଶ୍ଚର୍ଯ୍ୟ କରିବ। କିନ୍ତୁ ସେପ୍ଟମ୍ବରରୁ ନଭେମ୍ବର ମାସରେ କେବଳ ଏକ ନିର୍ଦ୍ଦିଷ୍ଟ ସମୟରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥାଏ। ସନ୍ଧ୍ୟା ୬ଟାରୁ ରାତି ପ୍ରାୟ ସାଢ଼େ ୯ଟା ଭିତରେ କାହିଁକି ଏପରି ହୁଏ। ଏହି ଗାଁରେ ରହୁଥିବା ଅଧିବାସୀ ପ୍ରଥମେ ଏହାକୁ ପ୍ରକୃତିର ରହସ୍ୟ ବୋଲି ଧରି ନେଇଥିଲେ। ଆଉ ଆଜି ବି ଏ ବିଶ୍ୱାସ ଗ୍ରାମବାସୀଙ୍କ ମନଭିତରେ ଲୁଚି ରହିଥାଏପାରେ। ଏହି ଗାଁର ଲୋକ ସଂଖ୍ୟା ୨୫୦୦ ପାଖାପାଖି ହେବ। ଆଉ ଏହି ଗାଁରେ ବିଶେଷକରି ଖାସି, ପନାର ଜନଜାତି ଓ କିଛି ଡିମାସା ଲୋକ ବସବାସ କରିଥାନ୍ତି। ୧୯୬୦ ମସିହା ବେଳକୁ ଏ ରହସ୍ୟମୟ ଘଟଣା ଉପରୁ ପର୍ଦ୍ଦା ଉଠାଇବା ପାଇଁ ଚେଷ୍ଟା କରାଯାଇଥିଲା। ଆଉ ଏହି ଗବେଷଣାରୁ ଜଣାପଡ଼ିଥିଲା ଯେ ବିଶେଷକରି ପକ୍ଷୀଶାବକମାନେ ହିଁ ଏଭଳି ଘଟଣାର ଅଧିକ ଶିକାର ହେଉଛନ୍ତି। କିନ୍ତୁ ଏ ରହସ୍ୟମୟ ଘଟଣା ୧୯୬୦ ମସିହା ବେଳକୁ ମଧ୍ୟ ବିଦେଶର ପକ୍ଷୀ ଗବେଷକମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଆଉସବୁ ଗବେଷକମାନେ ଏହାକୁ ପକ୍ଷୀ ଆତ୍ମହତ୍ୟା ବୋଲି ଗ୍ରହଣ କରିନାହାନ୍ତି। କିନ୍ତୁ ଜାତିଙ୍ଗା ଗ୍ରାମବାସୀମାନେ ଏ ରହସ୍ୟକୁ ସହଜରେ ଛାଡ଼ିପାରୁ ନାହାନ୍ତି।


© AP






ଉପସ୍ଥାପନା : ଜାହ୍ନବୀସୁତ

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶାସନ ...

ଜାତିବାଦ, ତୁଷ୍ଟିକରଣ ଏବଂ ପରିବାରବାଦକୁ ନେଇ ସଫଳତାର ସ୍ୱପ୍ନ ଦେଖୁଥିବା ନେତାମାନଙ୍କ ସ୍ୱପ୍ନ ସରିଯାଇଥିବା ଉତ୍ତରପ୍ରଦେଶ ନିର୍ବାଚନରୁ ସ୍ପଷ୍ଟ ହୋଇଛି। ଓଡ଼ିଶାର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଆମେ ଚାରିଟି ରାଜ୍ୟରେ ସରକାର ଗଢ଼ିବାରେ ସଫଳ ହୋଇଛୁ। ତେଣୁ ଦେଶର ସବୁ ରାଜ୍ୟରେ ବିଜେପି ସରକାର ଗଢ଼ିବାକୁ ଲକ୍ଷ୍ୟ ରଖିଛି ବୋଲି କହିଥିଲେ ଅମିତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମ ଭାରତ ବିକାଶ ସହ ପୂର୍ବ ଭାରତର ସମତୁଲ ବିକାଶ ଉପରେ ସର୍ବଦା ଗୁରୁତ୍ୱ ଦେଇ ଆସିଛନ୍ତି। ପୂର୍ବୋତ୍ତର ରାଜ୍ୟ ଆସାମ ଓ ମଣିପୁରରେ ଏହାର ଆରମ୍ଭ ହୋଇସାରିଛି। ଏବେ ଓଡ଼ିଶା, ବିହାର, ପଶ୍ଚିମବଙ୍ଗ, ତ୍ରିପୁରା ପରି ରାଜ୍ୟ ଗୁଡିକ ଉପରେ ଦୃଷ୍ଟିନିବଦ୍ଧ କରିଛି ବିଜେପି। ଦେଶରେ ଅନେକ ରାଜ୍ୟ ରହିଛି ଯେଉଁଠାରେ ବିଜେପିର ଶାସନ ନାହିଁ। ଏମିତି ସମୟ ଆସିବ ଭାରତର ସବୁରାଜ୍ୟରେ ବିଜେପି ସରକାର ଗଢ଼ିବ। ପଞ୍ଚାୟତ ଠାରୁ ସଂସଦ ପର୍ଯ୍ୟନ୍ତ ସବୁଠାରେ ବିଜେପିର ପ୍ରତିନିଧିତ୍ୱ ରହିଲେ ହିଁ ଦେଶ ସର୍ବାଙ୍ଗୀନ ବିକାଶ ହୋଇପାରିବ। ଏହିକ୍ରମରେ ଏକ ନମ୍ବର ଏଜେଣ୍ଡାରେ ଓଡ଼ିଶା ରହିଥିବା କଥା କହିଛନ୍ତି ଅମିତ। ଓଡ଼ିଶା ଦଖଲ ଲାଗି ଏବେଠାରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହାର ପ୍ରୟୋଗଶାଳା ହୋଇପାରିଛି ଓଡ଼ିଶା। ତେଣୁ ଓଡ଼ିଶାବାସୀ ଆଗକୁ ଦେଶର ବିକାଶଧାରାରେ ନିଜକୁ ସାମିଲ କରିପାରିଲେ ଏହା ଅନାୟସରେ ସମ୍ଭବ ହୋଇପାରିବ। ଏଥିସହ ଅମିତ ଦମ୍ଭୋକ୍ତି କରିଛନ୍ତି ଯେ ୨୦୧୯ରେ ଓଡ଼ିଶାରେ ଆମେ ଶାସନ କରିବୁ। ଯେହେତୁ ଓଡ଼ିଆଙ୍କ ସ୍ୱପ୍ନ ପୂରଣ କରିବାରେ ନବୀନ ସରକାର ବିଫଳ ହୋଇଛି, ରାଜ୍ୟବାସୀଙ୍କ ନିକଟରେ ନବୀନ ପଟ୍ଟନାୟକଙ୍କ ଶାସନର ଦୁର୍ବଳତା ଧରାପଡିଯାଇଛି। ବିଜେପି ହିଁ ଓଡ଼ିଶାବାସୀଙ୍କ ସ୍ୱପ୍ନ ପୂରଣ କରିପାରିବ ବୋଲି କହିଛନ୍ତି ଶ୍ରୀ ଶାହା।

### ଶ୍ରୀଲିଙ୍ଗରାଜଙ୍କୁ ...

ତାଙ୍କ ପାଇଁ ମନ୍ଦିରରେ ବିଶେଷ ପୂଜା କରାଯାଇଥିଲା। ତେବେ ମୋଦିଙ୍କୁ ଦେଖିବାକୁ ମନ୍ଦିର ପରିସରରେ ସାଧାରଣ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା। ମୋଦି ବି କାହାରିକୁ ନିରାଶ କରି ନଥିଲେ। ଲୋକଙ୍କୁ ଦେଖି ସେ ହାତ ହଲାଇଥିଲେ ଓ ନମସ୍କାର ମଧ୍ୟ କରି ସେମାନଙ୍କ ଅଭିବାଦନ ଗ୍ରହଣ କରିଥିଲେ।

ସ୍ୱାଧୀନତା ପରେ ଦେଶର ପ୍ରଧାନମନ୍ତ୍ରୀ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିବା ଏହା ହେଉଛି ଦ୍ୱିତୀୟ ଘଟଣା। ପୂର୍ବରୁ କେବଳ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଲିଙ୍ଗରାଜଙ୍କ ଦର୍ଶନ ପାଇଁ ଆସିଥିଲେ। ଏଣୁ ଓଡ଼ିଶା ପାଇଁ ଏହା ଏକ ସ୍ମରଣୀୟ ଘଟଣା। ପ୍ରଧାନମନ୍ତ୍ରୀଙ୍କ ଦର୍ଶନ ସମୟରେ ଶ୍ରୀଲିଙ୍ଗରାଜଙ୍କ ସୀମିତ ସଂଖ୍ୟକ ସେବାୟତ ମନ୍ଦିର ଭିତରେ ରହିଥିଲେ। ମୋଦି ଶ୍ରୀଲିଙ୍ଗରାଜ ମନ୍ଦିର ପ୍ରବେଶ ପୂର୍ବରୁ କୌଣସି ଭକ୍ତଙ୍କୁ ମନ୍ଦିର ଭିତରକୁ ଛଡ଼ାଯାଇ ନ ଥିଲା। ମୋଦି ମନ୍ଦିରକୁ ପ୍ରବେଶ କରିବାଠାରୁ ବହାରିବା ପର୍ଯ୍ୟନ୍ତ କଡ଼ାସୁରକ୍ଷା ଗ୍ରହଣ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଲିଙ୍ଗରାଜ ମନ୍ଦିରରୁ ପୂଜା ସାରି ଫେରିବା ସମୟରେ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସିଦ୍ଧ କୋରାଖଇ ଓ ମହାସୁଆରଙ୍କ ଦ୍ୱାରା ପ୍ରସ୍ତୁତ କୋଠଭୋଗ ସହିତ ଶ୍ରୀଲିଙ୍ଗରାଜଙ୍କ ଦାମୋଦର ବେଶର ଏକ ଫଟୋ ସମ୍ବର୍ଦ୍ଧନା ସ୍ୱରୂପ ପ୍ରଦାନ କରାଯାଇଥିଲା।

ପ୍ରଧାନମନ୍ତ୍ରୀ ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ମାଉସୀମା' ମନ୍ଦିରଠାରୁ ରଥଦାଣ୍ଡ ଦେଇ ଶ୍ରୀଲିଙ୍ଗରାଜ ମନ୍ଦିରରେ ପହଞ୍ଚିଥିଲେ। ମୋଦିଙ୍କ ଦର୍ଶନ ପୂର୍ବରୁ ମନ୍ଦିର ଗର୍ଭଗୃହରେ ଥିବା ତାରଜାଲିକୁ ମରାମତି କରାଯାଇଥିଲା। ସୁରକ୍ଷା ଦୃଷ୍ଟିରୁ ମନ୍ଦିର ସମ୍ମୁଖରେ ଥିବା ଉଠାଦୋକାନୀଙ୍କ ସମେତ ସମସ୍ତ ଭିକ୍ଷୁକଙ୍କୁ ହଟାଇ ଦିଆଯାଇଥିଲା। ସୂଚନାଯୋଗ୍ୟ ଯେ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ବ୍ୟତୀତ ଭାରତର ବିଶିଷ୍ଟ ବ୍ୟକ୍ତି ଭାବରେ ୧୯୫୪ ମସିହାରେ କେନ୍ଦ୍ର ରେଳମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀ, ୧୯୬୦ରେ ରାଷ୍ଟ୍ରପତି ଭି.ଭି. ଗିରି, ୧୯୮୩ରେ ରାଷ୍ଟ୍ରପତି ଜ୍ଞାନୀ ଜୈଲସିଂହ, ୧୯୮୫ରେ ଉପରାଷ୍ଟ୍ରପତି ଆର. ଭେଙ୍କଟରମଣ, ୨୦୦୬ରେ ଉପରାଷ୍ଟ୍ରପତି ଭୈରବ ସିଂହ ଶେଖାୱତ, ୧୯୯୨ରେ କେନ୍ଦ୍ରମନ୍ତ୍ରୀ ମୁରଲୀ ମନୋହର ଯୋଶୀ, ୧୯୯୫ରେ କେନ୍ଦ୍ରମନ୍ତ୍ରୀ ଲାଲକୃଷ୍ଣ ଆଡ଼ଭାନୀ ଏବଂ ୨୦୧୫ରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହା ପ୍ରମୁଖ ପ୍ରଭୁ ଲିଙ୍ଗରାଜଙ୍କୁ ଦର୍ଶନ କରିଥିଲେ। ହେଲେ ଦେଶର କୌଣସି ପ୍ରଧାନମନ୍ତ୍ରୀ ଏଯାବତ୍ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିପାରି ନାହାନ୍ତି। ସୂଚନାଯୋଗ୍ୟ, ସଫାସୁତରାକୁ ନରେନ୍ଦ୍ର ମୋଦି କେତେ ଭଲ ପାଆନ୍ତି ତାହା ତ ସମସ୍ତେ ଜାଣନ୍ତି। ସେଥିପାଇଁ ମୋଦି ଦେଶରେ ଆରମ୍ଭ କରିଛନ୍ତି ସ୍ୱଚ୍ଛ ଭାରତ ଅଭିଯାନ। ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ ପାଇଁ ଆସିଥିବା ବେଳେ ସେ ମଧ୍ୟ ଉଠାଇଥିଲେ ସ୍ୱଚ୍ଛତାର କଥା। ଜଣେ ସେବାୟତଙ୍କ କହିବା ଅନୁଯାୟୀ ମନ୍ଦିର ପରିସରର ସ୍ୱଚ୍ଛତା ପ୍ରଧାନମନ୍ତ୍ରୀଙ୍କ ମନକୁ ପାଇଥିଲା। ଏଥିପାଇଁ ସେ ଖୁସି ପ୍ରକଟ କରିଥିଲେ। ତେବେ ପ୍ରଧାନମନ୍ତ୍ରୀ ପଚାରିଥିଲେ ଯେ ସେ ଆସିଛନ୍ତି ବୋଲି ମନ୍ଦିର ଏମିତି ସଫା ରହିଛି ନା ସବୁଦିନ ଏଭଳି ସଫା ରହେ! ମନ୍ଦିର ପରିସରର ସବୁଦିନେ ଏମିତି ସଫା ରହେ ବୋଲି ତାଙ୍କୁ କୁହାଯାଇଥିଲା। ଆଗାମୀ ୨୦ ବର୍ଷ ପର୍ଯ୍ୟନ୍ତ ଯେମିତି ମନ୍ଦିର ଏମିତି ସଫା ରହିବ ସେ ନେଇ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ ବୋଲି କହିଛନ୍ତି ଏହି ସେବାୟତ।

### ବିଦ୍ୟାଳୟରେ ...

କୌଣସି କାରଣରୁ ଏହା ହଜିଗଲେ କିମ୍ବା ନଷ୍ଟ ହୋଇଗଲେ ଏହାର ନକଲ ସହଜରେ ଉପଲବ୍ଧ ହୋଇପାରିବ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଏହି ନିଷ୍ପତ୍ତି କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପଞ୍ଚମ ଶ୍ରେଣୀରେ ପଢୁଥିବା ଏହି ବର୍ଗର ଛାତ୍ରଛାତ୍ରୀ ଯେଉଁମାନଙ୍କ ପାଖରେ ଜାତିଗତ ପ୍ରମାଣପତ୍ର ନାହିଁ ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ସରକାରଙ୍କ ପକ୍ଷରୁ ସ୍ଥାୟୀ ଜାତିଗତ ପ୍ରମାଣପତ୍ର ଯୋଗାଇ ଦିଆଯିବ। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ପଞ୍ଚମ ଶ୍ରେଣୀରେ ପଢୁଥିବା ୨୦ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପକୃତ ହେବେ। ଏହି ନିଷ୍ପତ୍ତିକୁ ସଠିକ୍ କାର୍ଯ୍ୟକାରୀ କରିବା ନିମନ୍ତେ ରାଜ୍ୟ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଏକ ଚିଠା ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିଛନ୍ତି। ପଞ୍ଚମ ଶ୍ରେଣୀ ଅଥବା ତା' ଉପର ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ମଧ୍ୟ ଏହି ଜାତିଗତ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି। ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଛାତ୍ରଛାତ୍ରୀ କିମ୍ବା ସେମାନଙ୍କ ଅଭିଭାବକଙ୍କୁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ଯୋଗାଇ ଦେବା ସହ ସେମାନଙ୍କୁ ଏହି ଦରଖାସ୍ତ ପୂରଣ କରିବାରେ ସାହାଯ୍ୟ କରିବେ। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଓ ଜିଲା ଶିକ୍ଷାଧିକାରୀମାନେ ଏହି ପୂରଣ କରାଯାଇଥିବା ଦରଖାସ୍ତ ଫର୍ମକୁ ସେମାନଙ୍କ ଅଧୀନରେ ଥିବା ବିଦ୍ୟାଳୟଗୁଡ଼ିକରୁ ସଂଗ୍ରହ କରିବେ। ଏହି ଅଧିକାରୀମାନେ ଦରଖାସ୍ତଗୁଡ଼ିକୁ ନିୟମ ଅନୁଯାୟୀ ବିବେଚନା କରିବା ନିମନ୍ତେ ସମ୍ପୃକ୍ତ ତହସିଲ କାର୍ଯ୍ୟାଳୟରେ ଦାଖଲ କରିବେ। ତହସିଲଦାରମାନେ ଯୋଗ୍ୟ ବିବେଚିତ ଦରଖାସ୍ତ ବିଚାରକୁ ନେଇ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଛାତ୍ରଛାତ୍ରୀଙ୍କୁ ଜାତିଗତ ପ୍ରମାଣପତ୍ର ପ୍ରଦାନ କରିବେ। ବିଦ୍ୟାଳୟର ପ୍ରଧାନଶିକ୍ଷକମାନେ ଏହି ପ୍ରମାଣପତ୍ର ବଣ୍ଟନ କରିବାର ଉତ୍ତରଦାୟିତ୍ୱ ବହନ କରିବେ। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହି ସବୁ ପ୍ରକ୍ରିୟା 'ମିଶନ ମୋଡ଼'ରେ ସମାପନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସମସ୍ତ ଶିକ୍ଷାନୁଷ୍ଠାନ ଓ ନିଯୁକ୍ତି ପ୍ରଦାନକାରୀ ସଂସ୍ଥାଙ୍କୁ ସଦ୍ୟ ଜାତିଗତ ପ୍ରମାଣପତ୍ର ଉପରେ ଗୁରୁତ୍ୱ ନଦେବା ପାଇଁ ନିର୍ଦ୍ଦେଶନାମା ଜାରି କରାଯିବ।

### ସୋସିଆଲ ...

ସେଭଳି ହୋଇପାରିଲେ ଭିତ୍ତିହୀନ ଓ ଉଦ୍ଦେଶ୍ୟ ପ୍ରଣୋଦିତ ଭାବରେ ଯେଉଁମାନେ ଏଭଳି କରୁଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ। ଯଦିଓ ପୋଲିସ ପାଖରେ ଏଥିପାଇଁ ଯଥେଷ୍ଟ କ୍ଷମତା ମଧ୍ୟ ରହିଛି ତଥାପି ଏଭଳି ସମସ୍ୟାରୁ ମୁକ୍ତି ଦେବା ପାଇଁ ପୋଲିସ ସେଭଳି ଆଖିଦୃଶିଆ ପଦକ୍ଷେପ ନ ନେବାରୁ ଧୀରେ ଧୀରେ ଏଭଳି ଘଟଣା ବ୍ୟାପି ଚାଲିଛି। ଏହା କେବଳ ଆମ ଦେଶ ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ଏବେ ଫେକ୍ ପୋଷ୍ଟ କରୁଥିବା ଲୋକଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଛି। ଏ ଦିଗରେ ବୈଷୟିକ ଓ ଦାର୍ଶନିକ ଦୃଷ୍ଟିଭଙ୍ଗୀକୁ ନେଇ ଏହାର ବିଚାର ଆଲୋଚନା କରା ନ ଗଲେ ଭଦ୍ରକରେ ଘଟିଥିବା ସାଂଘାତିକ ଘଟଣା ଭଳି ରାଜ୍ୟରେ ଅନେକ ଘଟଣା ଘଟିବାର ଆଶଙ୍କା ମଧ୍ୟ ରହିଛି। ତେଣୁ ସରକାର, ସୋସିଆଲ ମିଡିଆ ଅପରେଟର ଓ ବୈଷୟିକ ବିଷାରଦମାନେ ଏ ଦିଗରେ ଆଗକୁ ଅଧିକ କିଛି ଚିନ୍ତା କରି ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ସୋସିଆଲ ମିଡିଆରେ ସ୍ୱଚ୍ଛତା ଆଣିବା ଦିଗରେ ନୂଆ ଆଇନର କାର୍ଯ୍ୟକାରିତା ପ୍ରସଙ୍ଗରେ ମଧ୍ୟ ସାଧାରଣରେ ଆଲୋଚନା ହେଉଛି। ତେବେ ଭଦ୍ରକ ହିଂସାକାଣ୍ଡ ଘଟଣାରେ କେବଳ ଯେ ସୋସିଆଲ ମିଡିଆ ଦାୟୀ କହିବା ପ୍ରାସଙ୍ଗିକ ହେବନାହିଁ। ଏହା ଏକ ରାଜନୈତିକ ହିଂସାକାଣ୍ଡ ଭାବେ ଏବେ ବାହାରକୁ ଜଣାପଡିଛି। ଘଟଣାକୁ ଦଙ୍ଗାର ରୂପ ଦେବାରେ ସ୍ଥାନୀୟ ବିଧାୟକ ଏବଂ ଅନ୍ୟ କିଛି ରାଜନେତା ସମର୍ଥନ କରିଥିବା ଚର୍ଚ୍ଚା ଜୋର ଧରିଛି। ବିଧାୟକ ଯୁଗଳ କିଶୋର ପଟ୍ଟନାୟକ ଏବଂ ତାଙ୍କ ପୁତ୍ର ବୁଲୁ ପଟ୍ଟନାୟକଙ୍କ ଭୂମିକା ଏବେ ସନ୍ଦେହଘେରରେ। ଯଦିଓ ନୂଆଦିଲ୍ଲୀ ଗସ୍ତରୁ ଫେରି ମୁଖ୍ୟମନ୍ତ୍ରୀ ଭଦ୍ରକର ଦଙ୍ଗାଗ୍ରସ୍ତ ଅଞ୍ଚଳ ବୁଲି ଦେଖିବା ସହ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ କ୍ଷତିଗ୍ରସ୍ତ ଲୋକଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦେବା ପାଇଁ କ୍ଷୟକ୍ଷତିର ଆକଳନ ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପରେ ବିଜେପି ରାଜ୍ୟ ସଭାପତି ବସନ୍ତ ପଣ୍ଡା ଏବଂ କଂଗ୍ରେସର ରାଜ୍ୟ ସଭାପତି ପ୍ରସାଦ ହରିଚନ୍ଦନଙ୍କ ସହ ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ ମଧ୍ୟ ଘଟଣାସ୍ଥଳକୁ ଯାଇ ଲୋକଙ୍କ ସୁଖଦୁଃଖ ବୁଝିଛନ୍ତି। ଏବେ ଭଦ୍ରକର ପରିସ୍ଥିତି ଶାନ୍ତ ରହିଥିବା ଓ ସାଧାରଣ ଜୀବନଯାତ୍ରା ସ୍ୱାଭାବିକ ଥିବା ଜଣାପଡିଛି।

ସୂଚନାଯୋଗ୍ୟ, ଭଦ୍ରକ ଘଟଣାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ଯୁବକ ସୋସିଆଲ ମିଡିଆରେ ହିନ୍ଦୁ ଦେବ-ଦେବୀଙ୍କ ଫଟୋରେ ଖରାପ ଟିପ୍ପଣୀ ଦେବାକୁ ନେଇ ଏହି ହିଂସାକାଣ୍ଡ ଘଟିଥିଲା। ପରେ ଗୋଟିଏ ଗୋଷ୍ଠୀ ପୋଡ଼ାଜଳା, ଥାନା ଘେରାଉ କରିବା ସହିତ ଏହି ପୋଷ୍ଟ କରିଥିବା ଦୋଷୀକୁ ଧରିବା ପାଇଁ ପୋଲିସ ନିକଟରେ ଜିଦ୍ କରିଥିଲେ। ସେହି ସମୟରେ ଉଭୟ ସଂପ୍ରଦାୟର କିଛି ବ୍ୟକ୍ତି ସୋସିଆଲ ମିଡିଆରେ ଉତ୍ତେଜକ ମନ୍ତବ୍ୟ ଦେଇ ହିଂସାକୁ ଉସୁକାଇଥିବା ଜଣାପଡିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇ ଏଥିରେ ସମ୍ପୃକ୍ତ ଅଧିକାଂଶଙ୍କୁ ଗିରଫ କରାଯାଇଛି। ପ୍ରଥମ ଦିନର ହିଂସାକାଣ୍ଡ ପରେ ଖୋଦ୍ ପୋଲିସ ଡିଜିଙ୍କ ସହ ପ୍ରଶାସନର ବହୁ ବରିଷ୍ଠ ଅଧିକାରୀମାନେ ହିଂସା ରୋକିବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲେ। ପରିସ୍ଥିତି ଶାନ୍ତ ପଡ଼ିଯିବା ପରେ ପୁନର୍ବାର ସଂଖ୍ୟାଲଘୁ ସମ୍ପ୍ରଦାୟ ପକ୍ଷରୁ ଏକ ବିଶାଳ ବାଇକ୍ ର୍ୟାଲି କରାଯିବା ପରେ ପୁଣି ପରିସ୍ଥିତି ଜଟିଳ ହୋଇଯାଇଥିଲା। ଏଭଳି ସମ୍ବେଦନଶୀଳ ଘଟଣା ପଛରେ ରାଜନୀତି ନା ଷଡ଼ଯନ୍ତ୍ର ରହିଛି ତାହା ଏବେ ରାଜ୍ୟବାସୀ ଚର୍ଚ୍ଚା କରୁଛନ୍ତି।

## ବିଜୟଙ୍କ ଫୁଲତୋଡ଼ାକୁ ନେଇ ଚର୍ଚ୍ଚା



ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ୱାଗତ ଜଣାଇବାକୁ ଯାଇଥିବା ଦଳର ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କଠାରୁ ଫୁଲ ତୋଡା ଗ୍ରହଣ ନ କରିବାକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା। ବିଜୟଙ୍କଠାରୁ ମୋଦି ଇଚ୍ଛାକୃତ ଭାବରେ ଫୁଲତୋଡା ନ ନେଇ ନିଜର ଅସନ୍ତୋଷର ପରିପ୍ରକାଶ କରିଛନ୍ତି ନା ଏହା ଅନିଚ୍ଛାକୃତ ଥିଲା ତାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଗତ କିଛିଦିନ ହେଲା କାର୍ଯ୍ୟକାରିଣୀ ପ୍ରସ୍ତୁତି ସମୟରେ ଦଳର ସବୁନେତାଙ୍କୁ ଦେଖିବାକୁ ମିଳୁଥିବା ବେଳେ ବିଜୟ ଓ ଦିଲୀପଙ୍କୁ ଦେଖିବାକୁ ମିଳିନଥିଲା। ସେହିପରି ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହାଙ୍କୁ ସ୍ୱାଗତ କରିବାକୁ ଦଳର ନେତାମାନେ ଭିଡ ଜମାଇଥିବା ବେଳେ ବିଜୟ ବା ଦିଲ୍ଲୀପଙ୍କୁ କେହି ଦେଖି ନଥିଲେ। ମାତ୍ର ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇବା ପାଇଁ ଉଭୟ ବିମାନବନ୍ଦରରେ ପହଞ୍ଚିଥିଲେ। ବିମାନରୁ ଓହ୍ଲାଇ ଜଣକପରେ ଜଣେ ସମସ୍ତଙ୍କ ସହ ପ୍ରଧାନମନ୍ତ୍ରୀ କରମର୍ଦ୍ଦନ କରିଥିଲେ। ବିଜୟଙ୍କ ନମସ୍କାର ମୁଦ୍ରାକୁ ଦୁଇ ହାତରେ ଧରି କିଛି ସେକେଣ୍ଡ ତାଙ୍କ ସହ କଥା ହୋଇଥିଲେ, ମାତ୍ର ହାତରୁ ଫୁଲତୋଡା ନେଇ ନଥିଲେ।

## ତୁଟୁନି ମହାନଦୀ ବିବାଦ

# ଓଡ଼ିଶା ଉପରେ ଦୋଷ ଲଦିଲେ ଉମା

**ପୁରୀ/ଭୁବନେଶ୍ୱର :** ମହାନଦୀ ବିବାଦର ସମାଧାନ ପାଇଁ ଓଡ଼ିଶା ସରକାର ସହଯୋଗ କରୁନାହାନ୍ତି। ନଦୀ ସଂଯୋଗୀକରଣ ଯୋଜନାକୁ ଓଡ଼ିଶା ଓ ପଶ୍ଚିମବଙ୍ଗ ବିରୋଧ କରୁଥିବା କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ଉମା ଭାରତୀ ପ୍ରକାଶ କରିଛନ୍ତି। ଶନିବାର ପୁରୀରେ ସେ ଗଣମାଧ୍ୟମକୁ କହିଲେ ମହାନଦୀ ସହ ତ୍ରିସ୍ତା ଏବଂ ଗଙ୍ଗା ସଂଯୋଗ କରାଯିବ। ଏହାପରେ ମହାନଦୀର ଉଦ୍‌ବୃତ୍ତ ଜଳ ଗୋଦାବରୀକୁ ଛଡାଯିବ। ରାଜ୍ୟ ସରକାର ଏଥିନେଇ କେନ୍ଦ୍ର ବିରୋଧରେ ଅପପ୍ରଚାର ଚଳାଇଛନ୍ତି। ମହାନଦୀ କିମ୍ବା ତାକୁ ସଂଯୋଗ କରିଥିବା ଶାଖାନଦୀ ଗୁଡିକୁ ଶୁଖିବାକୁ ଦିଆଯିବ ନାହିଁ। ନଦୀ ସଂଯୋଗୀକରଣ ଦ୍ୱାରା ଓଡ଼ିଶା ଲାଭବାନ୍ ହେବ। ମହାନଦୀ ଉପରେ ନିର୍ଭର କରୁଥିବା ଲୋକେ ଆବଶ୍ୟକତା ଅନୁଯାୟୀ ଜଳସେଚନ ଓ ପାନୀୟଜଳ ପାଇବେ। ଓଡ଼ିଶା ପ୍ରତି ଅବିଚାର ହେବାକୁ ଦିଆଯିବ ନାହିଁ। ରାଜ୍ୟ ସରକାରଙ୍କ ସହମତିରେ ବିବାଦର ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ତାଙ୍କୁ ପରାମର୍ଶ ଦେଇଥିବା ଉମା କହିଛନ୍ତି। ମହାନଦୀ ଏକ ବଡ଼ ପ୍ରସଙ୍ଗ ନୁହେଁ ଏହାକୁ ଅଯଥାରେ ପ୍ରସଙ୍ଗ କରାଯାଉଛି। ଗତ ପଞ୍ଚାୟତ ନିର୍ବାଚନରେ ଏହାକୁ ପ୍ରମୁଖ ପ୍ରସଙ୍ଗ କରି ଓଡ଼ିଶା ସରକାର ଫାଇଦା ହାସଲ କରିବାକୁ ଉଦ୍ୟମ କରିଥିଲେ, ମାତ୍ର ଏ ବିଷୟରେ ଓଡ଼ିଶାର ଲୋକ ଠିକ ବୁଝିଛନ୍ତି। ମହାନଦୀ ପ୍ରସଙ୍ଗରେ ଆଲୋଚନା ପାଇଁ ମୁଁ ସର୍ବଦା ପ୍ରସ୍ତୁତ ଅଛି। ଏହା କହିଛନ୍ତି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ରମଣ ସିଂହ। ବିଜେପି ଜାତୀୟ କାର୍ଯ୍ୟକାରିଣୀରେ ଯୋଗଦେବାକୁ ଆସିଥିବା ରମଣଙ୍କୁ ବିମାନବନ୍ଦରଠାରେ ସାମ୍ବାଦିକମାନେ ମହାନଦୀ ବିବାଦର ସମାଧାନ ଉପରେ ପ୍ରଶ୍ନ କରିବାରୁ ସେ ଏହା କହିଥିଲେ। ଏହି ପରିପ୍ରେକ୍ଷୀରେ ସେ କହିଥିଲେ ଯେ ଓଡ଼ିଶା ସରକାର ଏଥିରୁ ରାଜନୈତିକ ଫାଇଦା ଉଠାଇବାକୁ ଯେଉଁ ଉଦ୍ୟମ କରୁଛନ୍ତି ତାହା କାମ ଦେବନି। ବିଜେପି ଏଠାରେ ତାହାର ସଙ୍ଗଠନ ମଜଭୁତ କରିବାକୁ ଉଦ୍ୟମ କରିବ। ତେବେ ରମଣଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ ସେ ଯାହା କହିଛନ୍ତି ତାହ ଠିକ ନୁହେଁ। ପୂର୍ବରୁ କେନ୍ଦ୍ର ମନ୍ତ୍ରୀ ଉମା ଭାରତୀ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ରମଣ ସିଂହଙ୍କ ସହ ଏ ବିଷୟରେ ବୈଠକ ହୋଇଛି, କିନ୍ତୁ ଏ ବୈଠକ ସଫଳ ହୋଇନାହିଁ। ବୈଠକ ସମୟରେ ମହାନଦୀ ପ୍ରସଙ୍ଗରେ ଆଲୋଚନା ପାଇଁ ଛତିଶଗଡ଼ ସରକାର ଆଦୌ ସହଯୋଗ କରି ନଥିଲେ ବୋଲି ଶ୍ରୀ ପଟ୍ଟନାୟକ ପାଲଟା ଅଭିଯୋଗ କରିଥିଲେ।

ଅନ୍ୟପକ୍ଷରେ ବିଜେପି କାର୍ଯ୍ୟକାରିଣୀରେ ଯୋଗଦେବାକୁ ଆସିଥିବା କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀ ଉମା ଭାରତୀ ପୁରୀରେ ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ସାରି ଫେରିବାବେଳେ ସେଠାରେ ସାମ୍ବାଦିକମାନଙ୍କୁ କହିଥିଲେ ଯେ ମହାନଦୀ ପ୍ରସଙ୍ଗରେ ଓଡ଼ିଶା ସରକାର ସୁପ୍ରିମ କୋର୍ଟକୁ ଯାଇଛନ୍ତି। ଏ ପ୍ରସଙ୍ଗରେ ସେ କିଛି କହିବେ ନାହିଁ। କେନ୍ଦ୍ର ଯୋଜନା ଅନୁଯାୟୀ ତିସ୍ତା ନଦୀ ଜଳ ମହାନଦୀକୁ ଆସିଥାନ୍ତା। ମହାନଦୀର ଜଳ ବଢ଼ିଥିଲେ ବଳକା ଜଳ ଗୋଦାବରୀକୁ ଛଡ଼ାଯାଇଥାନ୍ତା। ଏହି ଯୋଜନା ଦ୍ୱାରା ମହାନଦୀର ଜଳ ସମସ୍ୟା ରହି ନଥାନ୍ତା।

ପୁରୀ ଭୂତଳଜଳ ଅଞ୍ଚଳର ସୁରକ୍ଷା ସମ୍ପର୍କରେ ସେ କହିଲେ ଖୁବ୍‌ଶୀଘ୍ର କେନ୍ଦ୍ର ଭୂତଳ ଜଳ ବୋର୍ଡ ଏଥିନେଇ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ କରିବ। ପୁରୀ ସହରକୁ ଜଳଯୋଗାଣ ପାଇଁ ବ୍ରିଟିଶ ସରକାରଙ୍କ ସମୟରୁ ଅଧିଗ୍ରହଣ କରାଯାଇଥିବା ଜମି ବେଆଇନ ଭାବେ ରାଜ୍ୟ ସରକାର କିଛି ବିଲ୍‌ଡର ଓ ହୋଟେଲ ମାଲିକଙ୍କୁ ହସ୍ତାନ୍ତର କରିଛନ୍ତି। ପୁରୀ ଦେଶର ପ୍ରମୁଖ ପର୍ଯ୍ୟଟନକ୍ଷେତ୍ର ହୋଇଥିବାରୁ ଭୂତଳଜଳ ସମ୍ପଦର ସୁରକ୍ଷା ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଆନୁଷ୍ଠାନିକ ଭାବେ ସର୍ଭେକାର୍ଯ୍ୟ ଶେଷ ହୋଇଛି। ସ୍ୱର୍ଗଦ୍ୱାର ଜମି ଦୁର୍ନୀତି ସମ୍ପର୍କରେ ପଚାରିବାରୁ ସେ କହିଲେ ମାମଲା କୋର୍ଟରେ ବିଚାରାଧୀନ ଥିବାରୁ ଏବେ କିଛି କହିବା ଠିକ୍ ହେବନାହିଁ। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଯାହା ନିର୍ଦ୍ଦେଶ ଦେବେ ତାହାକୁ ପାଳନ କରାଯିବ। କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ଉମା ଭାରତୀ ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ସହ ଗୋବର୍ଦ୍ଧନ ମଠକୁ ଯାଇଥିଲେ।

















(୧) ଭୁବନେଶ୍ୱର ବିମାନବନ୍ଦର ବାହାରେ ଅମିତ ଶାହା
(୨) ପ୍ରଧାନମନ୍ତ୍ରୀଙ୍କ ରୋଡ ଶୋ'
(୩) ମୋଦି ମାନିଆରେ ରାଜଧାନୀବାସୀ
(୪) ପାରମ୍ପରିକ ପୋଷାକରେ ମୋଦିଙ୍କୁ ସ୍ୱାଗତ
(୫) ସେବାୟତଙ୍କ ସହ ଲିଙ୍ଗରାଜ ମନ୍ଦିରରେ ପ୍ରଧାନମନ୍ତ୍ରୀ
(୬) ଅମିତଙ୍କ ସହ ପ୍ରତାପ ଷଡଙ୍ଗୀ ଓ କେ.ବି. ସିଂହଦେଓ
(୭) ଲୋକଙ୍କୁ ଅଭିବାଦନ ଜଣାଇଲେ ମୋଦି

## ଖବର କିଛିକିଛି

- **ଭୁବନେଶ୍ୱର :** ଓଡ଼ିଆ ନବବର୍ଷ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓଡ଼ିଆରେ ଟ୍ୱିଟ୍ କରି ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିରେ ସମସ୍ତେ ଓଡ଼ିଆ ଓ ଓଡ଼ିଶାକୁ ପ୍ରଶଂସା କରିବା ସହିତ ମହାବିଷୁବ ସଂକ୍ରାନ୍ତି ପାଇଁ ମଧ୍ୟ ଅଭିନନ୍ଦନ ଜଣାଇଥିଲେ।
- **ଜୟପୁର :** ଲାଞ୍ଚ ନେବା ଅଭିଯୋଗରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ଏସ୍‌ଡିଓ ଦେବୀପ୍ରସାଦ ବିଶ୍ୱାସରାୟ ଭିଜିଲାନ୍ସ ଜାଲରେ ଧରାପଡ଼ିଛନ୍ତି। ଏକ ବିଲ୍ ପାସ୍ କରାଇବାକୁ କହି ଜଣେ ଠିକାଦାରଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ସେ ଧରାପଡ଼ିଛନ୍ତି।
- **କୋରାପୁଟ/ରାୟଗଡ଼ା :** ଉଭୟ କୋରାପୁଟ ଓ ରାୟଗଡ଼ ଜିଲ୍ଲାରେ ମାଓବାଦୀଙ୍କ ଧମକପୂର୍ଣ୍ଣ ପୋଷ୍ଟର ଦେଖିବାକୁ ମିଳିଛି। କୋରାପୁଟ ଜିଲ୍ଲାର ବନ୍ଧୁଗାଁ ଅଞ୍ଚଳରେ ଶହଶହ ଏକର ଚାଷଜମିରେ ପୋଷ୍ଟର ଲଗାଇ ଆଦିବାସୀଙ୍କୁ ତାଙ୍କ ଜମି ଫେରାଇବାକୁ ଧମକ ଦିଆଯାଇଥିବା ବେଳେ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ଅଞ୍ଚଳରେ ଲାଗିଥିବା ପୋଷ୍ଟରରେ ବେଦାନ୍ତ ପାର୍ଶ୍ୱବର୍ତ୍ତୀ ରାସ୍ତା ପ୍ରଶସ୍ତିକରଣକୁ ବିରୋଧ କରାଯାଇଛି।
- **ମାଲକାନଗିରି :** ପଞ୍ଚାୟତ ନିର୍ବାଚନ ସମୟରେ ବାରାଗାଁର ୱାର୍ଡମେମ୍ବରଙ୍କ ସ୍ୱାମୀଙ୍କୁ ହତ୍ୟା ଘଟଣାରେ ପୋଲିସ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଗତ ଫେବୃଆରୀ ୨ ତାରିଖରେ ୱାର୍ଡମେମ୍ବର ପାର୍ବତୀ ଦୁରୁଆ (୨୫)ଙ୍କ ସ୍ୱାମୀ ଦାଶରୁ (୨୭)ଙ୍କୁ ଏମାନେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା।
- **ମୁମ୍ବାଇ :** ହେମାଙ୍କୁ ନେଇ ବିବାଦୀୟ ବୟାନ ଦେଇ ବିବାଦରେ ଛନ୍ଦି ହୋଇଛନ୍ତି ମହାରାଷ୍ଟ୍ରର ଜଣେ ସ୍ୱାଧୀନ ବିଧାୟକ। ହେମାମାଳିନୀ ଦୈନିକ ପ୍ରଚୁର ମଦ ପିଉଥିବା ଭଳି ମନ୍ତବ୍ୟ ଦେଇ ବିଧାୟକ ଓମ୍‌ପ୍ରକାଶ ବାବାରାଓ କାଦୁ ଏଭଳି ବିବାଦରେ ଫସିଯାଇଛନ୍ତି।
- **ତ୍ରାସାରଗୋଡ୍ :** ଆଇଏସ୍‌ରେ ସାମିଲ ହୋଇଥିବା କେରଳର ଜଣେ ଯୁବକ ଆଫଗାନିସ୍ତାନରେ ଆମେରିକାର ଡ୍ରୋନ୍ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ମୃତକଜଣକ ହେଲେ ପଦ୍‌ନା ଜିଲ୍ଲାର ମୁର୍ସିଦ ମହମ୍ମଦ।
- **ନୂଆଦିଲ୍ଲୀ :** ଶ୍ରୀନଗର ଏକ ପୋଲିଂ ବୁଥରୁ ଡ୍ୟୁଟି ସାରି ଗତ ୯ ତାରିଖରେ ଫେରୁଥିବା ସିଆରପିଏଫ୍ ଯବାନମାନଙ୍କୁ ମାଡ଼ ମାରୁଥିବା ଅଭିଯୋଗରେ ୩ ଜଣଙ୍କୁ ପୋଲିସ ଗିରଫ କରିଛି।
- **ଚଣ୍ଡୀଗଡ଼ :** ପଞ୍ଜାବର ଏକ ୮ ବର୍ଷର ଶିଶୁର ଓଜନ ଅସ୍ୱାଭାବିକ ଭାବରେ ବୃଦ୍ଧି ପାଇ ଏବେ ୨୦ କିଲୋରେ ପହଞ୍ଚିଛି। ଯାହା ତାଙ୍କ ପରିବାରର ଚିନ୍ତାକୁ ବଢ଼ାଇଦେଇଛି।
- **ପୁରୀ :** ସଦରଥାନା ଅନ୍ତର୍ଗତ ଚାରିନଳା ଜେନାସାହିର ବାନା ଭୋଇ (୬୦)ଙ୍କୁ ହତ୍ୟା କରିବା ଅଭିଯୋଗରେ ପୋଲିସ ତାଙ୍କ ପୁତ୍ର କଣ୍ଢିଆ (୨୯)କୁ ଗିରଫ କରିଛି।
- **ଭୁବନେଶ୍ୱର :** ରାଜଧାନୀରେ ବିଭିନ୍ନ ସମୟରେ ଅପରାଧିକ ଷଡ଼ଯନ୍ତ୍ରରେ ଲିପ୍ତ ଥିବା ଦୁଇ ଅପରାଧୀ ଅନୀଲ ଦାସ ଓ ସନ୍ତୋଷ ନାୟକ (ସନ୍ତୁ)କୁ ପୋଲିସ ଗିରଫ କରିଛି।
- **ନୂଆଦିଲ୍ଲୀ :** 'ଚାମ୍ପିୟନ୍' ମ୍ୟୁଜିକ୍ ଭିଡିଓ ପରେ ୱେଷ୍ଟଇଣ୍ଡିଜ୍ ଷ୍ଟାର ଅଲ୍‌ରାଉଣ୍ଡର ଡ୍ୱେନ୍ ବ୍ରାଭୋ ଏବେ ଏକ ନୂଆ ଭିଡିଓ ଆଲ୍‌ବମ୍ 'ଟ୍ରିପ୍ ଅଭି ବାକି ହେଁ'ର ଟାଇଟଲ୍ ଟ୍ରାକ୍‌ରେ ଦେଖାଦେଇଛନ୍ତି।
- **ରୁପ;ଦଭଷ :** ଭାରତ-ଇସ୍ରାଏଲ ମଧ୍ୟରେ ଦୁଇ ବିଲିୟନ୍ ଡଲାର ମୂଲ୍ୟର କ୍ଷେପଣାସ୍ତ୍ର ରାଜିନାମା ସ୍ୱାକ୍ଷର ହୋଇଛି। ଏହାଦ୍ୱାରା ଇସ୍ରାଏଲ ଭାରତକୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଯୋଗାଇଦେବ ବୋଲି ଜଣାପଡ଼ିଛି।

### ସୁଲତାନ ଅଫ୍ ଜୋହର କପ୍ ହକି

# ପାକିସ୍ତାନ ପାଇଁ ଓହରିଲା ଭାରତ



**ନୂଆଦିଲ୍ଲୀ :** ଆସନ୍ତା ଅକ୍ଟୋବରରେ ମାଲେସିଆରେ ୨୧ ବର୍ଷରୁ କମ୍ ସୁଲତାନ ଜୋହର କପ୍ ହକି ଟୁର୍ଣ୍ଣାମେଣ୍ଟର ସପ୍ତମ ସଂସ୍କରଣ ଆୟୋଜିତ ହେବାକୁ ଯାଉଛି। ତେବେ ଭାରତ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଏହି ଟୁର୍ଣ୍ଣାମେଣ୍ଟରୁ ଓହରିଯାଇଛି। ପାକିସ୍ତାନ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଥିବାରୁ ଏହାର ପ୍ରତିବାଦରେ ଭାରତ ଓହରି ଯାଇଥିବା ଜଣାପଡିଛି। ୨୦୧୪ରେ ଭୁବନେଶ୍ୱରରେ ଚାମ୍ପିଅନ୍ସ ଟ୍ରଫି ଖେଳାଯାଉଥିବା ବେଳେ ପାକ୍ ଖେଳାଳି ପଡିଆରେ ଯେଉଁଳି ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ, ତାହାକୁ କେନ୍ଦ୍ରକରି ହକି ଇଣ୍ଡିଆ କର୍ତ୍ତୃପକ୍ଷ ଏଭଳି ନିଷ୍ପତ୍ତି ନେଇଛନ୍ତି। ଏହି ଘଟଣା ପାଇଁ ପାକ୍ ଖେଳାଳି ଓ ପାକ୍ ହକି ଫେଡେରେସନ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିବାକୁ ଭାରତ ଦାବି କରି ଆସୁଥିଲେ ସୁଦ୍ଧା ପାକିସ୍ତାନ ଏଥିପ୍ରତି କର୍ଣ୍ଣପାତ କରୁନାହିଁ। ଏହାର ପ୍ରତିବାଦରେ ଭାରତ ୨୦୧୬ରେ ସୁଲତାନ ଜୋହର କପ୍‌ରୁ ଓହରି ଯାଇଥିଲା। ଆନ୍ତର୍ଜାତିକ ହକି ଫେଡେରେସନ (ଏଫ୍‌ଆଇଏଚ୍) ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରୁନଥିବାବେଳେ ମାଲେସିଆ ହକି ଫେଡେରେସନ ପକ୍ଷରୁ ବିଭିନ୍ନ ରାଷ୍ଟ୍ରକୁ ଆମନ୍ତ୍ରଣ କରାଯାଇ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଆସୁଛି। ଭାରତର ଏଭଳି ଆଭିମୁଖ୍ୟ ସତ୍ତ୍ୱେ ମାଲେସିଆ ହକି ଫେଡେରେସନ ପାକିସ୍ତାନ ଦଳକୁ ଆମନ୍ତ୍ରଣ କରୁଥିବାରୁ ହକି ଇଣ୍ଡିଆ କ୍ଷୋଭପ୍ରକାଶ କରିଛି। ପାକିସ୍ତାନ ପକ୍ଷରୁ କ୍ଷମାପ୍ରାର୍ଥନା କରାନଯିବା ପର୍ଯ୍ୟନ୍ତ ଭାରତ ସେମାନଙ୍କ ବିପକ୍ଷରେ କୌଣସି ଟୁର୍ଣ୍ଣାମେଣ୍ଟ ଖେଳିବ ନାହିଁ ବୋଲି ଗତ ଜାନୁଆରୀରେ ହକି ଇଣ୍ଡିଆ କର୍ତ୍ତୃପକ୍ଷ ରୋକ୍‌ଠୋକ୍ ନିଷ୍ପତ୍ତି ନେଇଛନ୍ତି। ଗତବର୍ଷ ଲକ୍ଷ୍ନୌରେ ଜୁନିୟର ବିଶ୍ୱକପ ହକି ଆୟୋଜିତ ହୋଇଥିଲା। ଏହା ଏଫ୍‌ଆଇଏଚ୍ ଟୁର୍ଣ୍ଣାମେଣ୍ଟ ହୋଇଥିବାରୁ ପାକିସ୍ତାନର ଅଂଶଗ୍ରହଣକୁ ଭାରତ ସିଧାସଳଖ ବିରୋଧ କରିପାରିନଥିଲା। ତେବେ ପାକ୍ ଖେଳାଳିଙ୍କୁ ଭିସା ପ୍ରଦାନରେ ବିଳମ୍ବ ଘଟିବାରୁ ପାକିସ୍ତାନ ଶେଷ ମୁହୂର୍ତ୍ତରେ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇପାରି ନଥିଲା। ୨୦୧୧ରୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଆସୁଛି। ଭାରତ ୨୦୧୩ ଓ ୨୦୧୪ରେ ଚାମ୍ପିଅନ ହୋଇଥିବା ବେଳେ ୨୦୧୨ ଓ ୨୦୧୫ରେ ରନର୍ସଅପ ହୋଇଥିଲା।

# ଭୁବନେଶ୍ୱର ଆସିବେ ଆଇଏଏଏଫ୍ ମୁଖ୍ୟ

**ନୂଆଦିଲ୍ଲୀ :** ଜୁଲାଇ ୬ରୁ ୯ ପର୍ଯ୍ୟନ୍ତ ଭୁବନେଶ୍ୱରରେ ୨୨ତମ ଏସିଆନ ଆଥଲେଟିକ୍ସ ଚାମ୍ପିଅନସିପ୍ ହେବ। ଏଥିପାଇଁ ଡିଷ୍ଟାନ୍ସ ରନିଂ ଲିଜେଣ୍ଡ ତଥା ଇଣ୍ଟରନ୍ୟାସନାଲ ଆସୋସିଏସନ ଅଫ୍ ଆଥଲେଟିକ୍ସ ଫେଡେରେସନ (ଆଇଏଏଏଫ୍) ମୁଖ୍ୟ ସେବାଷ୍ଟିଆନ କୋ ଭୁବନେଶ୍ୱର ଆସିବେ। ଆଥଲେଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ସଭାପତି ଅଦିଲି ସୁମାରିୱାଲାଙ୍କ ଆମନ୍ତ୍ରଣକ୍ରମେ କୋ ଭାରତ ଆସିବା ପାଇଁ ରାଜି ହୋଇଥିବା ପ୍ରକାଶ ଏପ୍ରିଲ ୧୨ରୁ ୧୩ ଲଣ୍ଡନଠାରେ ଆଇଏଏଏଫ୍‌ର ୨୦୯ ତମ କାଉନ୍‌ସିଲ ବୈଠକ ବସିଥିଲା। ସେ ସମୟରେ ଏଏଫ୍‌ଆଇ ସଭାପତିଙ୍କ ଅନୁରୋଧକୁ କୋ ଗ୍ରହଣ କରିଥିଲେ। ବ୍ରିଟେନର କୋ ୧୫୦୦ ମିଟର ଦୌଡରେ ଉଭୟ ୧୯୮୦ ମସ୍କୋ ଅଲିମ୍ପିକ୍ସ ଓ ୧୯୮୪ ଲସ୍‌ଏଞ୍ଜେଲ୍ସ ଗେମ୍ସରେ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଭୁବନେଶ୍ୱରରେ ହେବାକୁଥିବା ୨୦୧୭ ଏସିଆନ୍ ଆଥଲେଟିକ୍ସ ଚାମ୍ପିଅନ୍‌ସିପ୍‌ରେ ଅତିଥି ଭାବେ ଯୋଗଦେବାକୁ ସେ ରାଜି ହୋଇଛନ୍ତି।

# ଭାରତକୁ ଆବଶ୍ୟକ ସମର୍ପିତ ବୋଲିଂ କୋଚ୍ : ଉମେଶ

**ବେଙ୍ଗାଲୁରୁ :** ଭାରତୀୟ କ୍ରିକେଟ୍ ଦଳରେ ବର୍ତ୍ତମାନ ବହୁସଂଖ୍ୟକ ଯୁବ ତଥା ପ୍ରତିଭାସମ୍ପନ୍ନ ଦ୍ରୁତ ବୋଲର ଅଛନ୍ତି ତେବେ ସେମାନଙ୍କୁ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ପ୍ରଦାନ ନିମନ୍ତେ ସମର୍ପିତ ବୋଲିଂ କୋଚ୍‌ଙ୍କ ଆବଶ୍ୟକତା ରହିଛି ବୋଲି ମତ ଦେଇଛନ୍ତି ପ୍ରମୁଖ ଦ୍ରୁତ ବୋଲର ଉମେଶ ଯାଦବ। ଆଘାତଜନିତ ସମସ୍ୟାରୁ ମୁକୁଳିବା ପରେ କ୍ରିକେଟ୍ ଗ୍ରାଉଣ୍ଡରେ ନିଜ ଦ୍ରୁତ ବୋଲିଂ, ସଠିକ୍ ଲାଇନ୍-ଲେନ୍ଥ ଆଦି ଦ୍ୱାରା ପ୍ରତିପକ୍ଷ ବ୍ୟାଟସମ୍ୟାନ୍‌ଙ୍କୁ ହଇରାଣରେ ପକାଉଥିବା ଉମେଶ ଯାଦବଙ୍କୁ ଇତିମଧ୍ୟରେ ଅଷ୍ଟ୍ରେଲିଆର ପୂର୍ବତନ ଦ୍ରୁତ ବୋଲର ବ୍ରେଟ୍ ଲି ପ୍ରଶଂସା କରି ସାରିଛନ୍ତି। ଏ ସଂପର୍କରେ ସାମ୍ବାଦିକଙ୍କ ସହ ଆଲୋଚନା କାଳରେ ଯାଦବ କହିଥିଲେ ଭାରତୀୟ ଦଳରେ ବର୍ତ୍ତମାନ ଯୁବ ଏବଂ ପ୍ରତିଭା ସମ୍ପନ୍ନ ଦ୍ରୁତ ବୋଲରଙ୍କ ଅଭାବ ନାହିଁ। ମହମ୍ମଦ ସାମି, ବୁମରା, ଇଶାନ୍ତ ଶର୍ମା, ଭୁବନେଶ୍ୱର କୁମାର ପ୍ରମୁଖ ବର୍ତ୍ତମାନ ଯେଉଁଳି ପ୍ରଦର୍ଶନ କରୁଛନ୍ତି ସେଥିରୁ ଭାରତର ଦ୍ରୁତ ବୋଲିଂ ବିଭାଗ ବିଶ୍ୱର ଯେକୌଣସି ବ୍ୟାଟିଂ ଲାଇନ୍‌କୁ ଧ୍ୱସ୍ତବିଧ୍ୱସ୍ତ କରିବାକୁ ସକ୍ଷମ।



**କେନ୍ଦ୍ରାପଡ଼ା :** ଚାନ୍ଦୋଳ କଲେଜରେ ପଢୁଥିବା ଜଳାପୋକ ଗ୍ରାମ ପଞ୍ଚାୟତ ଅଧିନ ଶୁତିପୁର ଗାଁର ଜନୈକ ଛାତ୍ର ବାଲିଟ୍ରକ ତଳେ ଚାପି ହୋଇ ମୃତ୍ୟୁବରଣ କରିବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ବାସୁଦେବପୁର-ଶ୍ୟାମସୁନ୍ଦରପୁର ରାସ୍ତାରେ ଦିନବେଳା ବାଲିଟ୍ରକ ଚଳାଚଳ କରୁଥିବାରୁ ନିୟମିତ ଦୁର୍ଘଟଣା ଘଟୁଥିବା ଜଣାପଡିଛି। ଏଣୁ ସ୍ଥାନୀୟ ବିଜେପି ନେତା ଇଂ. ମାନସ ରଞ୍ଜନ ମହାନ୍ତି ଘଟଣା ସ୍ଥଳରେ ପହଞ୍ଚିବା ସହ ଛାତ୍ରମାନଙ୍କୁ ବୁଝାସୁଝା କରିଥିଲେ। ଏହି ରାସ୍ତାରେ ଦିନବେଳା ବାଲିଟ୍ରକ ଚଳାଚଳ ନ କରି ରାତ୍ର ବେଳା ଚଳାଚଳ କରିବାକୁ ପ୍ରଶାସନ ନିକଟରେ ଇଂ. ମହାନ୍ତି ଦାବି କରିଛନ୍ତି।





# ବିକିନିକୁ ସାରାଙ୍କ ନା

ଅମ୍ରିତା ସିଂହ-ସୈଫ୍‌ଅଲ୍ଲୀ ଖାନ୍‌ଙ୍କ ଝିଅ ସାରା ଅଲ୍ଲୀ ଅଭିନୟ ବେଳେ ବିକିନି ପିନ୍ଧିବେନି। ନିଜ ରୂପ ବଳରେ ନୁହେଁ, ବରଂ ନିଜ ଅଭିନୟ ବଳରେ ସେ ପ୍ରତିଷ୍ଠିତ ହୋଇପାରିବେ ବୋଲି ତାଙ୍କ ମା' ଅମୃତା ସିଂହ ପ୍ରକାଶ କରିଛନ୍ତି। ସାରା ଷ୍ଟୁଡେଣ୍ଟ ଅଫ୍ ଦି ଇୟର-୨ରେ ଅଭିନୟ କରୁଛନ୍ତି। ଏହି ସିନେମାରେ ତାଙ୍କର ୩ଟି ବିକିନି ପିନ୍ଧା ସିନ୍ ରହିଛି ବୋଲି ଗଣମାଧ୍ୟମରେ ଚର୍ଚ୍ଚା ହେବା ପରେ ଏ ନେଇ ତାଙ୍କ ମା' ଅମୃତା ସିଂହ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ସାରା ପଟୌଦି ପରିବାରର ମହିଳାଙ୍କ ଭଳି ନୁହେଁ, ନିଜ ଭଳି କ୍ୟାରିୟର ଗଢ଼ନ୍ତୁ। ସୂଚନାଯୋଗ୍ୟ ଯେ ପଟୌଦୀ ପରିବାରର ଶର୍ମିଳା ଟାଗୋର, ସୋହା ଅଲ୍ଲୀ ଖାନ୍ ଓ କରୀନା କପୁର; ଏମାନେ ସମସ୍ତେ ବିକିନି ପିନ୍ଧି ସିନେମାରେ ଅଭିନୟ କରିସାରିଛନ୍ତି।



ଓଡିଆ ନବବର୍ଷ ଓ ପବିତ୍ର ପଣାସଂକ୍ରାନ୍ତି ଅବସରରେ କେନ୍ଦୁଝର ଜିଲ୍ଲାବାସୀ, ରାଜ୍ୟବାସୀ ଓ ଦେଶବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ। କଲ୍ୟାଣମୟୀ ମା' ଜଗତ୍ ଜନନୀ ସବୁରି ମନରେ ସୁଖ ଓ ଶାନ୍ତ ଭରିଦିଅନ୍ତୁ। ମା' ଜଗତ୍ ଜନନୀଙ୍କ ନିକଟରେ ମୋର ପ୍ରାର୍ଥନା।



ସନାତନ ମହାକୁଡ
ମ୍ୟାନେଜିଂ ପାର୍ଟନର
ଜଗତ୍ ଜନନୀ ସର୍ଭିସେସ୍
ନମ୍ବିରା,ବାମେବାରୀ
କେନ୍ଦୁଝର

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି